ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ସୋମବାର ୦୬ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 May 2024
Vol.No. 35 ■ No.121 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ‘ସଂକଳ୍ପ ପତ୍ର’ ଉନ୍ମୋଚନ କଲେ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା





ଭୁବନେଶ୍ୱର, ୦୫/୫ (ନି.ପ୍ର): ଆଜି ଉନ୍ମୋଚିତ ହୋଇଛି ବିଜେପି ସଂକଳ୍ପପତ୍ର। ରାଜ୍ୟ ବିଜେପି ନିର୍ବାଚନ ଇସ୍ତାହାର ‘ସଂକଳ୍ପପତ୍ର’ ଉନ୍ମୋଚନ କରିଛନ୍ତି ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା। ‘ସଂକଳ୍ପପତ୍ର’ରେ ମହିଳାଙ୍କ ପାଇଁ ବଡ଼ ଘୋଷଣା କରାଯାଇଛି। ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେବ ‘ସୁଭଦ୍ରା’ ଯୋଜନା। ଏହି ଯୋଜନାରେ ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କା ମିଳିବ ବୋଲି ଘୋଷଣାରେ ଉଲ୍ଲେଖ କରାଯାଇଛି। ‘ସଂକଳ୍ପପତ୍ର’ ଉନ୍ମୋଚନ ପରେ ଜେପି ନଡ୍ଡା କହିଛନ୍ତି, ଗତ ୧୦ ବର୍ଷରେ ରାଜନୀତିର ସଂସ୍କୃତି ବଦଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜନୀତିର ସଂସ୍କୃତି ବଦଳିଛି। ନିର୍ବାଚନୀ ଇସ୍ତାହାରର ଗରିମା ଓ ମହତ୍ୱ ବଢ଼ି ଯାଇଛି। ପୂର୍ବ ସରକାର ସମୟରେ ଇସ୍ତାହାର ଏକ ଦେଖାଣିଆ ଥିଲା। ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ସେମାନେ ଭୁଲି ଯାଉଥିଲେ। ଏବେ ମୋଦି ସରକାରଙ୍କ ସଂକଳ୍ପ ‘ଯାହା କହିଛୁ, କରି ଦେଖାଇଛୁ’। ଯାହା କହିଛୁ କରିଛୁ, ଯାହା କହୁଛୁ, ନିଶ୍ଚିତ କରି ଦେଖାଇବୁ। ଦେଶର ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି। ଏବେ ଭାରତର ଅତି ଗରିବଙ୍କ ସଂଖ୍ୟା ୧%ରୁ ମଧ କମ୍ ବୋଲି ନଡ୍ଡା କହିଛନ୍ତି। ଜେପି ନଡ୍ଡା କହିଛନ୍ତି, ଲୋକ ଦାଦନ ପଳାଉଛନ୍ତି। ଏଠାକାର ସରକାରକୁ ଚିନ୍ତା ନାହିଁ। ଚାଷୀଙ୍କୁ ସେମାନଙ୍କ ଫସଲର ଉପଯୁକ୍ତ ମୂଲ୍ୟ ମିଳୁନାହିଁ।ରାଜ୍ୟରେ ବିକାଶ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମହିଳା ନିର୍ଯାତନାରେ ଓଡ଼ିଶା ଦେଶରେ ନମ୍ବର ୱାନ୍ ହୋଇଛି। ରେପ୍, ମର୍ଡରରେ ବିଜୁ ଜନତା ଦଳର ନେତା ସଂପୃକ୍ତ ଅଛନ୍ତି। ବିଜେଡିର ୪୫ରୁ ଅଧିକ ବିଧାୟକ ବିଭିନ୍ନ ଅପରାଧରେ ସଂପୃକ୍ତ ଅଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଏଠାରେ ଆୟୁଷ୍ମାନ ଭାରତ ଲାଗୁ ହେଉନି। ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ହସ୍ପିଟାଲ କୋମାକୁ ଚାଲିଯାଇଛି ବୋଲି ନଡ୍ଡା କହିଛନ୍ତି। ନଡ୍ଡା ଆହୁରି କହିଛନ୍ତି, ଆଜି ଓଡ଼ିଶା କେବଳ ଜଗନ୍ନାଥଙ୍କ କୃପାରୁ ଚାଲିଛି। ‘ସଂକଳ୍ପରୁ ସିଦ୍ଧି’ ହିଁ ଆମର ଲକ୍ଷ୍ୟ। ଏଠାର ବିଜେଡିର ସର୍ବବ୍ୟାପ୍ତ ଦୁର୍ନୀତିକୁ ଆମେ ସମାପ୍ତ କରିବୁ। ଦୁର୍ନୀତି ନେଇ ଶୂନ୍ୟ ସହନଶୀଳ ନୀତି ପ୍ରଣୟନ କରିବୁ। ଯାହାର ପଇସା ଯାଇଛି, ନିଶ୍ଚିତ ଆଦାୟ କରିବୁ। ଚିଟ୍‌ଫଣ୍ଡ ପଇସା ୧୮ ମାସ ମଧ୍ୟରେ ଆମେ ଫେରାଇବୁ। ଖଣିଜରୁ ମିଳୁଥିବା ଲାଭ ଓଡ଼ିଶାର ବିକାଶ ପାଇଁ ଲଗାଇବୁ। ଚାଷୀଙ୍କ ପାଇଁ ସମୃଦ୍ଧ କୃଷକ ନୀତି କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣିବୁ। ଚାଷୀଙ୍କୁ ଧାନ କ୍ରୟର ୪୮ ଘଣ୍ଟା ମଧ୍ୟରେ ପଇସା ମିଳିଯିବ। କଟନୀ ଛଟନୀ ସଂପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ନଡ୍ଡା କହିଛନ୍ତି। ଘୋଷଣାପତ୍ରରେ ମହିଳାଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ନଡ୍ଡା। ସେ କହିଛନ୍ତି, ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯିବ। ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର ମିଳିବ। ୨ ବର୍ଷ ମଧ୍ୟରେ ଏନ୍‌କ୍ୟାସ କରିବେ। ପ୍ରତି ବଡ଼ ସହରରେ ଓଡ଼ିଶା ଭବନ ନିର୍ମାଣ କରାଯିବ। ଆଗାମୀ ୩ ବର୍ଷ ମଧ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବୁ। ସାରା ରାଜ୍ୟରେ ବିଶ୍ୱସ୍ତରୀୟ ରାସ୍ତା ନିର୍ମାଣ କରାଯିବ। ରାଜଧାନୀରୁ ଗାଁ ପର୍ଯ୍ୟନ୍ତ ୭୫ ହଜାର କିମି ରାସ୍ତା ନିର୍ମାଣ ହେବ। ୨୦୨୯ ମଧ୍ୟରେ ୩.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ବୋଲି ନଡ୍ଡା କହିଛନ୍ତି। ଶ୍ରୀ ନଡ୍ଡା ଆହୁରି କହିଛନ୍ତି, ବିଜେପି କ୍ଷମତାକୁ ▶▶ପୃଷ୍ଠା ୭

## ରାମଲଲାଙ୍କୁ ଦର୍ଶନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୦୫/୫ : ଅଯୋଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସାରା ଦେଶରେ ଏବେ ପ୍ରଚାର କାର୍ଯ୍ୟକ୍ରମ ଜୋରଦାର ହୋଇଥିବା ବେଳେ ଏହାରି ଭିତରେ ଆଜି ଅଯୋଧ୍ୟା ରାମମନ୍ଦିର ଯାଇ ରାମଲଲାଙ୍କ ଦର୍ଶନ କରିଛନ୍ତି ମୋଦି। ଆଜି ରାମଲଲାଙ୍କୁ ଦର୍ଶନ କରିବା ସହ ମନ୍ଦିରରେ ଆଳତୀ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହାପରେ ଅଯୋଧ୍ୟାରେ ଏକ ବିଶାଳ ରୋଡ ସୋରେ ଯୋଗ ଦେଇଥିଲେ। ଜାନୁଆରୀ ୨୨ ତାରିଖରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ମୋଦିଙ୍କ ଏହା ପ୍ରଥମ ଅଯୋଧ୍ୟା ଗସ୍ତ ଥିଲା। ମୋଦିଙ୍କ ଗସ୍ତ ପାଇଁ ଅଯୋଧ୍ୟାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଗ୍ରହଣ କରାଯାଇଥିଲା।

## ବିଜେପିରେ ମିଶିଲେ ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ



ଭୁବନେଶ୍ୱର, ୦୫/୫ (ନି.ପ୍ର): ବିଜେପିରେ ଯୋଗଦେଇଛନ୍ତି ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ। ସେ ଏପ୍ରିଲ ୩ ତାରିଖରେ କଂଗ୍ରେସ ଛାଡିଥିଲେ। ୧୯୯୦ ମସିହାରେ ଜନତା ଦଳରୁ ବିଧାୟକ ହୋଇଥିଲେ ଯଜ୍ଞେଶ୍ୱର। ତା’ପରେ ବିଜେଡିରେ ସାମିଲ ହୋଇ ବିଭିନ୍ନ ପଦପ ଦବୀରେ ରହିଥିଲେ। ଯଜ୍ଞେଶ୍ୱରବାବୁ କିଛି ବର୍ଷ ତଳେ ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। କିନ୍ତୁ ଆଜି ସେ ବିଜେପିରେ ଯୋଗଦେଇଛନ୍ତି। ବଲାଙ୍ଗିର ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଉପସ୍ଥିତିରେ ସେ ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କ ସହିତ ଶତାଧିକ ସହଯୋଗୀ ମଧ୍ୟ ବିଜେପିରେ ଯୋଗଦେଇଛନ୍ତି। ଆଗାମୀ ଦିନରେ ଦେଓଗାଁ ଚିନି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବିଜେପିରେ ସାମିଲ ହୋଇଥିବା ଯଜ୍ଞେଶ୍ୱର କହିଛନ୍ତି। ଅନ୍ୟପଟେ ଯଜ୍ଞେଶ୍ୱର ବାବୁଙ୍କ ଯୋଗଦାନ ଜିଲ୍ଲା ବିଜେପିକୁ ଆହୁରି ମଜବୁତ କରିବ ବୋଲି କହିଛନ୍ତି ସାଂସଦ ସଂଗୀତା ସିଂହଦେଓ।

## ଜଳିଗଲା ସପିଙ୍ଗ୍ ମଲ୍

ଆନନ୍ଦପୁର, ୦୫/୫ (ନି.ପ୍ର): ଆନନ୍ଦପୁରରେ ଏକ ସପିଙ୍ଗ୍ ମଲ୍‌ରେ ଲାଗିଲା ନିଆଁ। ହୁତୁହୁତୁ ହୋଇ ଜଳିଗଲା ସବୁ ସାମଗ୍ରି। ନିଆଁ ଲିଭାରେ ୪ଟି ଅଗ୍ନିଶମ ଗାଡ଼ି ନିୟୋଜିତ ହୋଇଥିଲା। ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଇଛି। ସପିଙ୍ଗ୍ ମଲ୍‌ରେ ଥିବା ସମସ୍ତ କର୍ମଚାରିଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ସୂଚନା ଆନୁସାରେ ଆନନ୍ଦପୁରରେ ଥିବା ରିଲିଆନ୍ସ ଟ୍ରେଣ୍ଡରେ ଆଜି ସନ୍ଧ୍ୟାରେ କୌଣସି କାରଣରୁ ନିଆଁ ଲାଗି ଯାଇଛି। ସପିଙ୍ଗ୍ ମଲରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇ ଥିବା ଅଭିଯୋଗ ହୋଇଛି। ଖବର ପାଇ ସଙ୍ଗେ ସଙ୍ଗେ ଦମକଳ ବାହିନି ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲା ହେଲେ ଅଗ୍ନିକାଣ୍ଡ ଏତେ ଭୟଙ୍କର ହୋଇଥିଲା ଯେ ▶▶ପୃଷ୍ଠା ୭

## ୨୧ ଦିନରେ ପହଞ୍ଚିଲା ଗ୍ରୀଷ୍ମ ପ୍ରବାହ: ଆଜି ଟିଟିଲାଗଡ଼ ଉତ୍ତପ୍ତ ସହର



ଭୁବନେଶ୍ୱର, ୦୫/୫ (ନି.ପ୍ର): ୨୧ ଦିନରେ ପହଞ୍ଚିଲା ଗ୍ରୀଷ୍ମ ପ୍ରବାହ। ଏପ୍ରେଲ୍ ୧୫ ତାରିଖରୁ ଆଜି ଯାଏଁ ଅର୍ଥାତ ମେ ୫ ତାରିଖ ପର୍ଯ୍ୟନ୍ତ ଲଗାତାର ୨୧ ଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ସେପଟେ ଆଜି ତାତିର ସହର ଟିଟିଲାଗଡ଼ ପାଲଟିଛି ଉତ୍ତପ୍ତ ସହର। ଏଠାରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବୌଦ୍ଧରେ ୪୪.୬ ଡିଗ୍ରୀ, ନୂଆପଡ଼ାରେ ୪୪.୪ ଡିଗ୍ରୀ, ବଲାଙ୍ଗିରରେ ୪୪.୪ ଡିଗ୍ରୀ, ଭବାନୀପାଟଣାରେ ୪୪ ଡିଗ୍ରୀ, ବାରିପଦାରେ ୪୩.୫ ଡିଗ୍ରୀ, ସୋନପୁରରେ ୪୩.୫ ଡିଗ୍ରୀ, ସମ୍ବଲପୁରରେ ୪୩.୪ ଡିଗ୍ରୀ, ନୟାଗଡ଼ରେ ୪୩ ଡିଗ୍ରୀ, କେନ୍ଦୁଝରରେ ୪୩ ଡିଗ୍ରୀ, ସୁନ୍ଦରଗଡ଼ରେ ୪୩ ଡିଗ୍ରୀ, ଅନୁଗୋଳରେ ୪୨.୯ ଡିଗ୍ରୀ,ଫୁଲବାଣୀରେ ୪୨.୬ ଡିଗ୍ରୀ, ରାଉରକେଲାରେ ୪୨.୬ ଡିଗ୍ରୀ, ତାଳଚେରରେ ୪୨.୪ ଡିଗ୍ରୀ, ହୀରାକୁଦରେ ୪୨.୧ ଡିଗ୍ରୀ, ମାଲକାନଗିରିରେ ୪୨ ଡିଗ୍ରୀ, ▶▶ପୃଷ୍ଠା ୭

## ଆଇପିଏସ ଆଶିଷ ସିଂଙ୍କ ବିରୋଧରେ ବିଜେପି ଇସିଆଇରେ ଫେରାଦ



ଭୁବନେଶ୍ୱର, ୦୫/୫ (ନି.ପ୍ର): ଆଇପିଏସ ଆଶିଷ ସିଂଙ୍କ ବିରୋଧରେ ବିଜେପି ଇସିଆଇରେ ଫେରାଦ। ଆପିଏସ୍ ଆଶିଷ ସିଂ ନିର୍ବାଚନ ବେଳେ ଶାସକ ଦଳ ପ୍ରତି ଅନୁକମ୍ପା ଦେଖାଉଥିବା ଅଭିଯୋଗ କରି ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଫେରାଦ ହୋଇଛି କେନ୍ଦ୍ର ବିଜେପି। ଏହା ପୂର୍ବରୁ ମଧ ଆଶିଷଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ଗତ ଏପ୍ରିଲ ୫ ତାରିଖରେ ଇସିଆଇଙ୍କ ନିର୍ଦ୍ଦେଶ କ୍ରମେ ଆଶିଷ ସିଂଙ୍କୁ ସେଣ୍ଟ୍ରାଲ ରେଞ୍ଜ ଓଏ ପଦରୁ ହଟାଯାଇଥିଲା। ପରେ ତାଙ୍କୁ ଉଗଡଂର ଆଇଜି ପଦବୀରେ ଅବସ୍ଥାପିତ କରାଯାଇଥିଲା। ହେଲେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ବି ଶାସକ ଦଳ ପାଇଁ ସେ କାମ ଓ ନିର୍ବାଚନ ବଳେ ବିଜେଡି ନିର୍ବାଚନ ପ୍ରଚାର ପାଇଁ ରଣନୀତି ତିଆରି କରୁଥିବା ଅଭିଯୋଗ ହୋଇଛି।

## ୪ଟି ଟ୍ରକରେ ଯାଉଥିଲା ୨,୦୦୦ କୋଟି ଟଙ୍କା: ମାଡ଼ିବସିଲା ପୁଲିସ



ଆନ୍ଧ୍ରପ୍ରଦେଶ , ୦୫/୫ : ନିର୍ବାଚନ ପ୍ରଚାର ସମୟରେ ଜବତ ହେଉଛି ପୁଳା ପୁଳା ଟଙ୍କା। ଏହିକ୍ରମରେ ଆଜି ଆନ୍ଧ୍ରପ୍ରଦେଶ ପୁଲିସ ୨,୦୦୦ କୋଟି ନଗଦ ଟଙ୍କା ଜବତ କରିବା ସହ ୪ଟି କଣ୍ଟେନରକୁ ଜବତ ରଖିଥିଲା। ଏହି ସବୁ କଣ୍ଟେନର କେରଳରୁ ଆନ୍ଧ୍ରପ୍ରଦେଶକୁ ଯାଉଥିଲା। ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲା ସ୍ଥିତ ପାମିଡ଼ି ଆନ୍ତଃରାଜ୍ୟ ତନଖି ଫାଠକ(ଚେକ୍ ଗେଟ୍) ନିକଟରେ ଯାଞ୍ଚ କରୁଥିଲା ପୁଲିସ। ଏହି ସମୟରେ ୪ଟି କଣ୍ଟେନର ▶▶ପୃଷ୍ଠା ୭

## ଖଣ୍ଡପଡ଼ା ପାଇଁ ମହାମେଣ୍ଟ: ଏକାଠି ହେଲେ ସୌମ୍ୟ-ଅନୁଭବ-ଗୟାଧର



ଭୁବନେଶ୍ୱର, ୦୫/୫ (ନି.ପ୍ର): ନିର୍ବାଚନ ପୂର୍ବରୁ ରୋଚକ ହେଉଛି ଖଣ୍ଡପଡ଼ା ରାଜନୀତି। ଗୋଟିଏ ଛାତ ତଳେ ଦେଖିବାକୁ ମିଳିଛି ବିଜେଡିରୁ ବହିଷ୍କୃତ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ଗୟାଧର ପରିଡ଼ାଙ୍କୁ। ସୋଶାଲ ମିଡିଆ ପ୍ଲାଟଫର୍ମ ଢ’ ରେ ଏକ ଫଟୋ ଶେଆର କରିଛନ୍ତି ଅନୁଭବ ପଟ୍ଟନାୟକ। ଏଥିରେ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଗୟାଧର ପରିଡ଼ାଙ୍କ ସହିତ ସେ ଅଛନ୍ତି। ଏହି ଫଟୋରେ ଲେଖା ହୋଇଛି- ଖଣ୍ଡପଡ଼ା ପାଇଁ ସ୍ୱାଭିମାନର ଲଢ଼େଇ। ମହାମେଣ୍ଟ ବୋଲି ମଧ ସେ ଏଥିରେ ଲେଖିଛନ୍ତି। ଏହା ସହିତ ଅନୁଭବ ଲେଖିଛନ୍ତି- ଆସନ୍ତୁ ଲଢ଼ିବା। ଶ୍ରେଷ୍ଠ ଖଣ୍ଡପଡ଼ା ଗଢ଼ିବା। ଆସନ୍ତୁ ଆମେ ସମସ୍ତେ ଏକାଠି ହେବା। ଗଞ୍ଜେଇ ବେପାରୀ, ହତ୍ୟା ଅଭିଯୁକ୍ତଙ୍କ ଧର୍ମପତ୍ନୀଙ୍କୁ ଖଣ୍ଡପଡ଼ାରେ ହରେଇ ଖଣ୍ଡପଡ଼ା ମାଟିର ଶିକ୍ଷିତ, ଯୋଗ୍ୟ ଯୁବକଙ୍କୁ ଭୋଟ ଦେଇ ଖଣ୍ଡପଡ଼ା ମାଟିରେ ସୁଶାସନ ▶▶ପୃଷ୍ଠା ୭

## ୮ରେ ଆସିବେ ରାଜନାଥ, ୧୨ରେ ପୁଣି ଆସିବେ ଅମିତ ଶାହ



ଭୁବନେଶ୍ୱର, ୦୫/୫ (ନି.ପ୍ର): ମେ’ ୮ ତାରିଖରେ ଓଡ଼ିଶା ଆସିବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ରାୟଗଡ଼ା ଗସ୍ତ କରିବେ। ସେହିପରି ୧୨ ତାରିଖରେ ପୁଣି ଥରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଆସିବେ। ବିଜେପିର ରାଜ୍ୟ ନିର୍ବାଚନ ପ୍ରଭାବରୀ ବିଜୟପାଲ ସିଂହ ତୋମାର ଏହି ସୂଚନା ଦେଇଛନ୍ତି। ନିର୍ବାଚନ ପାଇଁ ବିଜେପିର ତୁଙ୍ଗ ନେତୃତ୍ୱ ଘନ ଘନ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଗତକାଲିଠାରୁ ଓଡ଼ିଶା ଗସ୍ତରେ ଅଛନ୍ତି। ଆଜି ଅପରାହ୍ନରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଓଡ଼ିଶା ଆସୁଛନ୍ତି। ସେହିପରି ଆଜି ରାତିରେ ଆସି ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତାକାଲି ସେ ବ୍ରହ୍ମପୁର ଓ ନବରଙ୍ଗପୁରରେ ନିର୍ବାଚନୀ ସଭାରେ ଯୋଗ ଦେବେ। ମେ’ ୧୦ ଓ ୧୧ ତାରିଖରେ ପ୍ରଧାନମନ୍ତ୍ରୀ ପୁଣି ଓଡ଼ିଶା ଆସିବେ। ୧୦ରେ ସେ ଭୁବନେଶ୍ୱରରେ ରୋଡ୍ ଶୋ’ କରିବାର କାର୍ଯ୍ୟକ୍ରମ ଥିବା ବେଳେ ୧୧ରେ ବଲାଙ୍ଗିରରେ ସାଧାରଣସଭାରେ ଯୋଗ ଦେବେ। ଏପ୍ରିଲ ୨୫ ତାରିଖରେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ସୋନପୁର ଆସି ନିର୍ବାଚନୀ ବିଗୁଲ ବଜାଇଥିଲେ। ତାଙ୍କ ପରେ ଏପ୍ରିଲ ୨୮ ତାରିଖରେ ବିଜେପି ▶▶ପୃଷ୍ଠା ୭

## ଚାକିରି ନାଁରେ ୧୭ ଲକ୍ଷରୁ ଅଧିକ ଟଙ୍କା ଠକିନେଲେ

କେନ୍ଦୁଝର, ୦୫/୫ (ନି.ପ୍ର): ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ। ଏଭଳି ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲାରୁ। ଠକେଇ ଅଭିଯୋଗରେ ଶନିବାର (ଗତକାଲି) ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଜୀବନାନନ୍ଦ ସାମଲ ଓ ଯଶୋବନ୍ତ ସିଂ ସାମଲ ଏଦୁଇ ଜଣଙ୍କ ଘର ହେଉଛି କେଉଁଝର ଜିଲ୍ଲା ଆନନ୍ଦପୁରରେ ହୋଇଥିବା ବେଳେ ଟୁଲୁ ମଲ୍ଲିକଙ୍କ ଘର ପୁରୀ ଜିଲ୍ଲାରେ ବୋଲି ଜଣାପଡ଼ିଛି। ଠକେଇର ଶିକାର ହୋଇଛନ୍ତି କଟକ ଜିଲ୍ଲାର ଚିତ୍ତରଞ୍ଜନ ▶▶ପୃଷ୍ଠା ୭

## ୫ ବିଧାନସଭା ଆସନରେ ପ୍ରାର୍ଥୀ ବଦଳାଇଲା କଂଗ୍ରେସ





ଭୁବନେଶ୍ୱର, ୦୫/୫ (ନି.ପ୍ର): ରାଜ୍ୟର ୫ଟି ବିଧାନସଭା ଆସନରେ ନିଜର ପ୍ରାର୍ଥୀଙ୍କୁ ବଦଳାଇଛି କଂଗ୍ରେସ। ଜଳେଶ୍ୱର, ବରୀ, ଆଠମଲ୍ଲିକ, ଆଠଗଡ଼ ଓ ପୁରୀରେ ବଦଳିଛନ୍ତି ପ୍ରାର୍ଥୀ। ଜଳେଶ୍ୱରରେ ସୁଦର୍ଶନ ଦାସଙ୍କୁ ପ୍ରାର୍ଥୀ କଲା କଂଗ୍ରେସ। ପୂର୍ବରୁ ଦେବୀପ୍ରସନ୍ନ ଚାନ୍ଦଙ୍କ ନାଁ ଘୋଷଣା କରିଥିଲା ଦଳ। ହେଲେ ତାଙ୍କ ଜାଗାରେ ଆଜି ସୁଦର୍ଶନଙ୍କୁ ପ୍ରାର୍ଥୀ କରିଛି ଦଳ। ଗତକାଲି ଦଳରେ ଯୋଗ ଦେଇଥିବା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କୁ ଟିକେଟ ମିଳିଛି। ତାଙ୍କୁ ବରୀରୁ ପ୍ରାର୍ଥୀ କରାଯାଇଛି। ଦଳ ପୂର୍ବରୁ ଏହି ଆସନ ପାଇଁ ଆରତି ଦେଓଙ୍କ ନାଁ ଘୋଷଣା କରିଥିଲା। ଆଠମଲ୍ଲିକରେ ହିମାଂଶୁ ଚାଉଳିଆଙ୍କୁ କଂଗ୍ରେସ ଟିକେଟ ଦେଇଛି। ବିଜୟାନନ୍ଦ ଚାଉଳିଆଙ୍କ ସ୍ଥାନରେ ଦଳ ହିମାଂଶୁଙ୍କୁ ପ୍ରାର୍ଥୀ କରିଛି। ଆଠଗଡ଼ରେ ବି ପ୍ରାର୍ଥୀ ବଦଳାଇଛି ଦଳ। ▶▶ପୃଷ୍ଠା ୭

# ବ୍ରାହ୍ମଣୀ ନଦୀରେ ଆଗକୁ ସାମ୍ଭବ୍ୟ ବନ୍ୟା ଆସିବା ପୂର୍ବରୁ କାକୁଡିକୁଦ -ବ୍ରହ୍ମବରଦା ସେତୁ କାର୍ଯ୍ୟକ୍ଷମ ଦାବି

ଧର୍ମଶାଳା, ୦୫/୫ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ ସହ ରସୁଲପୁର ବ୍ଲକ ବ୍ରହ୍ମବରଦାକୁ ସଂଯୋଗ କରିବା ଉଦ୍ଦେଶ୍ୟରେ କାକୁଡିକୁଦ-ବ୍ରହ୍ମବରଦା ବିଜୁ ସେତୁ ପାଇଁ ଭିତି ପ୍ରସ୍ତର ସ୍ଥାପନ ହେଲା । ତତ୍‌କାଳୀନ ବରୀ ବିଧାୟକ ଦେବାଶିଷ ନାୟକଙ୍କ ଉଦ୍ୟମରେ ଏହି ସେତୁ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଗଲା । ସ୍ଥାନୀୟ ୨୦ ଗୋଟି ପଂଚାୟତର ଲୋକଙ୍କ ଦୁଃଖ ଦୂର ହେବ । ନଦୀ କୂଳିଆ ଅଂଚଳର ହଜାର ହଜାର ଚାଷୀ ଉପକୃତ ହେବେ । ଅନ୍ୟ ପକ୍ଷେ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ବନ୍ୟା ସମୟରେ ଡଙ୍ଗାରେ ନ ଯାଇ ସେତୁ ଉପରେ ଯିବା ନେଇ ଆଶା ରଖିଥିଲେ । ହେଲେ ଏହି ଆଶା ଆଶାରେ ରହିଗଲା ପରି ଲାଗୁଛି । ଲୋକେ ଏବେ ହିନସ୍ତା ହୋଇ ଯାତାୟତ କରୁଛନ୍ତି । ନଦୀରେ ବନ୍ୟା ଆସିବା ସମୟରେ ଡଙ୍ଗା ଏବଂ ଅନ୍ୟ ସମସ୍ତ ଦିନମାନଙ୍କରେ ବହୁ ଦୂରଦୂରାନ୍ତ ବୁଲାଣି ଦେଇ ଯାତାୟତ କାରଥାନ୍ତି । ଏହି ସେତୁ କେବେ କାର୍ଯ୍ୟକ୍ଷମ ହେବ ଲୋକ ସ୍ୱପ୍ନ କେବେ ପୁରୁଣ ହେବ ତାହାକୁ ନେଇ ଚାହିଁ ବସିଛନ୍ତି ଅଂଚଳବାସୀ । ଏବେ ଏହି କାମ ବହୁ ବିଳମ୍ବ ହେଉଛି । ଏହାର ଅବଧି ସମୟ ୫ବର୍ଷ ପୁରି ଯାଇଥିଲେ ମଧ୍ୟ ତାହା ଏବେ ଅଧପନ୍ତରିଆ ହୋଇ ପଡି ରହିଛି । ତେବେ ଏହି କାର୍ଯ୍ୟ ଆରମ୍ଭରେ ମନ୍ଥର ଗତିରେ ଆଗେଇବା ସହ ପରେ ଜମି ଅଧି ଗ୍ରହଣ ବାଧକ ସାଜିଛି ଥିଲା । ଆପ୍ରୋଚ ରାସ୍ତା ନେଇ ବ୍ରହ୍ମବରଦା ଅଂଚଳରେ ୨ ଜଣ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମି ରହିଛି । ଯାହାକି ସେମାନେ ବହୁ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ସମ୍ଭାବନା ରହିଥିଲା । ଏନେଇ ସେମାନେ ଉକ୍ତ ଜମିରେ ଏକ ମାମଲା ରୁଜୁ କରିଥିଲେ । ୩ ବର୍ଷ ପୂର୍ବେଏହି ସେତୁ ବିଳମ୍ବ ନେଇ ଠିକାଦାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଅଂଚଳରେ ଜମିର ମାପଚୁପ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସାମନ୍ତରାପୁର ରାଜସ୍ୱ ନିରୀକ୍ଷକ ଓ ସରକାରୀ ଅମିନ ଏହି ସ୍ଥାନଗୁଡିକୁ ମାପ କରାଯାଇ ସମାଧାନର ସୂତ୍ର ବାହାରିଥିଲା । ଅନ୍ୟ ପକ୍ଷେ ଗୋଟିଏ ପିଲର ମାଟି ତଳକୁ ଯାଉ ନ ଥିବା ଏବ ବଡ ସମସ୍ୟା ଦେଖା ଦେଇଥିଲା । ହେଲେ ଏହି ସେତୁ କାମ ମନ୍ଥର ଗତିରେ ଚାଲୁଥିବା ବେଳେ ଏହି କାମ କେବେ ସରିବ ତାହାକୁ ନେଇ ଅନିଶ୍ଚିତା ଘେରକୁ ଚାଲିଯାଇଛି । ଆମକୁ ନଦୀରେ ସାମ୍ଭବ୍ୟ ବନ୍ୟା ଜଳ ପ୍ରବେଶ ପୂର୍ବରୁ ଏହି ସେତୁ ପୂର୍ଣ୍ଣାଙ୍ଗ ହେବାକୁ ଗ୍ରାମବାସୀ ଦାବି କରିଛନ୍ତି । ସୂଚନା ଥାଉକି ବ୍ରାହ୍ମଣୀ ନଦୀ ଉପରେ ଏହି ସେତୁ ନିର୍ମାଣ ପାଇଁ ୨୦୧୬ ମସିହାରେ ୩୨ ମିଟର ପାଇଁ ୧୦ କୋଟି ୪୨ ଲକ୍ଷ୍ୟ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଏହାର ଅବଧି ସମୟ ୧୫।୪।୨୦୧୯ ମସିହା ପର୍ଯ୍ୟନ୍ତ ରହିଥିଲା । ହେଲେ ଶେଷ ଅବଧି ସମୟକୁ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ସେତୁ ଅଧାରେ ପଡି ମନ୍ଥର ଗତିରେ କାର୍ଯ୍ୟ ଚାଲୁଛି । ତେବେ ଏହି ବିଜୁ ସେତୁ କେବେ ପୂର୍ଣ୍ଣାଙ୍ଗ ହେବ ତାହା ସାଧାରଣ ଲୋକେ ଚହିଁ ବସିଛନ୍ତି ।

# ଶୁଖିଗଲାଣି ଜଳଧାର: ବୈଶାଖରେ ଶୁଷ୍କ ସମାକୋଇ

ତେଲକୋଇ, ୦୫/୫ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଉପାନ୍ତ ତେଲକୋଇର ଜୀବନରେଖା ହେଉଛି ସମାକୋଇ ନଦୀ। ବର୍ଷାଦିନେ କରାଳ ରୂପ ଧାରଣ କରୁଥିବା ସମାକୋଇର ଜଳଧାର ବୈଶାଖର ପ୍ରଚଣ୍ଡ ତାତିରେ ଶୁଖିଯାଇଛି । ନଦୀ ଶୁଖିଲା ପଡ଼ିଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି । ଅନ୍ୟପକ୍ଷରେ ଦିନରାତି ବେଆଇନ ବାଲି ଚୋରା ଚାଲାଣ ସାମାକୋଇ ପାଇଁ ବିପଦ ସୃଷ୍ଟି କରୁଛି । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ହୁଣ୍ଡା ଗ୍ରାମ ନିକଟରୁ ବାହାରିଛି ସମାକୋଇ ନଦୀ। ଏହାର ଦୈର୍ଘ୍ୟ ୯୮ କିମି। ବର୍ଷକୁ ୫ ଲକ୍ଷ ୨୫ ହଜାର କ୍ୟୁସେକ୍ ଜଳ ନଦୀରେ ପ୍ରବାହିତ ହୋଇଥାଏ। ଏହା ଅନୁଗୁଳ ଜିଲ୍ଲାର ଗହମଠାରେ ବ୍ରାହ୍ମଣୀ ନଦୀରେ ମିଶିଛି। ସମାକୋଇ ପାଣି ତଳମୁଣ୍ଡରେ ଥିବା ସମଲ ବ୍ୟାରେଜର ଜଳଭଣ୍ଡାରରେ ଗଚ୍ଛିତ ହେଉଛି। ତେଲକୋଇର ୭ଟି ପଞ୍ଚାୟତ ତାଳପଦା, ଶିବନାରାୟଣପୁର ଗୋଡା, ଓରିଆବିରିଦା, ତେଲକୋଇ, ଦୋବଲାପାଳ, ଦେଉଳଡିହା ଓ କରଦାଙ୍ଗିର ଲୋକେ ସମାକୋଇ ନଦୀ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ନଦୀଜଳକୁ ଗଚ୍ଛିତ ରଖିବା ପାଇଁ କୌଣସି ସ୍ଥାନରେ ଡ୍ୟାମ ନିର୍ମାଣ ହୋଇନାହିଁ। ସାମାକୋଇର ଉପରମୁଣ୍ଡ କୁହାଯାଉଥିବା ହାତୀମୁଣ୍ଡାରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଆସୁଛନ୍ତି। ହେଲେ ଏହି ପ୍ରସ୍ତାବ ସରକାରୀ ଫାଇଲ୍ ତଳେ ଚାପି ହୋଇଯାଇଛି। ସେହିପରି ୮ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏଯାଏ ମାତ୍ର ଗୋଟିଏ ପ୍ରକଳ୍ପ କାମ ଆରମ୍ଭ ହୋଇଛି।

ନଦୀକୂଳରେ ଥିବା ବିଭିନ୍ନ ଗ୍ରାମର ଚାଷଜମିକୁ ଜଳସେଚନ ପାଇଁ ୨୪ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି । ଭାଲିଆଡାଳରେ ୩ଟି ଉଠା ଜଳସେଚନ ପ୍ରକଳ୍ପ ଥିବା ବେଳେ କମଳାଙ୍ଗରେ ଦୁଇଟି, ରାମଚନ୍ଦ୍ରପୁର, ଦନ୍ଦୁଆମୁଣ୍ଡା ଜେନାଦର, ସନଚ୍ଛେଇଭଞ୍ଜରେ ଗୋଟିଏ ଲେଖାଏଁ, ତେଲକୋଇରେ ୫ଟି, ନୂଆଗଡ଼, ଦେଉଳଡିହାରେ ୨ଟି, ଦୋବଲାପାଳରେ ୪ଟି ଓ କରଦାଙ୍ଗିରେ ୨ଟି ଉଠା ଜଳସେଚନ ପ୍ରକଳ୍ପ ରହିଛି । ନଦୀରେ ଆବଶ୍ୟକ ପାଣି ନଥିବାରୁ ପ୍ରକଳ୍ପଗୁଡ଼ିକ କୌଣସି କାମରେ ଆସୁନି । 'ବସୁଧା' ଯୋଜନାରେ ସମାକୋଇ ନଦୀରୁ ପାଣି ଉଠାଯାଇ ତାଳପଦା, ଶିବନାରାୟଣପୁର ଗୋଡ଼ା, ତେଲକୋଇ, ଦୋବଲାପାଳକୁ ଜଳ ଯୋଗାଣ ହେଉଛି । ଖରାଦିନେ ନଦୀଶଯ୍ୟା ଶୁଷ୍କ ପଡ଼ିଥିବାରୁ ପାନୀୟଜଳ ପ୍ରକଳ୍ପରୁ ଲୋକେ ପାଣି ପାଉନାହାନ୍ତି। ଅନ୍ୟପକ୍ଷରେ ବର୍ଷତମାମ ନଦୀର ଉପରମୁଣ୍ଡ ପଙ୍ଗା, ତାଳପଦା, ଶିମିଳିପାଳ, ବେତଖୋଲି, କୁମୁଣ୍ଡ, ଭାଲିଆଡାଳ, କମଳାଙ୍ଗ, ରାମଚନ୍ଦ୍ରପୁର, ଦନ୍ଦୁଆମୁଣ୍ଡା, ବାଲିସାହି, ତେଲକୋଇ, କଦଳୀକୁଣ୍ଡ, ସତ୍‌ସଙ୍ଗ, ତଳସାହି, ହାଟତୋଟା, ନୂଆଗଡ଼, ମଧୁପୁର, ଦୋବଲାପାଳ, ଜେନାଦର, ରଗଡ଼ା ଆଦି ସ୍ଥାନରୁ ବେଧଡ଼କ ବାଲି ଚୋରା ଚାଲାଣ ଚାଲିଛି। ବାଲି ମାଫିଆମାନେ ଦିନରାତି ଜେସିବି ମେସିନ ଲଗାଇ ବାଲି ଉତ୍ତୋଳନ କରୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ।

# ଉପାସନାଙ୍କ ଶକ୍ତି ପ୍ରଦର୍ଶନ ଦେଖିଲେ ବ୍ରହ୍ମଗିରି ଜନତା

ପୁରୀ, ୦୫/୫ (ନି.ପ୍ର): ପୁରୀ ଜିଲ୍ଲାର ପ୍ରମୁଖ ନିର୍ବାଚନ ମଣ୍ଡଳୀ ବ୍ରହ୍ମଗିରିରେ ଆଜି ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥିଲା । ବ୍ରହ୍ମଗିରିର ପ୍ରିୟ ନେତା ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ସ୍ମୃତିକୁ ମନେ ପକାଇ ହଜାର ହଜାର ଜନତା ସୋତପ୍ରୋତ ଭାବେ ତାଙ୍କ କନ୍ୟା ବିଜେପି ପ୍ରାର୍ଥୀ ଉପାସନା ମହାପାତ୍ରଙ୍କୁ ସମର୍ଥନ ଜଣାଇ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଗଡରୋଡଙ୍ଗ ନିଜ ପୈତୃକ ଗୃହରୁ ଇଷ୍ଟ ଦେବତାଙ୍କୁ ମୁଣ୍ଡିଆ ମାରି ଗ୍ରାମ ଦେବାଦେବୀ ଓ ପରେ ସ୍ୱର୍ଗତ ପିତା ଲୁଲୁ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ମୁଣ୍ଡିଆ ମାରି ଶୋଭାଯାତ୍ରାର ଆରମ୍ଭ କରିଥିଲେ । ପରେ ବ୍ରହ୍ମଗିରି ଠାରେ ଶ୍ରୀଅଲାରନାଥଙ୍କୁ ଦର୍ଶନ ଓ ପ୍ରଣିପାତ କରି ଶୋଭାଯାତ୍ରାକୁ ଆଗେଇ ନେଇଥିଲେ । ଗଡରୋଡଙ୍ଗ ଠାରୁ ଗିରଫ ଛକ ପର୍ଯ୍ୟନ୍ତ ହଜାର ହଜାର ଜନତା ଲୁଲୁ ଭାଇ ଅମର ରହେ ,ଉପାସନା ଜିନ୍ଦାବାଦ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ହଜାର ହଜାର ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ ପ୍ରାର୍ଥୀପତ୍ର ଦାଖଲ ପାଇଁ ଉପାସନା ମଟର ସାଇକେଲରେ ବସି ଡିଆରଡିଏ କାର୍ଯ୍ୟାଳୟକୁ ଆସିଥିଲେ । ରିଟର୍ଣ୍ଣିଂ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଉପାସନାଙ୍କୁ ଦେଖିବା ପାଇଁ ହଜାର ହଜାର ସମର୍ଥକ କର୍ମୀ ଅପେକ୍ଷା କରିଥିଲେ । ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ପିତାଙ୍କ ଅଧୁରା ସ୍ୱପ୍ନ ସାକାର କରିବା ସହ ବ୍ରହ୍ମଗିରିର ବିକାଶ ପାଇଁ କାମ କରିବେ । ତାଙ୍କ ସହିତ ବ୍ରହ୍ମଗିରି ବ୍ଲକ ପୂର୍ବତନ ଅଧକ୍ଷ ଅଧିକାରୀ ନାୟକ, ଉପାସନାଙ୍କ ସ୍ୱାମୀ ସୁଧାଂଶୁ ବିଶ୍ୱାଳ,ଖୋର୍ଦ୍ଧାର ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ, ଆଇନଜୀବୀ ବଂଶୀଧର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ଓ ବହୁ ବିଜେପିର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି ଶୋଭାଯାତ୍ରା ଦେଖି ବିରୋଧୀ ପକ୍ଷ ଛାନିଆ ହୋଇଛନ୍ତି ବୋଲି ବ୍ରହ୍ମଗିରି ବଜାରରେ ଆଲୋଚନା ହେଉଛି ।

# ଆଦର୍ଶ ଆଚରଣ ବିଧିର ଅନୁପାଳନ ଉପରେ ଭାରତ ନିର୍ବାଚନ ଆୟୋଗଙ୍କ କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର, ୦୫/୫ (ନି.ପ୍ର): ଚଳିତ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ଆଦର୍ଶ ଆଚରଣ ବିଧିର ଅନୁପାଳନ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି । ଭାରତ ନିର୍ବାଚନ ଆୟୋଗ ନିର୍ଦ୍ଦେଶନାମାରେ ସୂଚିତ କରିଛନ୍ତି ଯେ ନିର୍ବାଚନ ପରବର୍ତ୍ତୀ ହିତାଧିକାରୀ ଆଧାରିତ କଲ୍ୟାଣକାରୀ ଯୋଜନା ଘୋଷଣା, ନୂଆ ପ୍ରକଳ୍ପ କିମ୍ବା କାର୍ଯ୍ୟକ୍ରମ ଘୋଷଣା, କୌଣସି ପ୍ରକାର ଆର୍ଥିକ ଅନୁଦାନ କିମ୍ବା ରିହାତି ଘୋଷଣା, ଭିତିପ୍ରସ୍ତର ସ୍ଥାପନ ଭଳି କାର୍ଯ୍ୟକୁ ଭାରତ ନିର୍ବାଚନ ଆୟୋଗ ନିଷିଦ୍ଧ କରିଛନ୍ତି। ଏପ୍ରକାର ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍ ବ୍ୟତୀତ ସମସ୍ତ ରାଜନୈତିକ ଦଳକୁ ସର୍ଭେ ନାମରେ ହିତାଧିକାରୀ ଆଧାରିତ ଯୋଜନା ପାଇଁ ଭୋଟର ନାମଲେଖା/ ପଂଜୀକରଣ ବନ୍ଦ କରବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରସ୍ତାବିତ ହିତାଧିକାରୀ ଯୋଜନା ପାଇଁ ବିଭିନ୍ନ ସର୍ଭେ ନାମରେ ଭୋଟରଙ୍କ ସବିଶେଷ ତଥ୍ୟ ସଂଗ୍ରହ କରୁଥିବା ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ କାର୍ଯ୍ୟକଳାପ ଉପରେ ଭାରତ ନିର୍ବାଚନ ଆୟୋଗ ଗମ୍ଭୀର ଦୃଷ୍ଟି ଦେଇଛନ୍ତି । ଲୋକପ୍ରତିନିଧି ଅଧିନିୟମର ଧାରା ୧୨୩ (୧) ଅନୁଯାୟୀ ଏହା ଏକପ୍ରକାର ପ୍ରରୋଚନା ଯାହା ଦୁର୍ନୀତି ଅନ୍ତର୍ଭୁକ୍ତ।

ସମସ୍ତ ଜାତୀୟ ତଥା ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ଭାରତ ନିର୍ବାଚନ ଆୟୋଗ କୌଣସି ବିଜ୍ଞାପନ/ ସର୍ଭେ/ ଆପ୍ ମାଧ୍ୟମରେ ନିର୍ବାଚନ ପରବର୍ତ୍ତୀ ହିତାଧିକାରୀ ଆଧାରିତ ଯୋଜନା ପାଇଁ ପଂଜୀକରଣ କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ଆଇନଗତ ସର୍ବେକ୍ଷଣ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ପ୍ରୟାସ ମଧ୍ୟରେ ସୀମାକୁ ଅସ୍ପଷ୍ଟ କରୁଥିବା କାର୍ଯ୍ୟକଳାପଗୁଡ଼ିକୁ ଆୟୋଗ ଧ୍ୟାନକୁ ନେଇଛନ୍ତି, ଯାହା ଛଦ୍ମ ଭାବରେ ଆଇନଗତ ସର୍ଭେ ମାଧ୍ୟମରେ ନିର୍ବାଚନରେ ଲାଭ ହାସଲ ପାଇଁ କରାଯାଉଅଛି । ଏଣୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଭୋଟରଙ୍କୁ ଯୋଜନାର ଲାଭ ଉଠାଇବା ପାଇଁ ପଂଜୀକରଣ କରିବାକୁ ମିସ୍ କଲ୍ କିମ୍ବା ଫୋନ୍ କଲ୍ କରିବାକୁ କୁହାଯିବା, ଏକ ଗ୍ୟାରେଂଟି/ କାର୍ଡକୁ ସୂଚନା ପତ୍ର ଭାବେ ପ୍ରଦାନ କରି ଭୋଟର ବିବରଣୀ ସଂଗ୍ରହ (ବ୍ୟକ୍ତିଗତ ବିବରଣୀ, ବୁଥ୍ ନଂ, ନିର୍ବାଚନ କ୍ଷେତ୍ର ନଂ ଇତ୍ୟାଦି) କରାଯିବା, ସାମାଜିକ-ଅର୍ଥନୈତିକ ସର୍ଭେ ନାମରେ ଚାଲୁଥିବା ସରକାରୀ ଯୋଜନାର ଲାଭ ବିସ୍ତାର କରିବାକୁ ଯାଇ ଫର୍ମ ବଂଟନ କରାଯିବା ଏବଂ ଭୋଟର ବିବରଣୀ ସଂଗ୍ରହ କରାଯିବା, ରାଜନୈତିକ ଦଳମାନେ ଭୋଟରଙ୍କ ସବିଶେଷ ସୂଚନା ପାଇବାକୁ ପ୍ରାର୍ଥୀମାନେ ୱେବ୍ ପ୍ଲାଟଫର୍ମ/ ଆପସ୍ କୁ ପ୍ରୋତ୍ସାହିତ କରିବା (ବ୍ୟକ୍ତିଗତ ଫାଇଦା କିମ୍ବା ଭୋଟରଙ୍କ ପସନ୍ଦ ପ୍ରକାଶ କରିବା ପାଇଁ ଏଥିରେ ବିକଳ୍ପ ଥାଇପାରେ କିମ୍ବା ନଥାଇ ପାରେ), ଖବରକାଗଜ ବିଜ୍ଞାପନ/ ଲିଖିତ ଫର୍ମ ମାଧ୍ୟମରେ ସାଂପ୍ରତିକ ଲାଭ ଯୋଜନାରେ ପଂଜୀକରଣ ପାଇଁ ଭୋଟର ବିବରଣୀ ସଂଗ୍ରହ କରାଯିବାକୁ ଆୟୋଗ ପକ୍ଷରୁ ବାରଣ କରାଯାଇଛି।

ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ଉପରୋକ୍ତ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଭାରତ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କୁ ଆଦର୍ଶ ଆଚରଣ ବିଧିର ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଯଦି କୌଣସି କ୍ଷେତ୍ରରେ ଆଦର୍ଶ ଆଚରଣବିଧିର ଉଲ୍ଲଂଘନ ହୁଏ ତେବେ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ଏହା ଉପରେ ବିଧି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି।

# ପାଣି ମଡ଼ାଇବାକୁ ଯାଇଥିଲେ, ବିଲରେ ଜଗିଥିଲା ଯମ: ଚାଲିଗଲା ବାପପୁଅଙ୍କ ଜୀବନ, ମାଆ ଗୁରୁତର

ବ୍ୟାସନଗର/ଦାନଗଦି, ୦୫/୫ (ନି.ପ୍ର): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ ପଞ୍ଚାୟତ ବେଙ୍ଗପାଟିଆ ଗାଁରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ବିଦ୍ୟୁତ୍ ଆଘାତରେ ବାପ-ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ମା ଗୁରୁତର ଥିବ ଜଣାଯାଇଛି। ମୃତକ ହେଲେ ବାପା ଗଣେଶ ମଣ୍ଡଳ(୬୬) ଓ ପୁଅ ଆଶୁତୋଷ ମଣ୍ଡଳ(୩୨)। ଗୁରୁତର ହେଲେ ତୁଳସୀ ମଣ୍ଡଳ (୬୪)। ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଆଜି ସକାଳ ପ୍ରାୟ ସାଢ଼େ ୭ଟା ବେଳେ ଗଣେଶ ମଣ୍ଡଳ, ତୁଳସୀ ଓ ଆଶୁତୋଷ ଗାଁ ପାଖ ଚାଷଜମିକୁ ପାଣି ମଡ଼ାଇବାକୁ ଯାଇଥିଲେ। ହେଲେ ସେଠାରେ କୌଣସି କାରଣରୁ ପ୍ରଥମେ ପୁଅ ବିଦ୍ୟୁତ୍



ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ପରେ ବାପା ଓ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ବାପା ଗଣେଶ ମଣ୍ଡଳ ଓ ପୁଅ ଆଶୁତୋଷ ମଣ୍ଡଳଙ୍କୁ ମୃତ ଘୋଷଣା କରିଥିଲେ। ମାଆ ତୁଳସୀଙ୍କ ଅବସ୍ଥା ସଂକଟାପନ୍ନ ଥିବାର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏଣେ ଖବର ପାଇ ଯାଜପୁର ରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଦୁଇ ଶବକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆପତି ଅଭଯୋଗ ପାଇଁ ମୋବାଇଲ ନମ୍ବର ଜାରି କଲେ ସାଧାରଣ ଓ ପୋଲିସ ପର୍ଯ୍ୟବେକ୍ଷକ

ବଲାଙ୍ଗୀର, ୦୫/୫ (ନି.ପ୍ର): ନିର୍ବାଚନ ତାରିଖ ଆସନ୍ତା ମଇ ୨୦ ତାରିଖରେ ବଲାଙ୍ଗୀର ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ନାମାଙ୍କନ ପ୍ରକ୍ରିୟା ସରିବା ସହ ବଲାଙ୍ଗୀରରେ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ଓ ପୋଲିସ ପର୍ଯ୍ୟବେକ୍ଷକ ନିର୍ବାଚନୀ ବ୍ୟବସ୍ଥା ତଦାରଖ କରୁଛନ୍ତି। ବଲାଙ୍ଗୀର ସଂସଦୀୟ କ୍ଷେତ୍ରରେ ସାଧାରଣ ପର୍ଯ୍ୟବେକ୍ଷକ ରୂପେ ୨୦୦୪ ବ୍ୟାଚ୍ ଆଇଏଏସ୍ ରାଜ କୁମାର ବେନିୱାଲ ଏବଂ ରଞ୍ଜନ ଭିଶାଲ ଏବଂ ପୋଲିସ ପର୍ଯ୍ୟବେକ୍ଷକ ରୂପେ ୨୦୦୬ ବ୍ୟାଚ୍ ଆଇପିଏସ୍ ଶୈଳେନ୍ଦ୍ର କୁମାର ସିହ୍ନା ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ବ୍ୟବସ୍ଥା ତଦାରଖ କରିବେ। ଏଥିନିମନ୍ତେ ସେ ୩ଟି ମୋବାଇଲ ନମ୍ବର ଜାରି କରିଛନ୍ତି। ବଲାଙ୍ଗୀର, ଟିଟିଲାଗଡ଼ ଏବଂ କଂଟାବାଞ୍ଜି ବିଧାନସଭା କ୍ଷେତ୍ର ନିମନ୍ତେ କୌଣସି ଅଭିଯୋଗ ପାଇଁ ରାଜ କୁମାର ବେନିୱାଲଙ୍କୁ ୮୮୯୫୩୫୦୪୯୫ ନମ୍ବରରେ, ଲୋଇଶିଙ୍ଘା, ପାଟଣାଗଡ଼ ବିଧାନସଭା କ୍ଷେତ୍ର ନିମନ୍ତେ ରଞ୍ଜନ ଭିଶାଲଙ୍କୁ ୮୮୯୫୨୬୩୬୧୯ ନମ୍ବରରେ ଏବଂ ବଲାଙ୍ଗୀର ଲୋକସଭା କ୍ଷେତ୍ର ନିମନ୍ତେ ପୋଲିସ ପର୍ଯ୍ୟବେକ୍ଷକ ଶୈଳେନ୍ଦ୍ର କୁମାର ସିହ୍ନାଙ୍କୁ ୮୮୯୫୩୫୦୭୪୬ ନମ୍ବରରେ ଫୋନ ମାଧ୍ୟମରେ ଖର୍ଚ୍ଚ ବାବଦରେ କୌଣସି ଅଭିଯୋଗ ପର୍ଯ୍ୟବେକ୍ଷକଙ୍କୁ ସିଧାସଳଖ ଜଣେଇ ପାରିବେ। ନିର୍ବାଚନ ଶେଷ ଯାଏଁ ଏହି ନମ୍ବର ଉପଲବ୍ଧ ରହିବ।

# ବିଶ୍ୱମୁକ୍ତ ଗଣମାଧ୍ୟମ ଦିବସ

ଭୁବନେଶ୍ୱର, ୦୫/୫ (ନି.ପ୍ର): ଗଣମାଧ୍ୟମର ନିରପେକ୍ଷତା ଉପରେ ଏ ସମାଜ ବିଶ୍ୱାସ କରେ। ରାଜନେତା, ପୋଲିସ୍, ଆଇନଜୀବୀ ଓ ଅମଲାତନ୍ତ୍ରର ଅଧିକାରୀଙ୍କ ଠାରୁ ନିରାଶ ହେବା ପରେ ଶେଷରେ ସାଧାରଣ ଲୋକଟିଏ ନ୍ୟାୟ ପାଇଁ ଗଣମାଧ୍ୟମର ସାହାରା ନିଏ। ହେଲେ ଗଣମାଧ୍ୟମ ଯଦି କୌଣସି ରାଜନୈତିକ ଋପ ବା ସମର୍ଥନରେ ଋଲେ, ତେବେ ଜନତା ଅସହାୟ ହୋଇପଡ଼େ। ଆଜିକାଲି ତାହା ହିଁ ଦେଖିବାକୁ ମିଳୁଛି ବୋଲି ମତପ୍ରକାଶ କରିଥିଲେ ଏହି ଉତ୍ସବର ମୁଖ୍ୟ ଅତିଥି ସତ୍ୟପ୍ରକାଶ ନାୟକ। ସେହିପରି ମିଡ଼ିଆ ପ୍ଲାନର ଓ କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ମନୋରଞ୍ଜନ ଜଗତରେ ବି ରାଜନୀତି ଋଲିଛି ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ସିନେମା ପ୍ରଯୋଜକ ଅତିସ କୁମାର ରାଉତ ମନୋରଞ୍ଜନ ଜଗତର ଦୂରାବସ୍ଥା କଥା ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ରାଜନେତା ଜଗନ୍ନାଥ ପ୍ରଧାନ ଜନତାଙ୍କ ଦୁଃଖ ଦୁର୍ଦ୍ଦଶା ଓ ସେମାନଙ୍କ ମୌଳିକ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜସେବୀ ଦୀପକ ମହାନ୍ତି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଗୁରୁ ତଥା ଗବେଷକ ଧୀରଜ ମହାପାତ୍ର ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଓଡ଼ିଶୀକୁ ଆଜିକାଲି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପରେମଶ୍ୱର ଦାଶ। ବିଶ୍ୱମୁକ୍ତ ଗଣମାଧ୍ୟମ ଦିବସ ଅବସରରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଅବଦାନ ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରି ଉତ୍ସାହିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ରିପୋର୍ଟର ସତ୍ୟବ୍ରତ ଦାସ, ସସ୍ମିତା ସାହୁ, ସସ୍ମିତା ମଲ୍ଲ, ଚଳଚ୍ଚିତ୍ର ଅଭିନେତା ବିଶ୍ୱରୂପ ମିଶ୍ର, ଅଭିନେତା ରାଜବୀର, ଅଭିନେତ୍ରୀ ଅନିଶା, ସ୍ୱାସ୍ଥ୍ୟ ଓ ସମାଜସେବୀ ସୁବୋଧ ସାମଲ, ଦୁଆରୀ ନୃତ୍ୟଶିଳ୍ପୀ କାର୍ତ୍ତିକ ମାଝୀ, ସମାଜସେବୀ ଶ୍ୱେତା ସାମୟାମି ନାୟକ, ଓଡ଼ିଶା ମିରରର ଦିଲ୍ଲୀପ କୁମାର ବିଶ୍ୱାଳ, ସମାଜସେବୀ ଦିଲ୍ଲୀପ ଦାସ, ବିଶ୍ୱବାଣୀ ରିପୋର୍ଟର ଲୋପାମୁଦ୍ରା ବିଶ୍ୱାଳ, ଅଭିନେତା ପ୍ରିୟଙ୍କର ପରମବୀର ପଣ୍ଡା, ଓଡ଼ିଶୀ ନୃତ୍ୟଶିଳ୍ପୀ ସାଗରିକା କୁଣ୍ଡୁ ଏବଂ ସମ୍ବାଦପତ୍ର ପାଠକ ମଙ୍ଗୁଳି ନାୟକ ପ୍ରମୁଖ।

୨୦୦୯ ମସିହାରୁ 'ଡେନିମ୍ ଆଣ୍ଡ ବ୍ଲୁଜ' ପକ୍ଷରୁ ପାଳିତ ହୋଇ ଆସୁଥିବା ବିଶ୍ୱମୁକ୍ତ ଗଣମାଧ୍ୟମ ଦିବସ ଚଳିତବର୍ଷ 'ଓଡ଼ିଶା ମୈତ୍ର' ଅନୁରୂପ ଭାବେ ସହଯୋଗ କରିଥିଲେ। ଏହାର ମୁଖ୍ୟ ଆୟୋଜକ ଥିଲେ ପ୍ରିୟାଂଶୁ ପ୍ରିୟଦେବ ଏବଂ କାର୍ଯ୍ୟକ୍ରମକୁ ପରିଋଳନା କରିଥିଲେ ସତ୍ୟ ପାଣିଗ୍ରାହୀ।

# ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ୧.୫ ଲକ୍ଷ ଟଙ୍କା ଜବତ

ପୁରୀ, ୦୫/୫ (ନି.ପ୍ର): ୧୦୯ ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ମନ୍ଦାରବସ୍ତ ଚେକ ପଏଣ୍ଟ ଠାରେ ୨ ତାରିଖ ସଂଧ୍ୟାରେ ଷ୍ଟାଟିକ ସର୍ଭିଲାନ୍ସ ଟିମ ବା ଏସଏସଟି ଦ୍ୱାରା ୧ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି ।ଏକ ସ୍କୋର୍ପିଓ ଗାଡ଼ିକୁ ମନ୍ଦାରବସ୍ତ ଚେକ ପଏଣ୍ଟ ଠାରେ ତଲାସୀ ନିଆଯିବା ସମୟରେ ଏହି ଅର୍ଥ ଜବତ ହୋଇଥିଲା। ଅର୍ଥ ର ଉତ୍ସ ସମ୍ପର୍କରେ ଗାଡ଼ିରେ ଥିବା ବ୍ୟକ୍ତି ମାନେ କୌଣସି ସନ୍ତୋଷଜନକ ଉତର ବା କାଗଜପତ୍ର ଦର୍ଶାଇ ପାରି ନ ଥିବାରୁ ଏହି ଅର୍ଥ କୁ ଜବତ କରାଯାଇ ଭାରତର ନିର୍ବାଚନ କମିଶନଙ୍କ ମାର୍ଗଦର୍ଶୀକା ଆଧାରରେ ଜିଲ୍ଲା ଟ୍ରେଜେରୀ ଷ୍ଟ୍ରଙ୍ଗ ରୁମ ରେ ଗଚ୍ଛିତ ରଖାଯାଇଛି ।

# ମାଲକାନଗିରି ଜିଲ୍ଲାରେ ରବି ଚାଷ ସତ୍ତ୍ୱେ ମଣ୍ଡିର ବ୍ୟବସ୍ଥା ନାହିଁ: ଜଳସେଚନର ସୁବିଧା ଓ କୃଷିର ଉଚିତ ମୂଲ୍ୟ ଦାବି

ମାଲକାନଗିରି, ୦୫/୫ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ରବି ଧାନ ଚାଷ ସତତ୍ତ୍ୱେ ମଣ୍ଡିର କୌଣସି ବ୍ୟବସ୍ଥା ନାହିଁ, ଯାହାଫଳରେ ଚାଷୀ ନିଜର ଧାନକୁ କମ୍ ଦରରେ ଦଲାଲ ହାତରେ ଟେକିଦେବା ଛଡ଼ା ଅନ୍ୟ ଉପାୟ ନଥିବା କହିଛନ୍ତି। କୃଷି ବିଭାଗର ରିପୋର୍ଟ ଅନୁଯାୟୀ ଜିଲ୍ଲାରେ ୧୫୨ ହେକ୍ଟର ଜମିର ଧାନ ଚାଷ କରାଯାଉଛି। ରବି ଚାଷ ପାଇଁ କୃଷି ବିଭାଗ କୌଣସି ଟାର୍ଗେଟ ନେଇନଥିବା ବେଳେ ଜିଲ୍ଲାର ସାତୋଟି ବ୍ଲକରେ କିନ୍ତୁ ଧାନ ଚାଷ କରାଯାଉଛି। ଜିଲ୍ଲାର ସାତୋଟି ବ୍ଲକ ମଧ୍ୟରୁ ମାଲକାନଗିରି ବ୍ଲକରେ ୩୬ ହେକ୍ଟର, କାଲିମେଳା ବ୍ଲକରେ ୬୧ ହେକ୍ଟର, ଖଇରପୁଟ ବ୍ଲକରେ ୫୫ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ କୋରକୋଣ୍ଡା ପଡ଼ିଆ, ଚିତ୍ରକୋଣ୍ଡା ଏବଂ ମାଥିଲି ବ୍ଲକରେ ଆଦୌ ଧାନ ଚାଷ ହେଉ ନାହିଁ। ଜିଲ୍ଲାର ଚାରୋଟି ବ୍ଲକରେ କୌଣସି ଜଳସେଚନର ବ୍ୟବସ୍ଥା ନଥିବାରୁ ଚାଷ ପ୍ରାୟତଃ ହେଉନାହିଁ। କିନ୍ତୁ ଜିଲ୍ଲାରେ ଯଅ, ବାଜରା, ମକା ଭଳି ଚାଷ ପାଇଁ କୃଷି ବିଭାଗ ୨୧୬୦ ହେକ୍ଟର ଚାଷ ପାଇଁ ଟାର୍ଗେଟ ନେଇଥିବା ବେଳେ ୨୦୭୦ ହେକ୍ଟର ଜମିରେ ଚାଷ ହେଉଛି। ମୁଗ, ବିରି ଭଳି ଚାଷ ପାଇଁ କୃଷି ବିଭାଗ ୧୦,୮୪୯ ହେକ୍ଟର ଟାର୍ଗେଟ ନେଇଥିବା ବେଳେ ୧୧୫୩୪ ହେକ୍ଟର ଜମିରେ ଚାଷ ହେଉଛି। ତୈଳ ଜାତୀୟ ଫସଲ ଚାଷ ପାଇଁ କୃଷି ବିଭାଗ ୧୭୫୩୪ ହେକ୍ଟର ଟାର୍ଗେଟ ନେଇଥିବା ବେଳେ ୧୭୫୭୨ ହେକ୍ଟର ଜମିରେ ଚାଷ ହେଉଛି। ସେହିପରି ଜିଲ୍ଲାରେ ପନିପରିବା ଚାଷ ପାଇଁ କୃଷି ବିଭାଗ ୧୭୫୬୮ ହେକ୍ଟର ଟାର୍ଗେଟ ନେଇଥିବା ବେଳେ୧୭୪୪୮ ହେକ୍ଟର ଜମିରେ ଚାଷ ହେଉଛି। ଅନ୍ୟାନ୍ୟ ଚାଷ ପାଇଁ ୧୮୩୯ ହେକ୍ଟର ଜମିରେ ଚାଷ ଟାର୍ଗେଟ ରହିଥିବା ବେଳେ କୃଷି ବିଭାଗ ୧୫୫୮ ହେକ୍ଟର ଜମିରେ ଚାଷ କରାଯାଉଥିବା କୁହାଯାଇଛି । ବିଶେଷ କରି ଧାନ ଚାଷ ପାଇଁ ଜିଲ୍ଲାରେ କୌଣସି ଜଳସେଚନର ବ୍ୟବସ୍ଥା ନଥିବାରୁ ଚାଷୀ ବାଧ ହୋଇ ଜମିକୁ ପଡିଆ ଛାଡିବାକୁ ବାଧ୍ୟ ହେଉଛି। ଜିଲ୍ଲାରେ ହେଉଥିବା ୧୫୨ ହେକ୍ଟର ଜମିରେ ମୋଟ ୪ ହଜାର କ୍ୱିଣ୍ଟାଲ ଧାନ ବାହାରୁଥିବା ବେଳେ ଏହି ଧାନକୁ ଖରିଦ କରିବା ପାଇଁ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି। ରାଜ୍ୟର ପ୍ରାୟ ୧୭ଟି ଜିଲ୍ଲାରେ ରବି ମଣ୍ଡିର କୌଣସି ବ୍ୟବସ୍ଥା ନଥିବା ଜଣାପଡ଼ିଛି । ସେଥିମଧ୍ୟରୁ ମାଲକାନଗିରି ଅନ୍ୟତମ। ବାଧ ହୋଇ ଚାଷୀ ଧାନକୁ ଛତିଶଗଡ଼ ଏବଂ ଆନ୍ଧ୍ର ଦଲାଲ ହାତରେ ଟେକି ଦେଉଛି। ଏବେ ନିର୍ବାଚନ ଚାଲିଥିବା ବେଳେ ଚାଷୀ ଏହାକୁ ନେଇ ସ୍ୱରତ୍ତୋଳନ କରିବେ ବୋଲି ଜଣାପଡ଼ିଛି। ରବି ଚାଷ ପାଇଁ ଜଳସେଚନର ସୁବିଧା ସହ କୃଷିଙ୍କୁ ଉଚିତ ମୂଲ୍ୟ ଯେଉଁ ଦଳ ଦେବ ତାକୁ କୃଷକ ସମାଜ ଭୋଟ ଦେବେ ବୋଲି ସଫା ସଫା କହୁଛନ୍ତି। କୃଷକ ସମାଜର ଭୋଟ ହାତେଇବାକୁ ବିଭିନ୍ନ ରାଜନୈତିକ ଦଳ ଏବେ ପ୍ରତିଶ୍ରୁତିର ପାହାଡ ଛିଡ଼ା କଲେଣି।

# ଉଷ୍ଣ ପ୍ରସ୍ରବଣ 'ନୀଳକନ୍ଦର'ର ସର୍ଭେ ଆରମ୍ଭ

ଭାପୁର, ୦୫/୫ (ନି.ପ୍ର): ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଉଷ୍ଣପ୍ରସ୍ରବଣ ନୀଳକନ୍ଦରର ସର୍ଭେ ଆରମ୍ଭ ହୋଇଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଏବଂ ନୀଳକଣ୍ଠପ୍ରସାଦ ଗ୍ରାମ ନିକଟସ୍ଥ ବୃହତ ନୀଳକନ୍ଦର ଉଷ୍ଣପ୍ରସ୍ରବଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାର ବାଟ ଫିଟିଛି । ସୂଚନା ମୁତାବକ, ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଏବଂ ନୀଳକଣ୍ଠପ୍ରସାଦ ଗ୍ରାମର ଉତ୍ତର ପଟେ ରହିଛି ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଉଷ୍ଣପ୍ରସ୍ରବଣ ନୀଳକନ୍ଦର। ପ୍ରାୟ ୧୦ ଏକର ଜାଗାରେ ବହୁ ସ୍ଥାନରେ ପାଣି ଫୁଟୁଥିବା ବେଳେ ଗନ୍ଧକ ବାସ୍ନାରେ ଅଞ୍ଚଳ ସାରା ଘୂରିବୁଲିଥାଏ। ଆଜିକୁ ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏବଂ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ବହୁବାର ଏହି ପ୍ରକଳ୍ପର ଉନ୍ନତି ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିଲା। କିଛି ବର୍ଷ ହେଲା ରାଜ୍ୟ ସରକାର ଏହି ପ୍ରକଳ୍ପକୁ ହାତକୁ ନେଇ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିଲେ। ପରବର୍ତ୍ତୀ ସମୟରେ ଏଠାରେ ପର୍ଯ୍ୟଟକଙ୍କ ରହଣି ପାଇଁ କିଛି ଗୃହ ନିର୍ମାଣ କରିଥିଲେ। କିନ୍ତୁ ସେଭଳି କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ। ଏବେ ଗତ ବୁଧବାର ୧ ତାରିଖ ଦିନ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ନାଗପୁର ଡିଭିଜନର ଏକ ୧୫ ଜଣିଆ ଦଳ ଏହି ସ୍ଥାନରେ ପହଞ୍ଚି ଟେଣ୍ଟ୍ ମାରି ରହିବା ସହିତ ଉନ୍ନତମାନର ଯନ୍ତ୍ରପାତି ଦ୍ୱାରା ବୋରିଂ କରି ମାଟି ନମୁନା ସଂଗ୍ରହ କରି ନାଗପୁର ରିସର୍ଚ୍ଚ ଲାବୋରାଟୋରିକୁ ପଠାଯିବ। ସେଠାରୁ ରିପୋର୍ଟ ଆସିଲା ପରେ ପ୍ରକଳ୍ପର ଉନ୍ନତି ପାଇଁ ରୂପରେଖ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି।

# ପ୍ରିଣ୍ଟେଡ୍ ଲେଗିଙ୍ଗସ୍

**ଦିନକୁ ଦିନ ବଦଳୁଛି ଫ୍ୟାଶନର ପରିଭାଷା। ଏକ ନିର୍ଦ୍ଦିଷ୍ଟ ଷ୍ଟାଇଲ୍ ବା ଡିଜାଇନ କିଛିଦିନ ପରେ ପୁରୁଣା ହୋଇଯାଇଛି। ହେଲେ ଫ୍ୟାଶନର ଏମିତି କିଛି ଟ୍ରେଣ୍ଡ ରହିଛି ଯାହା ଏଭରଗ୍ରୀନ। ଏହିପରି ଏକ ଟ୍ରେଣ୍ଡ ହେଉଛି ପ୍ରିଣ୍ଟେଡ୍ ଲେଗିଙ୍ଗସ। ପ୍ରିଣ୍ଟେଡ୍ ଲେଗିଙ୍ଗସ୍‌ର ଡିମାଣ୍ଡ ସବୁବେଳେ ରହୁଥିବାରୁ ଆପଣ ମଧ୍ୟ ଏହାକୁ ନିଜର ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ କରିପାରିବେ।**





କଲେଜ ଛାତ୍ରୀ ଓ ଯୁବତୀମାନେ କିଛିଦିନ ଲେଗିଂଗସ ପିନ୍ଧିବାପରେ ସେଗୁଡ଼ିକୁ ଫିଙ୍ଗିଦେଇ ନୂଆ କିଣିବା ପସନ୍ଦ କରନ୍ତି। କିନ୍ତୁଏମିତି କିଛି ଲେଗୀଙ୍ଗସ ରହିଛି ଯାହା ପିନ୍ଧିବାକୁ ଆରାମଦାୟକ। ଆଉ ସେଗୁଡ଼ିକ କେବେହେଲେ ପୁରୁଣା କାଳିଆ ଦେଖାଯିବ ନାହିଁ। ଏପରିକି ଜଣେ ସେଗୁଡ଼ିକ ପିନ୍ଧିବା ପାଇଁ ନିର୍ଦ୍ଦିଷ୍ଟ ଉଚ୍ଚତା ବା ଆକାରର ହେବା ବି ଦରକାର ନାହିଁ। ଉଚ୍ଚତା ଓ ଶାରୀରିକ ଗଠନ ଅନୁସାରେ ଏହି ଲେଗିଙ୍ଗସ ଗୁଡ଼ିକ ଖାପ ଖାଇତାଏ। ଏଗୁଡ଼ିକ ମୁଖ୍ୟତଃ ପ୍ରିଣ୍ଟେଡ୍ ଲେଗିଙ୍ଗସ। ଏଗୁଡ଼ିକୁ ଗାଢ଼ ରଙ୍ଗର ଟପ୍‌ସ, ପ୍ରିଣ୍ଟେଡ୍ ଟପସ୍, କାଜୁଆଲ ଏବଂ ଜ୍ୟାକେଟ୍ ସହିତ ପିନ୍ଧାଯାଇପାରିବ। ସେଥିମଧ୍ୟରେ ରହିଛି ଆର୍ମି ପ୍ରିଣ୍ଟ ଲେଗିଙ୍ଗସ୍, କାମୋ ପ୍ରିଣ୍ଟ, ଚେକଡ ଲେଗିଙ୍ଗସ୍, ଫ୍ଲୋରାଲ ପ୍ରିଣ୍ଟ ଏବଂ ସିକ୍ୱିନ୍‌ଡ଼ ଲେଗିଙ୍ଗସ, ଜିଓମେଟ୍ରିକ ପ୍ରିଣ୍ଟ, ଟ୍ରାଇବାଲ ପ୍ରିଣ୍ଟ ଲେଗିଙ୍ଗସ ସବୁବେଳେ ଟ୍ରେଣ୍ଡରେ ରହିଆସିଛି। ଏଗୁଡ଼ିକ କେବେହେଲେ ପୁରୁଣାକାଳିଆ ଦେଖାଯିବ ନାହିଁ ବରଂ ଜଣକୁ ଗ୍ଲାମରସ୍ ଲୁକ୍ ଦେବ।

**ଲିଓପାର୍ଡ଼ ପ୍ରିଣ୍ଟ:** ପ୍ରିଣ୍ଟେଡ଼ ଲେଗିଙ୍ଗସ ମଧ୍ୟରେ ଲିଓପାର୍ଡ଼ ବା ଚିତାବାଘ ପ୍ରିଣ୍ଟ ବର୍ତ୍ତମାନ କମ ବୟସର ଝିଅମାନଙ୍କୁ ବେଶ୍ ଆକୃଷ୍ଟ କରିଛି। କେବଳ ଚଦିତାବାଘ ନୁହେଁ ବିଭିନ୍ନ ପଶୁପକ୍ଷୀ ମୋଟିଫର ଲେଗିଙ୍ଗ୍‌ସ ଏକ ପ୍ରକାର ଏଲିଗାଣ୍ଟ ଓ ଫ୍ୟାଶନବେଲୁ ଲୁକ ଦେଇଥାଏ। ଏଭଳି ବଟମ ୱିୟର ସହିତ ଆପଣ କିଛି ସଲିଡ଼ କଲେର ଟପ୍‌କୁ ଟିମଅପ୍ କରିପାରିବେ। ଟପ୍ ଉପରେ ଏକ ଜ୍ୟାକେଟ୍ ବ୍ୟବହାର କଲେ ଏହା ଆପଣଙ୍କ ଲୁକକୁ ଆହୁରି ଷ୍ଟାଇଲିସ୍ କରିବ।

**ଚେକ୍ ପ୍ରିଣ୍ଟ:** ଚେକ୍ ବା ଷ୍ଟ୍ରାଇପ୍ ପ୍ରିଣ୍ଟ ହେଉଛି ଏଭରଗ୍ରୀନ୍ ଫ୍ୟାଶନ୍। ଏହି ଫ୍ୟାସନ୍ କେତେବେଳେ ଆଉଟହେଟେଡ଼୍ ହୁଏନି। ତେଣୁ ଚେକ ପ୍ରିଣ୍ଟ ଲେଗିଙ୍ଗସ୍‌କୁ ମଧ୍ୟ ଆପଣ ବର୍ଷର ସବୁ ସମୟର ଟିମଅପ୍ କରିପାରିବେ। ଚେକପ୍ରିଣ୍ଟ ଲେଗିଙ୍ଗସ ସହ ଆପଣ ସର୍ଟ୍ କୁର୍ତ୍ତି କିମ୍ବା ଫର୍ମାଲ ଯପ୍ ବ୍ୟବହାର କରିପାରିବେ। ଏହି ଗେଟଅପରେ ଆପଣ ଜୁତି ପିନ୍ଧିଲେ ଅଧିକ ଷ୍ଟାଇଲିସ୍ ଲାଗିବେ।

**ଟ୍ରାଇବାଲ ପ୍ରିଣ୍ଟ:** ଯେଉଁମାନଙ୍କୁ ଟିକେ ପାରମ୍ପରିକ ଲୁକ ପସନ୍ଦ ସେମାନେ ଟ୍ରାଇବାଲ ପ୍ରିଣ୍ଟ ପସନ୍ଦ ବକରିବା ଭଲ। କାରଣ ଏହା ଏକ ଏଲିଗାଣ୍ଟ ଓ ଷ୍ଟାଇଲିସ ଲୁକ୍ ଦେଇତା,। ପ୍ରିଣ୍ଟେଡ୍ ଲେଗିଙ୍ଗସ ସହ କାଜୁଆଲ ଟପ୍ କିମ୍ବା ସର୍ଟ୍ କୁର୍ତ୍ତି ମଧ୍ୟ ବେଶ୍ ମାନିବ। ଏଥିରେ ଆପଣ ମଧ୍ୟ ଷ୍ଟାଇଲିସ୍ ସ୍କାର୍ଫ ବ୍ୟବହାର କରିପାରିବେ।

**ଆର୍ମିପ୍ରିଣ୍ଟ:** ର୍ମି ପ୍ରିଣ୍ଟ ଲେଗିଙ୍ଗସ ମଧ୍ୟ ଆପଣଙ୍କୁ ଦେଇପାରିବ ଏକ ସ୍ମାର୍ଟ ଲୁକ୍। ଯେ- ଯଉଁମାନେ ଟିକେ ସ୍ପୋର୍ଟି ଲୁକ ଚାହୁଁଥାନ୍ତି ସେମାନେ ମଧ୍ୟ ଏହି ପ୍ରକାର ଲେଗିଙ୍ଗସ ପିନ୍ଧିପରିବେ । ଆର୍ମି ପ୍ରିଣ୍ଟ ଲେଗିଙ୍ଗସ ସହ ଆପଣ ପ୍ଲେନ ଟପ ଓ କ୍ୟାପ ବ୍ୟବହାର କଲେ ଅଧିକ ଷ୍ଟାଇଲିସ୍ ଲାଗିବ।





**ଜିଓମେଟ୍ରିକ୍ ପ୍ରିଣ୍ଟ:** ଜିଓମେଟ୍ରିକ ପ୍ରିଣ୍ଟ ବା ଆବଷ୍ଟ୍ରାକ୍ଟ ପ୍ରିଣ୍ଟ ମଧ୍ୟ ବେଶ୍ ଡିମାଣ୍ଡରେ। ଟିକେ ହଟକେ ବା ଆଣ୍ଟିକ ଲୁକ୍ ଚାହୁଁଥିବା ଯୁବତୀମାନେ ଏହି ପ୍ରିଣ୍ଟେଡ଼ ଲେଗିଙ୍ଗସକୁ କରିପାରିବେ ନିଜର ଷ୍ଟାଇଲ ଷ୍ଟେଟମେଣ୍ଟ। ଏହି ଲେଗିଙ୍ଗସ ସହ ଆପଣ ଲଙ୍ ଗସିଫନ କୁର୍ତ୍ତି କିମ୍ବା ସିଫନ ଟପସ ବ୍ୟବହାର କରିପାରିବେ। ନିଜର ପରଫେକ୍ଟ ଆଉଟଫିଟ୍ ପାଇଁ ଏଥିରେ ସିଫନ୍ ସ୍କାର୍ଫ ସହ ସ୍ରଗ୍ ବ୍ୟବହାର କଲେ ଅଧିକ ଷ୍ଟାଇଲିସ୍ ଲାଗିବ।

**ମିଳୁଛି କେଉଁଠି:** ପ୍ରିଣ୍ଟେଡ୍ ଲେଗିଙ୍ଗସ ବିଗ୍ ବଜାର, ପାଣ୍ଟାଲୁନ୍ସ, ମ୍ୟାକ୍ସ, ରିଲାଏନ୍ସ, ଟ୍ରେଣ୍ଡ ସେଣ୍ଟ୍ରାଲ, ବିଗମାର୍ଟ ଭଳି ସପିଂମଲ ସମେତ ଦାମୀ ମାର୍ଗେଣ୍ଟସ ଷ୍ଟୋରଗୁଡ଼ିକରେ ମଧ୍ୟ ଉପଲବ୍ଧ। ଏଗୁଡ଼ିକର ସର୍ବନିମ୍ନ ମୂଲ୍ୟ ୫୦୦ରୁ ଆରମ୍ଭ ହେଉଛି।

# ଗର୍ଭାବସ୍ଥାରେ ଜଣ୍ଡିସ୍



ରକ୍ତରେ ସିରମ୍ ବିଲରୁବିନ୍ ମାତ୍ରା ଶତକଡ଼ା ୨ମିଲିଗ୍ରାମରୁ ଅଧିକ ହେଲେ ଏହାକୁ ଜଣ୍ଡିସ୍ କୁହାଯାଏ । ଗର୍ଭାବସ୍ଥାରେ ଜଣ୍ଡିସ୍ ଆକ୍ରାନ୍ତ କରିବା ସାଂଘାତିକ । ଭାରତରେ ପ୍ରାୟ ହଜାରକରେ ଜଣଙ୍କୁ ଗର୍ଭାବସ୍ଥାରେ ଜଣ୍ଡିସ୍ ହେଉଥିବା ବେଳେ କେତେକ କ୍ଷେତ୍ରରେ ଏହା ଶିଶୁ ଓ ମାତୃ ମୃତ୍ୟୁର କାରଣ ହୋଇଥାଏ । ଗର୍ଭାବସ୍ଥାରେ ଜଣ୍ଡିସ୍ ହେବାର କାରଣଗୁଡ଼ିକ ହେଲା- ଉଚ୍ଚରକ୍ତଚାପ, ଗୋଡ଼ ଫୁଲି ବାତ ମାରିବା ଅବସ୍ଥା ଗର୍ଭର ଆଦ୍ୟାବସ୍ଥାରେ ବାନ୍ତି ହୋଇ ଅତ୍ୟନ୍ତ ଦୁର୍ବଳ ହେବା ଯୋଗୁ ଗର୍ଭାବସ୍ଥାର ଦ୍ୱିତୀୟାର୍ଦ୍ଧରେ ଯକୃତରେ ପିତ୍ତ ବୃଦ୍ଧି ହୋଇ ଜମାହେବା ଯକୃତରେ ଚର୍ବି ଜମିବା ଇତ୍ୟାଦି । ଭାଇରାଲ ହେପାଟାଇଟିସ୍ ସଂକ୍ରାମକ ରୋଗ । ହେପାଟାଇଟିସ୍ ଏଓ ଇ ଖାଦ୍ୟ- ପାନୀୟ ଦ୍ୱାରା ଏବଂ ବି,ସି ଓ ଡି ଇଞ୍ଜେକସନ୍, ରକ୍ତ ସଞ୍ଚାରଣ ଓ ଶାରୀରିକ ସମ୍ପର୍କ ମାଧ୍ୟମରେ ସଂକ୍ରମିତ ହୋଇଥାଏ । ଗର୍ଭାବସ୍ଥାରେ ଏପରି ଜଣ୍ଡିସ୍ଜାତ ଓ ଶିଶୁ ମୃତ୍ୟୁହାର ବଢ଼ାଏ ।

କେତେକ ମହିଳା ଜଟିଳ ଯକୃତ ରୋଗରେ ଆକ୍ରାନ୍ତ ଥିବା ବେଳେ ଗର୍ଭବତୀ ହୋଇଥାନ୍ତି । ଏହି ରୋଗଗୁଡ଼ିକ ହେଲେ- ସିରୋସିସ୍ ଅଫ୍ ଲିଭର, ବିଲିଆରି ସିରୋସିସ୍, ପିତ୍ତକୋଷରେ ପଥର, ମଦପାନ ଜନିତ ଯକୃତ ପ୍ରଦାହ ଯକୃତ ଶିରା ବନ୍ଦ ହୋଇ ଜଳ ଉଦରି ଏବଂ ଅନ୍ୟାନ୍ୟ ସବୁ ପ୍ରକାର ଜଟିଳ ଯକୃତ ରୋଗ । ଏମାନେ ଗର୍ଭରୋଗ ବିଶେଷଜ୍ଞ ଏବଂ ଯକୃତ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ ପୂର୍ବକ ଜଣ୍ଡିସ୍ ଚିକିତ୍ସା କରିବା ଉଚିତ ।



ରୋଗୀର ଲକ୍ଷଣ ଆବଶ୍ୟକ ସ୍ଥଳେ ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି ଓ ସିଟିସ୍କାନ୍ କରି ରୋଗ ନିରୂପଣ କରାଯାଏ । ଗର୍ଭାବସ୍ଥାରେ ଅଧିକ ଭାଇରାଲ ହେପାଟାଇଟିସ୍ ରୋଗ ହୋଇଥାଏ । ଏହି ଭୂତାଣୁମାନେ ଯକୃତରେ ରହି ବଢିବଢ଼ି ଯକୃତକୁ କ୍ଷତାକ୍ତ କରିଥାନ୍ତି । ହେପାଟାଇଟିସ୍ ଏ ଗର୍ଭାବସ୍ଥାରେ ସାଂଘାତିକ ହୋଇ ଲିଭର ଫେଲୁଅର ହେବାର ଆଶଙ୍କା ଅଧିକ । ଏଥିରୁ ରକ୍ଷା ପାଇବ। ଲାଗି ଟୀକା ବାହାରିଲାଣି । ଏହା ସହ ସୁଷମ ଖାଦ୍ୟ ଖାଇବା ଏବଂ ଶୁଦ୍ଧ ପାଣି ପିଇବା ଦରକାର । ସେହିପରି ହେପାଟାଇଟିସ୍ ବିଓ ଡି ପାଇଁ ମଧ ଟିକା ଥିବା ବେଳେସିଓଇପାଇଁ ପ୍ରତିଧେକ ଏଯାବତ୍ ବାହାରିନାହିଁ ।

ଜଣ୍ଡିସ୍ ସମୟରେ ଗୁଣି ଗାରେଡି, ଝଡ଼ାଫୁଙ୍କା, ପରି ଅନାବଶ୍ୟକ ଚିକିତ୍ସା ମାରାତ୍ମକ ହୋଇପାରେ ।

# ଆମ୍ବରେ ରହିଛି ସୌନ୍ଦର୍ଯ୍ୟ



ଆମ୍ବ ଓ ହଳଦୀକୁ କ୍ଷୀରୋରେ ମିଶାଇ ପେଷ୍ଟକରି ଫେସ ପ୍ୟାକ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ଚେହେରାରେ ଏକ ଅପୂର୍ବ ଉଜ୍ଜ୍ୱଳତା ଆସିଥାଏ।

- କଞ୍ଚା ଆମ୍ବକୁ ସିଝାଇ ତାକୁ ଦେହରେ ଘଷିଲେ ଦେହରେ ମଧ୍ୟ ଉଜ୍ଜ୍ୱଳତା ଆସେ।
- ଆମ୍ବ ଟାକୁଆକୁ କ୍ଷୀରରେ ସିଝାଇ ମୁଣ୍ଡରେ ଲଗାଇଲେ ରୂପି ଦୂର ହୋଇଥାଏ।
- ଆମ୍ବ ପତ୍ର ଓ ଜାମୁପତ୍ରକୁ ଏକାଠି ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହୋଇଥାଏ।
- ଆମ୍ବରେ ଭିଟାମିନ-ଏ ଭରପୁର ମାତ୍ରାରେ ରହିଥାଏ। ତେଣୁ ଏହାର ଜୁସ ପିଇଲେ ତ୍ୱଚାର ଚମକ ବଢ଼ିଥାଏ।



# ପିଲାଙ୍କ ପାଇଁ ମିନି ଲାଇବ୍ରେରୀ



**ପିଲାମାନଙ୍କ ପାଠପଢ଼ା ସହିତ ସେମାନଙ୍କ ପାଇଁ ଏକ ମିନି ଲାଇବ୍ରେରୀର ଆବଶ୍ୟକତା ମଧ ରହିଛି । ମିନି ଲାଇବ୍ରେରୀଟିଏ ପିଲାମାନଙ୍କ ସ୍କୁଲ ଓ ଟ୍ୟୁସନରେ ବ୍ୟବହୃତ ସାମଗ୍ରୀ ଇଆଡ଼େ ସିଆଡ଼େ ବିଛାଡ଼ି ହୋଇ ପଡ଼ିବନି ।**

ଦିନକୁ ଦିନକୁ ଦିନ ବିଷୟ ବସ୍ତୁରେ ପରିବର୍ତ୍ତନ, ଜ୍ଞାନକୌଶଳ ଓ ମାନସିକ ତଥା ଶାରୀରିକ ବିଷୟବସ୍ତୁ ଯୋଗୁ ପିଲାଙ୍କ ଉପରେ ବହିର ବୋଝ ବଢ଼ିଚାଲିଛି । ଏହା ସହିତ ଏହି ପୁସ୍ତକ ଓ ଅନ୍ୟାନ୍ୟ ଶୈକ୍ଷିକ ସାମଗ୍ରୀ ରଖିବା ପାଇଁ ଅଧିକ ଷ୍ଟଡ଼ିରୁମ୍, ଆଲମୀରା, ଥାକର ଆବଶ୍ୟକ ପଡ଼ିଥାଏ । ପିଲାଙ୍କର ଏହି ଆବଶ୍ୟକତାକୁ ଅନେକ ଅଭିଭାବକ ଗୁରୁତ୍ୱର ସହିତ ନେଇ ଏସବୁ ଯୋଗାଇ ଦେଇଥାନ୍ତି । ତେବେ ସେମାନଙ୍କ ଷ୍ଟିଡିରୁମ୍କୁ ଗଲଶବେଳେ ଦେଖିବାକୁ ମିଳିଥାଏ ଯେ, ଘରର ବିଭିନ୍ନ ସ୍ଥାନ, ସେଲ୍‌ଫ, ଆଲମୀରାରେ ସେମାନଙ୍କର ଏସବୁ ଜିନିଷ ଛିନ୍‌ଛତ୍ର ହୋଇପଡ଼ିଥାଏ । ଫଳ ଏୟା ହୋଇଥାଏ ଯେ, ପ୍ରତିଦିନ ସ୍କୁଲ ଯିବାବେଳକୁ ବହିପତ୍ର ଓ ନୋଟ୍ସ ଖୋଜି ଖୋଜି ପିଲାଟି ନୟାନ୍ତ ହୋଇଯାଏ । ବେଳେବେଳେ ଆବଶ୍ୟକ ବହି ବା ନୋଟ୍ସ ନ ନେଇ ସ୍କୁଲ ଯିବାକୁ ହୋଇଥାଏ । ଏହାର ପ୍ରଭାବ ପଢ଼ା ଉପରେ ପଡ଼େ । କେବେ ଶିକ୍ଷକଙ୍କ ଠାରୁ ତ କେବେ ବାପା ମାଙ୍କ ଠାରୁ ଗାଳି ଶୁଣିବାକୁ ପଡ଼ିଥାଏ ।

ପିଲାମାନଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଛୋଟ ଲାଇବ୍ରେରୀଟିଏ ବନାଇଲେ କିପରି ହୁଅନ୍ତା ? ଏହାଦ୍ୱାରା ପିଲାଟି ନିଜ ଜିନିଷକୁ ଠିକ୍ ସ୍ଥାନରେ ରଖିପାରିବ ଓ ଖୋଜିଲା ବେଳେ ପରିଶ୍ରମ କରିବାକୁ ପଡ଼ିବନି । ଏହା ଅନ୍ୟମାନଙ୍କୁ ମଧ ଆନନ୍ଦ ଦେବ ?

ଆପଣଙ୍କର ଯଦି ବହୁତ ଘର ଅଛି ତାହେଲେ ଏଥିପାଇଁ ଏକ ସ୍ୱତନ୍ତର କୋଠାରୀ ନେଇପାରିବେ । ଅନ୍ୟଥା ନିଜ ଷ୍ଟଡ଼ି ରୁମର ଗୋଟିଏ ପାଖକୁ ଏଥିପାଇଁ ବ୍ୟବହାର କରିପାରିବେ । ଏହି ସ୍ଥାନରେ ଆପଣ ସେଲଫ ବା ଖୋଲା ଆଲମୀରା ରଖି କରିପାରିବେ ଆପଣଙ୍କ ମିନି ଲାଇବ୍ରେରୀ ।

ନିଜ ଲାଇବ୍ରେରୀ କରିବା ସମୟରେ ଘରକୁ ପ୍ରଥମେ ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ କରିବ ।

ଆବଶ୍ୟକ ପଡ଼ିଲେ ସେହି ଘରକୁ ନିଜ ପସନ୍ଦର ରଙ୍ଗ ଦେଇପାରିବେ । ସେହି ରଙ୍ଗ ଉପରେ ସଂଖ୍ୟା, ଅକ୍ଷର ଓ ବର୍ଣ୍ଣମାଳା ଭଲ ଭାବେ ଲେଖିନିଅନ୍ତୁ।

ସାମଗ୍ରୀ ରଖିବା ପୂର୍ବରୁ ସେଲଫରେ ପେପର ବା ଅନ୍ୟ କୌଣସି ମୋଟା ଜିନିଷ ବିଛାଇବାକୁ ଯେପରି ନଭୁଲ ।

॥ କିପରି କରିବେ ପ୍ରସ୍ତୁତି ॥

ବଜାରରୁ ବିଭିନ୍ନ ସାମଗ୍ରୀ ସତ ବର୍ଣ୍ଣମାଳା, ସଂଖ୍ୟା, ଅକ୍ଷର ଚାର୍ଟ କିଣି କରି ନେଇଆସ । ସେସବୁ କାନ୍ଥରେ ନିଜ ପସନ୍ଦର ସ୍ଥାନରେ ଟାଙ୍ଗି ଦିଅ ।

ଯେଉଁ ସେଲଫ୍ ବା ଆଲମୀରାରେ ଯେଉଁ ଜିନିଷ ରଖିବ ବୋଲି ଚିନ୍ତା କରିଛି ତାହାର ଏକ ସୂଚୀ ପ୍ରସ୍ତୁତ କର ।

ମୋଟା କାଗଜରେ ନିଜ ଇଚ୍ଛାରେ ପେନସିଲ ବକ୍ସ ତିଆରି କରି ତା ଉପରେ ରଙ୍ଗୀନ କାଗଜ ଦେଇ ଆକର୍ଷଣୀୟ କରି ସଜାଇ ପାରିବେ ।

ଗିଫ୍ଟରେ ପାଇଥିବା ସାମଗ୍ରୀ ସହିତ ପୁସ୍ତକକୁ ମଧ ରଖ । ଲାଇବ୍ରେରୀରେ ନିଜ ପଢ଼ିବା ପାଇଁ ମେଜ ଓ ଚୌକି ରଖିବା ସହିତ ଆଉ ଏକ ମେଜ ଓ ଚୌକ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଇସି ଏବଂ ସଚ୍ଛତା...

ବର୍ତ୍ତମାନ ଚାଲିଛି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତର ମହାପର୍ବ ନିର୍ବାଚନ, ଯେଉଁଥିରେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)। ଅଷ୍ଟାଦଶ ଲୋକସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ସମଗ୍ର କାର୍ଯ୍ୟକୁ ଶୃଙ୍ଖଳିତ ଭାବରେ ଶେଷ କରିବା ନିମନ୍ତେ ଦୁଇ ଜଣ ନୂଆ କମିଶନର ଏଥିରେ ନିଯୁକ୍ତ ହେଲେ ଏବଂ ଭାରତବାସୀ ଆଶା କରୁଥିଲେ ଯେ ଏଥର ସବୁ କାମ ସୁରୁଖୁରୁରେ ହୋଇଯିବ। ତେବେ ସମ୍ପ୍ରତି ନିର୍ବାଚନର ଦୁଇ ଗୋଟି ପର୍ଯ୍ୟାୟ ଶେଷରେ ଦେଶର ବିରୋଧୀ ଦଳର ରାଜନେତା ଏବଂ ବୁଦ୍ଧିଜୀବୀମାନେ ଇସିଆଇଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଇସିଆଇଙ୍କ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ସଠିକ୍ ସମୟରେ କାମ କରିବାର ଇଚ୍ଛା ପ୍ରଦର୍ଶନ କରୁ ନଥିବାକୁ ଲକ୍ଷ୍ୟ କରିଛନ୍ତି । ଏହା ଇସିଆଇଙ୍କର ତତ୍କାଳ ଦୃଷ୍ଟି ଆକର୍ଷଣ କରିବା ସହିତ ସଂଶୋଧନାତ୍ମକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରୁଛି। ଏହାଙ୍କ ବିରୁଦ୍ଧରେ ଏକ ଗୁରୁତର ଅଭିଯୋଗ ହେଉଛି- ଅଷ୍ଟାଦଶ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ସରକାରୀ ଭାବରେ ସର୍ବଶେଷ ଭୋଟ୍ ହାର ଜାରି କରିବା ନିମନ୍ତେ ଇସିଙ୍କୁ ୧୧ ଦିନ ସମୟ ଲାଗିଗଲା । ଏହା ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯେ ଏପ୍ରିଲ ୩୦, ୨୦୨୪ରେ ଭାରତ ସରକାରଙ୍କ ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ (ପିଆଇବି) ଜରିଆରେ ପ୍ରକାଶିତ ଇସିଙ୍କ ପ୍ରେସ୍ ବିଜ୍ଞପ୍ତି ପ୍ରଥମ ପର୍ଯ୍ୟାୟର ମତଦାନ ସମ୍ପର୍କିତ ଶେଷ ସଂଖ୍ୟାକୁ ୬୬.୧୪ ପ୍ରତିଶତ ଦର୍ଶାଇଛନ୍ତି ; ଏହା ମଧ ଦ୍ୱିତୀୟ ପର୍ଯ୍ୟାୟର ଶେଷ ସଂଖ୍ୟାକୁ ୬୬.୭୧ ପ୍ରତିଶତ ହୋଇଥିବା ଦର୍ଶାଇଛନ୍ତି। ୨୦୧୯ ନିର୍ବାଚନରେ ଏହି ଦୁଇ ପର୍ଯ୍ୟାୟର ଶେଷ ସଂଖ୍ୟା ଥିଲା ଯଥାକ୍ରମେ ୬୯.୪୩ ଏବଂ ୬୯.୧୭ । ଏହାକୁ ଗ୍ରହଣ କରିବା ଅଯଥାର୍ଥ ହେବ ଯେ ସାଧାରଣ ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକ ପ୍ରଦାନ କରିବା ପାଇଁ ଇସି ଏକ ନିୟମିତ, ପରିଚିତ ମାର୍ଗକୁ ଅନୁସରଣ କରୁ ନାହାନ୍ତି । ଏହା ନିଜର କାର୍ଯ୍ୟକଳାପର ଏଭଳି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ନିମନ୍ତେ ଏକ ଆଦର୍ଶ ଆଚରଣ ବିଧି ଗଠନ କରିବା ସହିତ ତାକୁ ନିଜେ ମାନି ଚଳିବା ଉଚିତ। ଆହୁରି ମଧ ଇସିଙ୍କୁ ସମାଲୋଚନା କରାଯାଇଛି ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ପ୍ରକୃତ ଭୋଟରଙ୍କ ସଂଖ୍ୟା କେତେ ଓ ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟକ ଭୋଟର ମତଦାନ କଲେ, ସେ ସମ୍ପର୍କିତ ତଥ୍ୟକୁ ଅଦ୍ୟତନ କରିବାରେ ଏହାଙ୍କର ବିଫଳତା ପାଇଁ। ରାଜନୀତିକ ଦଳମାନେ ଏଭଳି ଗୁରୁତର ଅଭିଯୋଗ ଉଠାଇବା ନିମନ୍ତେ ଇସି ସେମାନଙ୍କୁ କେଉଁଥିପାଇଁ ସୁଯୋଗ ପ୍ରଦାନ କଲେ, ତା'ର କାରଣ ଜାଣିହୁଏ ନାହିଁ । ଇସି ଏକ ଭୋଟର ତାଲିକା ଆଧାରରେ ନିର୍ବାଚନ ସମ୍ପନ୍ନ କରାଇଥାନ୍ତି, ଯାହାକୁ ଭୋଟ୍ ଦାନ ପୂର୍ବରୁ ସିଦ୍ଧାନ୍ତମୂଳକ ତାଲିକାରେ ପରିଣତ ହେବା ନିମନ୍ତେ ଅନେକ ଥର ସଂଶୋଧନ କରାଯାଇଥାଏ। ପୁନଶ୍ଚ, ମତଦାନ ହେବାର ଦିନକ ପରେ ଇସି ପ୍ରତ୍ୟେକ ବୁଥର ମତଦାନ ସଂଖ୍ୟାକୁ ନେଇ ଏକ ଫର୍ମ ପାଇଥାନ୍ତି, ଆଉ ସେଥିପାଇଁ ଏହାଙ୍କ ନିକଟରେ ସମସ୍ତ ତଥ୍ୟ ରହିଥାଏ, ଯେଉଁଥିରେ ପ୍ରତି ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ମତଦାତା ମତଦାନ କଲେ, ତାହା ମଧ ସାମିଲ ଥାଏ, ଯାହାକୁ ଲାଭ କରିବା ନିମନ୍ତେ ବିଶେଷ କଷ୍ଟ କରିବାକୁ ପଡ଼ି ନଥାଏ। ତେଣୁ ଏହାକୁ ପାଇବାର ତୁରନ୍ତ ପରେ ପରେ କେଉଁ କାରଣରୁ ଇସି ଏହାକୁ ପ୍ରକାଶ କରିବାକୁ ଚାହିଁଲେ ନାହିଁ, ତାହା ବୁଝିହୁଏ ନାହିଁ । ଏହି ପ୍ରକ୍ରିୟା ସମ୍ପର୍କରେ ଜାଣିଥିବା ଲୋକମାନେ ଦାବି କରନ୍ତି ଯେ ଏହି ସଂଖ୍ୟାରେ କୌଣସି ପ୍ରକାରର ହେରଫେର କରାଯାଇ ପାରିବ ନାହିଁ, ଯେହେତୁ ବୁଥ୍ ସ୍ତରରେ ରାଜନୀତିକ ଦଳମାନଙ୍କର ପ୍ରତିନିଧିମାନଙ୍କ ନିକଟରେ ସେହି ସମାନ ତଥ୍ୟ ରହିଥାଏ ଏବଂ ସେମାନେ ଚାହିଁଲେ ତାକୁ ଭୋଟ୍ ଗଣାହେବା ଦିନ ଯାଞ୍ଚ କରି ପାରିବେ । ତେବେ ଇସିଙ୍କର ବିଶାଳ କଳର ଦାୟିତ୍ୱ ହେଉଛି ତଥ୍ୟକୁ ଏକାଠି କରି ହିସାବ ବାହାର କରିବା ; ସେଥିପାଇଁ ବୁଥ୍ ସ୍ତରର ରାଜନୀତିକ ଦଳମାନଙ୍କ ଏଜେଣ୍ଟମାନଙ୍କ ଉପରେ ନିର୍ଭର କରିବା ସ୍ପୃହଣୀୟ ନୁହେଁ, କାରଣ ସେମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଛବି ବିଷୟରେ ସ୍ୱଳ୍ପ ଧାରଣା ରହିଥାଏ। ସର୍ବୋପରି, ଜନସାଧାରଣ ଯେ କୌଣସି ବ୍ୟକ୍ତିଙ୍କଠାରୁ ତଥ୍ୟ ହାସଲ କରିବା ପରିବର୍ତ୍ତେ ଏକ ସାମ୍ବିଧାନିକ ସଂସ୍ଥାଠାରୁ ତଥ୍ୟ ପାଇବାକୁ ଚାହିଁବେ, ଯେହେତୁ ଏହି ସଂସ୍ଥା ସେହି କାର୍ଯ୍ୟ କରିବା ନିମନ୍ତେ ଅଦେଶ ପାଇଛି। ଗତ ସପ୍ତାହରେ ଆଦର୍ଶ ଆଚରଣ ବିଧି (ଏମ୍‌ସ) ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଉଭୟ ବିଜେପି ଏବଂ କଂଗ୍ରେସକୁ ନୋଟିସ୍ ଜାରି କରିଛନ୍ତି। ବସ୍ତୁତଃ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଅଧିକ ଗୁରୁତର, ଏଇ ଦୃଷ୍ଟିରୁ ଯେ ନିର୍ବାଚନ ଗ୍ୟାଲି ସମୟରେ ସେ ସାମ୍ପ୍ରଦାୟିକତା ଦୃଷ୍ଟିରୁ ବିଭାଜନ ସୃଷ୍ଟିକାରୀ ଭାଷଣମାନ ଦେଉଛନ୍ତି । ତଥାପି ନିର୍ବାଚନ ନିୟନ୍ତ୍ରକଙ୍କ ପକ୍ଷରୁ ଏ ବାବଦରେ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ହୋଇନାହିଁ ଏବଂ ପ୍ରଧାନମନ୍ତ୍ରୀ ତାଙ୍କର ସେଭଳି କାର୍ଯ୍ୟକୁ ଜାରି ରଖୁଛନ୍ତି। ତେଣୁ ଠିକ୍ ସମୟରେ ଯଦି ଇସି ଏଥିରେ ହସ୍ତକ୍ଷେପ ନ କରନ୍ତି ଏବଂ ଭୁଲ୍ କରୁଥିବା ବ୍ୟକ୍ତିମାନଙ୍କୁ ସେଥିରୁ ନିବୃତ୍ତ କରିବାରେ ସକ୍ଷମ ନ ହୁଅନ୍ତି, ତା'ହେଲେ ଏହା ତାଙ୍କର ପ୍ରକୃତ କର୍ମରେ ବିଫଳ ହୋଇଛନ୍ତି ବୋଲି କୁହାଯିବା କ୍ୱଚିତ୍ ଅସମୀଚୀନ ହେବ । ତେଣୁ ଏହା ଠିକ୍ କାମ କରିବା ଉଚିତ ଏବଂ ତା'ପରେ ତାହା କରି ଚାଲୁଛନ୍ତି ବୋଲି ଅନ୍ୟମାନେ ଦେଖିବା ମଧ ଜରୁରୀ।

## ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟ



**ପୁଷ୍ପମିତ୍ର ମହାପାତ୍ର**

କୋର୍ଟ କାର୍ଯ୍ୟ ଗୁଡ଼ିକ ଆଞ୍ଚଳିକ ଭାଷାରେ କାର୍ଯ୍ୟ କରିବା ନେଇ ମାନ୍ୟବର ସୁପ୍ରିମକୋର୍ଟ ଗୁରୁତ୍ୱ ପ୍ରଦାନ କଲାପରେ ଓଡ଼ିଶା ହାଇକୋର୍ଟ ଏହି ବ୍ୟବସ୍ଥାକୁ ଗ୍ରହଣ କରି ବ୍ୟବସ୍ଥିତ ଭାବେ ମାନ୍ୟବର କୋର୍ଟଙ୍କ ଅନୁବାଦ ହୋଇଥିବା ରାୟର ଓଡ଼ିଆ କପି ହିଁ କେବଳ ପକ୍ଷଭୁକ୍ତଙ୍କୁ ବୁଝିବା ପାଇଁ ପ୍ରଯୁଜ୍ୟ। କୋର୍ଟ କାର୍ଯ୍ୟ କିମ୍ବା ଅନ୍ୟ ସରକାରୀ କାର୍ଯ୍ୟ ପାଇଁ ରାୟର ଇଂରାଜୀ କପି କେବଳ ବ୍ୟବହାର ହୋଇପାରିବ ବୋଲି ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଗତ ୨୦୨୩ ଫେବୃଆରୀରୁ ସ୍ୱଳ୍ପ କର୍ମଚାରୀଙ୍କ ଦ୍ୱାରା ଓଡ଼ିଆରେ କୋର୍ଟଙ୍କ ଅନୁଦିତ ରାୟ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା। ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟ ଗୁଡ଼ିକ ଓଡ଼ିଆ ଅନୁବାଦର ବ୍ୟବସ୍ଥା ହୋଇଛି। ଏଯାବତ ମାନ୍ୟବର ସୁପ୍ରିମକୋର୍ଟରେ ୧୯୫୧ ମସିହାରୁ ଓଡ଼ିଶା ସମ୍ପର୍କିତ ଅନେକ ଗୁରୁତ୍ୱ ତଥା ବିଚାରକ୍ଷେତ୍ରରେ ଏକ ଦିଗାନ୍ତ ରାୟ ରହିଥିବା ପାଖାପାଖି ୧୫୫ଟି ରାୟର ଓଡ଼ିଆ ଅନୁବାଦ କାର୍ଯ୍ୟ ହୋଇସାରିଲାଣି। ଏହା ଭିତରେ ଓଡ଼ିଶା ବନାମ ଏମଜିରୁଙ୍ଗଣ୍ଟ, ଅର୍ଜୁନଲାଧା, ଏମ.ଏ.ଟୁଲକ, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ବନାମ ଓଡ଼ିଶା, ମହମ୍ମଦ ସିରାଜଉଦ୍ଦିନ, ମହନ୍ତ ଶ୍ରୀ ଜଗନ୍ନାଥ ରାମାନୁଜ ଦାସ ବନାମ ଓଡ଼ିଶା, ଏସ.ଲାଲ, କଳିଙ୍ଗ ଟ୍ୟୁସର ଆୟକର ମାମଲା, ବୃନ୍ଦାବନ ନାୟକ ବନାମ ଭାରତୀୟ ନିର୍ବାଚନ ଆୟୋଗ, ମହାପ୍ରଭୁ ଲିଙ୍ଗରାଜ ବିଜେ ବନାମ ନିତ୍ୟାନନ୍ଦ ମିଶ୍ର, ଲୋକାୟୁକ୍ତ ବନାମ ପ୍ରଦୀପ ପାଣିଗ୍ରାହୀ, ଦୀନବନ୍ଧୁ ସାହୁ ବନାମ ଯଦୁମଣି ମଙ୍ଗରାଜ ପ୍ରଭୃତି ଅନ୍ୟତମ।

ଇତିମଧ୍ୟରେ ମାନବ୍ୟର ଓଡ଼ିଶା ହାଇକୋର୍ଟର ୮୧ଟି ରାୟ ଓଡ଼ିଆରେ ଅନୁବାଦ କାର୍ଯ୍ୟ ହୋଇସାରିଲାଣି। ସେଗୁଡ଼ିକ ମଧ୍ୟରେ ଭାରତ ସରକାର ବନାମ କଲିକତା ସ୍ପିଙ୍ଗ ଲିମିଟେଡ, କିଡ଼ ବନାମ ଆୟକର ବିଭାଗ, କେ. ରବୀନ୍ଦ୍ରପାତ୍ର ବନାମ ଓଡ଼ିଶା (ଭିଜିଲାନ୍ସ) ପ୍ରଭୃତି ରହିଛି। ଏହା ସହ ଓଡ଼ିଶା ହାଇକୋର୍ଟର ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟର ହିନ୍ଦୀ ଅନୁବାଦ ହୋଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ପକ୍ଷରୁ କରାଯାଇ ଅଭିଲେଖାଗାରରେ ରଖାଯାଇଛି। ଏବେ ସୁଦ୍ଧା ଲଳିତା କୁମାରୀ ବନାମ ଉତ୍ତର ପ୍ରଦେଶ ସରକାର, ଅର୍ଣ୍ଣେନଶ କୁମାର ବନାମ ବିହାର ସରକାର ଭଳି ଦୁଇଟି ମାଇଲ ଖୁଣ୍ଟ ରାୟର ଓଡ଼ିଆ ଅନୁବାଦ କରି ରାଜ୍ୟ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନସେବା ପ୍ରାଧିକରଣକୁ ପଠାଯାଇଛି। ଏହି ଅନୁବାଦ କାର୍ଯ୍ୟ ଦ୍ୱାରା ଆଗକୁ ଜନସଚେତନତା ବୃଦ୍ଧି କରାଯିବା ସହ ଲୋକମାନେ ଏ କାର୍ଯ୍ୟକ୍ରମରେ କିପରି ନିଜକୁ ଯୋଡ଼ିପାରିବେ ସେ ଦିଗରେ କାର୍ଯ୍ୟକରାଯାଉଛି। ତେବେ ସବୁଠାରୁ ବଡ଼ ଖୁସିର କଥା ବର୍ତ୍ତମାନ ନୂଆ ଓଡ଼ିଆ ଆଇନ ଶବ୍ଦ କୋଷ ବା ଡିକ୍ସନାରୀ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଏହାର ଏକ ବଡ଼ କଳେବର ସହିତ ବିଶାଳ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଛି। ଏଠାରେ ଉଲ୍ଲେଖ କରାଯାଇପାରେ କି ମାନ୍ୟବର ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରିବା ପାଇଁ ଡକ୍ଟର ଜଷ୍ଟିସ ସଞ୍ଜିବ କୁମାର ପାଣିଗ୍ରାହୀ ଇତିହାସରେ ପ୍ରଥମ ଥର ପାଇଁ ଓଡ଼ିଆ ଭାଷାରେ ୨୦୨୩ ଜୁଲାଇ ୨୬ ତାରିଖରେ ନିଜର ରାୟ ପ୍ରକାଶ କରିଥିଲେ ତାହା ଜାତୀୟ ସ୍ତରରେ ବେଶ ଚର୍ଚ୍ଚା ଆରମ୍ଭ କରିବା ସହ ଆଞ୍ଚଳିକ ଭାଷା ନ୍ୟାୟାଳୟ ପାଇଁ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ମଧ ଆଲୋଚନାର ପ୍ରସଙ୍ଗ ହୋଇଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ମୋଟ ୪୦୫୮ଟି ଅଧିନିୟମ ଖାରଦ ବା ରଦ୍ଦ ହୋଇଯାଇଛି। ସେଥିମଧ୍ୟରୁ କେବଳ ଓଡ଼ିଶାର ୫ଟି ଅଧିନିୟମ ରହିଛି। ସେଗୁଡ଼ିକ ହେଲା ଦି ଟ୍ରିବ୍ୟୁଟାରୀ ମହଲାସ୍ ଅଫ୍ ଓଡ଼ିଶା ଆକ୍ଟ-୧୮୯୩, ଦି ବେଙ୍ଗଲ ବିହାର ଆଣ୍ଡ ଓଡ଼ିଶା ଆଣ୍ଡ ଆସାମ ଲ ଆକ୍ଟ-୧୯୧୨, ଦି ଓଡ଼ିଶା ଷ୍ଟେଟ ଲେଜିସଲେଚର (ଡେଲିଗେସନ ଅଫ ପାୱାର) ଆକ୍ଟ-୧୯୬୧, ଦି ଓଡ଼ିଶା ଲେଜିସଲେଚର ଆସେଂବ୍ଲି (ଏଗଜିକ୍ୟୁସନ ଅଫ ଡ୍ୟୁରେସନ) ଆକ୍ଟ-୧୯୬୬ ଏବଂ ଦି ଓଡ଼ିଶା ଷ୍ଟେଟ ଲେଜିସଲେଚର (ଡେଲିଗେସନ ଅଫ ପାୱାର) ଆକ୍ଟ-୧୯୭୩। ଏହାପରେ ବର୍ତ୍ତମାନ ଓଡ଼ିଶାରେ ୨୮୩ଟି ଅଧିନିୟମ, ୩୬ଟି ବିଜ୍ଞପ୍ତି, ୨୧ଟି ନିୟମ, ୨ଟି ଆଦେଶନାମା ରହିଛି। ତେବେ ଏ ସମସ୍ତ ଅଧିନିୟମକୁ ପର୍ଯ୍ୟାୟ କ୍ରମେ ଓଡ଼ିଆ ଅନୁବାଦ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି।

ବର୍ତ୍ତମାନ ସୁଦ୍ଧା ୧୧ଟି ଅଧିନିୟମ ସମ୍ପୂର୍ଣ୍ଣ ଭାବେ ଅନୁଦିତ ହୋଇ ସର୍ବସାଧାରଣଙ୍କ ପାଇଁ ଇଣ୍ଡିଆ କୋଡ୍ ୱେବସାଇଟରେ ଉପଲବ୍ଧ ଅଛି ବୋଲି ରାଜ୍ୟ ଆଇନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଗୁଡ଼ିକ ହେଲା ଗଞ୍ଜାମ ଓ ବୌଦ୍ଧ ଗ୍ରାମପଦ ଉଚ୍ଛେଦ ଅଧିନିୟମ-୧୯୬୯, ଗଞ୍ଜାମ କ୍ଷୁଦ୍ରଧାରକ ଅନୁତୋଷ ଅଧିନିୟମ-୧୯୪୭, ଓଡ଼ିଶା ମୌଳିକ ଶିକ୍ଷା ଆଇନ-୧୯୫୧, ଓଡ଼ିଶା କନିନିକା ରୋପଣ ଅଧିନିୟମ-୧୯୬୦, ଓଡ଼ିଶା ବଂଶାନୁଗତ ଗ୍ରାମପଦ (ଉଚ୍ଛାଦକ) ଅଧିନିୟମ-୧୯୬୨, ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉଚ୍ଛାଦକ) ଅଧିନିୟମ-୧୯୬୩, ଓଡ଼ିଶା ଅବ୍ୟପାରିକ କମ୍ପାନୀ ଅଧିନିୟମ ୧୯୫୯, ଓଡ଼ିଶା ରାଜସ୍ୱ ପ୍ରଶାସନ ୟୁନିଟ ଅଧିନିୟମ-୧୯୬୩, ଓଡ଼ଇଶା ବ୍ରିକିକର ବୈଧୀକରଣ ଅଧିନିୟମ-୧୯୬୧, ଓଡ଼ିଶା ସମ୍ପତ୍ତି ଗ୍ରାମ ଶାସନ ଠାରେ ନିଧାନ ଅଧିନିୟମ-୧୯୬୪, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧିନିୟମ ୧୯୫୨। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭିନ୍ନ ରାୟ ଓଡ଼ିଆରେ ଅନୁବାଦ ହେବା ଦ୍ୱାରା ଜଣେ ସାଧାରଣ ଲୋକଟି ମଧ ବିଚାର ବ୍ୟବସ୍ଥା ସହ ଯୋଡ଼ି ହୋଇପାରିବ। ବର୍ଷ ବର୍ଷ ଧରି ସେମାନେ ବୁଝିପାରୁନଥିବା ଆଇନ କ୍ଷେତ୍ରର ଅନେକ ଜଟିଳ ପ୍ରସଙ୍ଗକୁ ନିଜେ ବୁଝିପାରିବା ସହ ତାଙ୍କ ଓକିଲା ମହାଶୟଙ୍କ ସହ ବେଶ ଭଲ ଭାବେ ଏ ନେଇ ତାଙ୍କ ମତ ରଖିପାରିବେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କର ବିଶେଷକରି ନିଜ ଆଇନଗତ ମାମଲାରେ ସବୁ ପ୍ରସଙ୍ଗକୁ ବୁଝିବା ଆଉ ଜାଣିବାର ମଧ ଅଧିକାର ଅଛି। ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟ ସହ ଓଡ଼ିଆ ଅନୁବାଦ ନିଶ୍ଚିନ୍ତ ଭାବରେ ଯୁଗପଯୋଗୀ ଐତିହାସିକ ଓ ପ୍ରଶଂସନୀୟ। ନିକଟରେ ଓଡ଼ିଶାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇ କୋଟି କୋଟି ଓଡ଼ିଆଙ୍କ ମାତୃଭାଷା ପ୍ରତି ଆବେକ ଓ ଭଲପାଇବାକୁ ବଢ଼ାଇବାରେ ସହାୟକ ହୋଇଥିବାବେଳେ ଓଡ଼ିଆ ଅନୁବାଦ ଓ ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟଟି ନିଶ୍ଚିନ୍ତ ଭାବରେ ପ୍ରତିଟି ଓଡ଼ିଆଙ୍କ ଗୌରବର ଟେକକୁ ବଢ଼ାଇ ପାରିଛି ଓ ବିଚାରାଳୟ ଯେ ସମସ୍ତଙ୍କର ଆଉ ସମସ୍ତଙ୍କର ଆଶା ଭରଷାର କେନ୍ଦ୍ର ଏହା ବି ପ୍ରମାଣିତ ହୋଇପାରିଛି।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୯୪୩୭୨୨୫୬୮୯


## ଗାଁ ଠାକୁରାଣୀ ଈଶ୍ୱରାମ୍ମା



**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ଅଳ୍ପ କେତେଜଣ ଯୋଗଜନ୍ମା ଜଗତରେ ଜନ୍ମ ଗ୍ରହଣ କରନ୍ତି। ଯାହା ସାଧାରଣ ଲୋକେ ତାଙ୍କ ଜୀବନରେ କରିପାରନ୍ତି ନାହିଁ,ଏହି ଯୋଗଜନ୍ମାଗଣ ତାହା କରି ଦେଖାଇ ଦେଇପାରନ୍ତି। ସମସ୍ତେ ଜାଣନ୍ତି ଲୋକ ମାନଙ୍କର ଉପକାର କରିବା ହିଁ ସର୍ବୋଚ୍ଚ ଧର୍ମ। କିନ୍ତୁ ତାହା ନକରି କେବଳ ମନ୍ଦିର ମସଜିଦ୍ ଓ ଗୀର୍ଜାକୁ ଯାଆନ୍ତି। ନିଜର ସ୍ୱାର୍ଥ ପାଇଁ ପ୍ରାର୍ଥନା କରନ୍ତି, ନିଜ ମାନସିକ ଚରିତାର୍ଥ କରିବା ପାଇଁ ମୁଣ୍ଡ ବାଡ଼ାନ୍ତି, ଆଖିରୁ ଲୁହ ଝରାନ୍ତି, କିନ୍ତୁ ପଡ଼ୋଶୀ ମାନଙ୍କ ପାଇଁ, ଗ୍ରାମବାସୀ ମାନଙ୍କ ପାଇଁ ବା ଅଭାବୀ ଲୋକଙ୍କ ପାଇଁ ବ୍ୟସ୍ତ ହୁଅନ୍ତି ନାହିଁ। ଯେଉଁ କେତେକ ମୁଷ୍ଟିମେୟ ଲୋକ ତାହା କରନ୍ତି ସେମାନେ ତାଙ୍କ ଜୀବନାନ୍ତେ ସହସ୍ର ଲୋକଙ୍କ ମନରେ, ସମାଜ ଆଖିରେ ତଥା ଇତିହାସରେ ଚିରଞ୍ଜିବୀ ହୋଇଯାଆନ୍ତି। ଏଥିପାଇଁ ପ୍ରାଥମିକ ଆବଶ୍ୟକତା ହେଉଛି ଅନ୍ୟ ମାନଙ୍କ କଷ୍ଟରେ ବ୍ୟଥିତ ହେଉଥିବା ହୃଦୟଟିଏ। ନିଜର ଆର୍ଥିକ ଶକ୍ତି ନ ଥିଲେ ମଧ, ଶାରୀରିକ ଶକ୍ତି ନଥିଲେ ମଧ, ଶିକ୍ଷାଗତ ଯୋଗ୍ୟତା ନଥିଲେ ମଧ, ଅନ୍ୟକୁ କହି ପୋଛି, ବାରମ୍ବାର ଦୌଡ଼ି ଦୌଡ଼ି ଦରକାର ପଡ଼ିଲେ ନେହୁରା ହୋଇ ତାଙ୍କ ଇପ୍‌ସିତ୍ କାମଟି କରାଇ ନିଅନ୍ତି। ଉଦାହରଣ ସ୍ୱରୂପ କଟକର ବାଇମୁଣ୍ଡି, ଅନ୍ୟ ଏକ ଉଦାହରଣ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ମାତା। ଏମାନେ ବହୁ ଅତୀତର ଲୋକ। ଏବେକାର ସଦ୍ୟ ଉଦହାରଣ ହେଉଛନ୍ତି ମାତା ଈଶ୍ୱରାମ୍ମା। ବର୍ତ୍ତମାନ ସମୟର ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର କର୍ଣ୍ଣାଟନାଗପଲ୍ଲୀର ସୁବ୍ବାରାଜୁଙ୍କ କନ୍ୟା ଭାବେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ଶ୍ରୀ ସୁବାରାଜୁ ଶିବ ଭକ୍ତ ଥିବାରୁ ଗ୍ରାମରେ ଏକ ଶିବ ମନ୍ଦିର ତୋଳାଇ ପୂଜାଆରାଧନା ଚଳାଇଥିଲେ। ତାଙ୍କ କନ୍ୟା ଈଶ୍ୱରାମ୍ମାଙ୍କ ପୂର୍ବ ନାମ ଥିଲା ନାମଗିରି ଆମ୍ମା। ବିବାହ ପରେ ତାଙ୍କ ଶ୍ୱଶୁର ତାଙ୍କ ନାମ ବଦଳାଇ ରଖିଥିଲେ ଈଶ୍ୱରାମ୍ମା। ସେ ବିଶେଷ କିଛି ଶିକ୍ଷା ଲାଭ କରି ନଥିଲେ। ଗୃହକର୍ମ ଓ ସ୍ୱାମୀ, ସନ୍ତାନ, ଶାଶୁ, ଶ୍ୱଶୁରଙ୍କ ଦାୟିତ୍ୱ ବୁଝୁ ବୁଝୁ ତାଙ୍କ ସମୟ ଚାଲିଯାଉଥାଏ। ଘଟଣାକ୍ରମେ ତାଙ୍କ ଅଷ୍ଟମ ଗର୍ଭର ସନ୍ତାନ ସତ୍ୟସାଇ ବାବା ନାମରେ ବିଖ୍ୟାତ ହେଲେ। ତଥାପି ସେ ସମୟରେ ଅନେକ ଲୋକ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଥିଲେ। ନିଜ ପରିବାର ଲୋକେ ମଧ। ସନ୍ଦେହ, ବିଶ୍ୱାସ, ଅବିଶ୍ୱାସ ଓ ଲୋକନିନ୍ଦା ଭିତରେ ଦିନ ଯାଉଥାଏ। ପୁଅର ନିନ୍ଦା ମାଆକୁ ସବୁଠାରୁ ବେଶୀ କଷ୍ଟଦାୟକ ହେଉଥାଏ। ନିଜର ବଂଶ ଉପରେ ବିଶ୍ୱାସ ନିଜର ମାତୃତ୍ୱ ଉପରେ ବିଶ୍ୱାସ, ଶ୍ୱଶୁର ଓ ଗୁରୁଙ୍କ କଥାରେ ବିଶ୍ୱାସକୁ ନେଇ ଏକ ଆନ୍ଦୋଳିତ ମନ ସହିତ ମାତାଙ୍କ ଆଖିର ଲୁହ ହିଁ କେବଳ ତାଙ୍କୁ ଆଶ୍ୱାସନା ଦେଉଥାଏ। ପରିଶେଷରେ ସତ୍ୟର ବିଜୟ ହୁଏ ଏବଂ ଧୀରେ ଧୀରେ ଲୋକ ଅପବାଦ ଦୂରେଇଯାଏ। ଏ ସବୁ ସତ୍ତ୍ୱେ ମାତାଙ୍କ ହୃଦୟ ତା କାମ କରିବାରେ ପଛାଉ ନଥାଏ। ଦିନେ ପୁଅକୁ ଡାକି କହିଲେ, 'ତୁ ଛୋଟ ଥିଲାବେଳେ ଯେଉଁ ହଇରାଣ ହୋଇ ଦୂର ଗାଁରେ ଥିବା ସ୍କୁଲକୁ ଯାଉଥାଉ ମୋ ମନର ଅବସ୍ଥା କ'ଣ ହେଉଥିଲା ତାହା ମୁଁ ଜାଣେ। ଆଜି ବି ଅନେକ ଛୋଟ ପିଲା ଅନେକ ହୀନସ୍ଥା ହୋଇ ଦୂର ଗାଁକୁ ଦିଅକ୍ଷର ଶିଖିବା ପାଇଁ ଯାଉଛନ୍ତି। ସେଥିରେ ପୁଣି ବର୍ଷାଦିନ, ଖରାଦିନ, ଶୀତଦିନ ସବୁ ଅଛି। ଏଇ ଛୋଟ ପିଲାଙ୍କ ପାଇଁ ଆମ ଗାଁରେ ଗୋଟିଏ ସ୍କୁଲ ଘର ତୋଳି ଦିଅନ୍ତୁନାହିଁ। ପିଲା ଓ ତାଙ୍କ ବାପା ମାଆ ମାନେ ଆଶ୍ୱସ୍ତ ହୁଅନ୍ତେ। ମାଆଙ୍କ ଇଚ୍ଛାକୁ ଗୁରୁତ୍ୱ ଦେଇ ସ୍କୁଲ ଘରଟିଏ କରାଗଲା, ମାଆ ଦାନ କରିଥିବା ଯାଗା ଉପରେ।

କିଛିଦିନ ଗଲାପରେ ମାଆ ଆଉଥରେ ସୁଯୋଗ ଦେଖି ପୁଅ ପାଖକୁ ଆସିଲେ। ପୁଅ ପଚାରିଲେ ମାଆ କ'ଣ କହିବାକୁ ଅଛି କି ? ମାଆ ବଡ଼ ସନ୍ତର୍ପଣରେ କହିଲେ, ସ୍କୁଲ ହେଲା ପରେ ମୁଁ ଭାରି ଖୁସି। ହେଲେ ଆମ ଗାଁରେ ପିଇବା ପାଣିର ଘୋର ଅଭାବ। ଯୋଉ ପାଣି ମିଳୁଛି ତାହା ପିଇବା ଉପଯୁକ୍ତ ନୁହେଁ। ଗାଁର ମହିଳାମାନେ ଦୂରବର୍ତ୍ତୀ ଗାଁରେ ଥିବା କୂଅରୁ ପାଣି ବୋହି ଆଣିବାରେ ବହୁତ କଷ୍ଟ ପାଉଛନ୍ତି। ସେମାନଙ୍କ କଷ୍ଟ ଦୂର କରିପାରିଲେ ମୁଁ ଆନନ୍ଦରେ ରହି ପାରନ୍ତି। ଏଥର ମଧ ମାଆର ଇଚ୍ଛା ପୂରଣ କରାଗଲା। ଗ୍ରାମରେ କେତୋଟି କୂଅ ଖୋଳା ଗଲା, ଜଳକଷ୍ଟ ଦୂର ହେଲା। ଗାଁ ମହିଳାମାନଙ୍କ ପାଣି ବୋହି ଆଣିବା କଷ୍ଟ ଦୂର ହେଲାରୁ ସେମାନେ ଯେତିକି ଆଶ୍ୱସ୍ତ ନହେଲେ ମାଆ ଈଶ୍ୱରାମ୍ମା ସବୁଠାରୁ ବେଶୀ ଶାନ୍ତିରେ ନିଶ୍ୱାସ ମାରିଲେ। ପୁଣି ଦିନେ ପୁଅ ଦେଖିଲା, ମାଆ ଆସି ଖଣ୍ଡେ ଦୂରରେ ବସିଛନ୍ତି, ପାଖକୁ ଆସୁ ନାହାନ୍ତି। ପୁଅ ଆଦରରେ ପାଖକୁ ଡାକି ପଚାରିଲା, ମାଆ ଆଜି ନିଶ୍ଚେ ଆଉ କିଛି କଥା ଅଛି। ଯଦି ଥାଏ ନିର୍ଭୟରେ କୁହ। ମାଆ ଥଙ୍ଗ ଥଙ୍ଗ ହୋଇ କହିଲେ ତୁ କ'ଣ ଦେଖିପାରୁ ନାହୁଁ ଯେ ମୋତେ କହିବାକୁ ପଡ଼ିବ। ଆମର ଏ ଅଞ୍ଚଳରେ ଯାତାୟତ ସୁବିଧା ନାହିଁ। ସାମାନ୍ୟ ଜ୍ୱର ସର୍ଦ୍ଦି ହେଲେ ବି ଲୋକେ ଔଷଧ ପାଇଁ କି ଅବସ୍ଥା ହେଉଛନ୍ତି। ଛୁଆ ପିଲାଙ୍କୁ ଧରି ସେ ଗାଁ ବା ଦୂର ଗାଁକୁ ଯିବା କି କଷ୍ଟ। ଲୋକେ ବହୁତ ହଇରାଣ ହେଉଛନ୍ତି ଯାହା ମୋତେ ବଡ଼ କଷ୍ଟ ଲାଗୁଛି। ପୁଅକୁ ଆଉ କିଛି କହିବା ଆଗରୁ ସେ ବୁଝିଗଲେ ମାଆର ମନ କଥା। ଏ ପାଖେ ମନେ ମନେ ଖୁସି ହେଲେ ଯେ କି ବିଶାଳ ତଥା ଦରଦି ହୃଦୟ ବିଶିଷ୍ଟ ମାଆ ପାଇଛନ୍ତି ସେ। ସମସ୍ତେ ଏଭଳି ମାଆ ପାଆନ୍ତେ କି? ଅଳ୍ପ ଦିନ ପରେ ଗାଁରେ ଡାକ୍ତରଖାନା ଟିଏ ବସିଲା। ମାଆ ଖୁସି, ପୁଅ ଖୁସି, ଗ୍ରାମବାସୀ ଖୁସି, ପାଖ ଗାଁ ଲୋକେ ବି ଖୁସି। ଲୋକେ କଥା ବର୍ତ୍ତା ହେଲେ ଈଶ୍ୱରାମ୍ମା ଆମ ଗାଁ ଠାକୁରାଣୀ। ଲୋକଙ୍କ ଦୁଃଖର ସମଦୁଃଖିନୀ ଜଣେ ମହିଳା, ହାତରେ କିଛି ନଥାଇ ବି ଲୋକଙ୍କ ପାଇଁ ସବୁକିଛି କରିଦେଇ ପାରିଥିଲେ। ଆଜି ତାଙ୍କ ଶ୍ରାଦ୍ଧ ଦିବସରେ ତାଙ୍କୁ ସଭକ୍ତି ଶତକୋଟି ପ୍ରଣାମ।


ଅଲିଶା ବଜାର, କଟକ
ମୋ : ୯୩୩୭୨୪୨୯୫୫


## ଦଳବଦଳ ପାଇଁ କ୍ଷମତା, ଟଙ୍କା ଏବଂ ନିଜକୁ ପ୍ରଚାରରେ ରଖିବା ପାଇଁ



**ସୁବ୍ରତ କର**

ଏଥରର ସାଧାରଣ ନିର୍ବାଚନ ନିଶ୍ଚିତ ନିଆରା । ପୂର୍ବରୁ ସାଧାରଣ ନିର୍ବାଚନ ଏତେ ସମୟ ଧରି ଚାଲି ନଥିଲା ବା ଏତେ ଦଳବଦଳ ଦେଖା ଯାଉନଥିଲା । ସାଧାରଣ ଜନତା ଆଶ୍ଚର୍ଯ୍ୟ ହେଉଛନ୍ତି ଏଭଳି ଦଳବଦଳ ନେତାମାନଙ୍କ ମଧ୍ୟରେ ଦେଖାଯାଇ ନଥିଲା । ଥରେ ଯେ ରାଜନୀତିରେ ପାଦ ଥପିଲା ସେ ଆଉ ସାଧାରଣ ଜୀବନକୁ ଫେରିବାର ନାହିଁ । କ୍ଷମତା ପଛରେ ଗୋଡ଼େଇବା ଏବଂ ଯଦି କଳେ, ବଳେ କୌଶଳେ କୌଣସି ଗୋଟାଏ ପଦବୀରେ ରହିଗଲେ, ସାଥେ ସାଥେ ଟଙ୍କା ଆଡ଼କୁ ଧାଇଁଲେ । ଏମିତି ବେଶ୍ କିଛିବର୍ଷ ଦଳରେ ରହି ମନ୍ତ୍ରୀ ପର୍ଯ୍ୟନ୍ତ ଧାଇଁବା ପାଇଁ ଚେଷ୍ଟା। ବହୁତ ମନ୍ତ୍ରୀ ସେ ପଦବୀରେ ମଧ ସନ୍ତୁଷ୍ଟ ନୁହଁନ୍ତି । ଯେତେବେଳେ ଦେଖିଲେ ଆଉ ମନ୍ତ୍ରୀ ପଦବୀ ଉପରେ କିଛି ନାହିଁ ଦୁଇ ନମ୍ବରୀ ଟଙ୍କା ପଛରେ ଧାଇଁଲେ । ଏହା କିନ୍ତୁ ଶେଷ ନାହିଁ କାରଣ ଅଧିକାଂଶ ନେତାମାନେ କୋଟିପତି । ଶୁନ୍‌ରୁ ଆରମ୍ଭ କରି କୋଟିପତି ହେଲେ କେମିତି କାରଣ ଆମକୁ ଜଣା ଜଣେ ମନ୍ତ୍ରୀଙ୍କର ଦରମା କେତେ ଏବଂ ପାଞ୍ଚବର୍ଷ ହେଉ ବା ୧୦ବର୍ଷରେ କେତେ କୋଟି ଟଙ୍କା ରୋଜଗାର କରିପାରିବ ? ୩୮୦କୋଟି ନୁହଁ କି ୭୨ କୋଟି ନୁହ କି ୨୦କୋଟି ମଧ ନୁହଁ । ଏତେ ଟଙ୍କା ଆସିଲା କେଉଁଠୁ ? ଏହି ଟଙ୍କା ରୋଜଗାରର ରାସ୍ତା ଦଳବଦଳକୁ ବାଧ କରୁଛି । କ୍ଷମତାରେ ରହିଲେ ତ ଟଙ୍କା ଆସିବ ଏବଂ ଟଙ୍କା ରହିଲେ ତ କ୍ଷମତା ପଛରେ ଧାଇଁ ହେବ। ସମିତିସଭ୍ୟଠୁ ଆରମ୍ଭ କରି କେବିନେଟ ପାହ୍ୟା ମନ୍ତ୍ରୀ ବା ଏମ୍.ପି ହୁଅନ୍ତୁ ସମସ୍ତଙ୍କୁ ଲୋଡ଼ା ଦଳର ଟିକେଟ୍ । ଟିକେଟ୍ ମିଳିଲେ ଦଳରେ ଗଚ୍ଛିତ ଥିବା ଜନସାଧାରଣଙ୍କ ଟଙ୍କା ପାଖକୁ ଆସିବ ନିର୍ବାଚନ ଖର୍ଚ୍ଚ ବାବଦକୁ। ଶେଷରେ ହାର, ଜିତ ଅଲଗା କଥା ଏବଂ ଏହା ସହିତ ନିଜକୁ ପ୍ରଚାର କରିବାର ବାଟ ଫିଟି ଯିବ । ଆପଣ ଏବେ ଟି.ଭି ଖୋଲିଦେବେ କେବଳ ନିର୍ବାଚନର ଖବର ଏବଂ ନେତାମାନଙ୍କର ଦଳ ବଦଳର ଖବର । ସେ ନେତା ଜଣକ ଯେଉଁ ଦଳର ହୁଅନ୍ତୁ ବା ଯେଉଁ ପଦ ପଦବୀରେ ଥାଆନ୍ତୁ । ଟିଭିର ସବୁ ଚେନାଲର ମାଲିକମାନେ ବା ନିଜେ ନିର୍ବାଚନରେ ଲଢୁଥିବେ । ନିଜର ପ୍ରଚାର ବା ପ୍ରସାର ପାଇଁ ଚେନାଲ ଦାୟିତ୍ୱରେ ଥିବା ଭଦ୍ରଲୋକ ପ୍ରାଣାନ୍ତ ଚେଷ୍ଟା ଜାରି ରଖିଥିବେ କାରଣ କେଉଁ ମୁହୂର୍ତ୍ତରେ ଚାକିରୀ ଚାଲିଯିବ କହିହେବ ନାହିଁ । ଦଳବଦଳ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ଆଜି ମଧ ହୋଇଛି। ଜଣେ ପୂର୍ବତନ ଏମ.ଏଲ.ଏ ଗୋଟାଏ ଦଳରେ ଥିଲେ ଏବଂ ସେ ଜାଣିଲେ ଯେ ଏହି ଦଳରୁ ଟିକେଟ ମିଳିବା ସମ୍ଭବପର ହେଉନାହିଁ, ସେ ସାଥେ ସାଥେ ଅନ୍ୟ ଦଳକୁ ଡିଆଁ ମାରିଲେ । କିଛିଦିନ ପରେ ଜାଣିଲେ ସେହି ଦଳରୁ ମଧ ସମ୍ଭବ ହେଉନାହିଁ ଶେଷରେ ଶେଷ ଦଳକୁ ଡିଆଁ ମାରିଛନ୍ତି । ନିଜର ଭାଗ୍ୟ ପରିକ୍ଷା ଏବଂ କ୍ଷମତାକୁ ଜାବୁଡ଼ି ଧରିବା ପାଇଁ ଆମ ରାଜ୍ୟର ୨୧ଟି ଏମ.ପି ସିଟ୍ ପାଇଁ ଖୁବ୍ କମ୍‌ରେ ୩୦ଜଣ ବ୍ୟକ୍ତି ନାମାଙ୍କନ ପତ୍ର ଦାଖଲ କରିବେ ଏବଂ ଏମ.ଏଲ.ଏ ପାଇଁ ପ୍ରାୟ ସବୁ ମିଶି ୫୦୦ ଜଣ ନାମାଙ୍କନ ପତ୍ର ଭରିବେ ବା ଭରିବା ପାଇଁ ପ୍ରସ୍ତୁତ ହେଉଥିବେ । କିନ୍ତୁ ଆଜି ଗୋଟାଏ ନୂଆ ଖବର ଟି.ଭି ପରଦାରେ ଦେଖିବାକୁ ମିଳିଲା । ଜଣେ ଏମ.ପି ଟିକେଟରେ ଛିଡ଼ା ହୋଇଥିବା (ଜାତୀୟ ଦଳ) କେନଡିଡେଟ୍ ତାଙ୍କ ପାଖରେ ଟଙ୍କା ନ ଥିବାରୁ ଏବଂ ସେହି ଜାତୀୟ ଦଳ ମଧ ବିଶେଷ ସାହାଯ୍ୟ କରି ପାରିବ ନାହିଁ ଜାଣିଲା ପରେ ନିଜେ ଟିକେଟକୁ ଦଳକୁ ଫେରାଇ ଦେଉଛନ୍ତି । ନିଶ୍ଚିତ ଭାବରେ ଏହି ଭଦ୍ରମହିଳା ଜଣକ ସଚ୍ଚୋଟ ହୋଇଥିବେ । କାରଣ ଜାତୀୟ ଦଳରୁ ଟିକେଟ ପାଇଲା ପରେ ଟଙ୍କା ଅଭାବରୁ ଟିକେଟ ଫେରାଇବା ଏହା ବୋଧହୁଏ ମୋ ଜାଣିବାରେ ପ୍ରଥମ ଘଟଣା । ମୋର ସରକାରଙ୍କୁ ଅନୁରୋଧ ଦଳ ବଦଳକୁ ରୋକିବାକୁ କୌଣସି କଠୋର ଆଇନ ଆସୁ କିମ୍ବା ଦଳ ଠିକକରୁ ଆମେ ଅନ୍ୟଦଳରୁ ଆସୁଥିବା ଲୋକଙ୍କୁ ପ୍ରାର୍ଥୀ କରିବା ନାହିଁ ।




### ଆର୍ତ୍ତନାଦ

**କୈଳାସ ମେହେର**



ପତିତପାବନ ବାନା ଉଡ଼ୁଅଛି
ପତିତ ଦୁଃଖ ନାଶନେ ।
ଦୁଃଖୀ ରଙ୍କି ଖେଦ କହିଲେ ନସରେ
ନ ଦେଖ ବେନି ନୟନେ ।
ଜଗତେ ବୋଲାଇ ଜଗତ ଠାକୁର
ନୀଳାଚଳେ ଅଛ ବସି ।
ଚାଳ ଭାଙ୍ଗି ମୋର ଉଡିଲା ଛପର
ସବୁ ଦେଖି ଦଉ ହସି ।
ଷାଠିଏ ପଉଟି ବ୍ୟଞ୍ଜନ ତୋ ପାଇଁ
ନିଇତି ହୁଏ ଖଞ୍ଜଣା ।
ପେଟକୁ ମୁଠିଏ ଦାନା ମିଳୁନାହିଁ
ଦୁଃଖର ନାହିଁ କଳନା ।
ଦୀନବନ୍ଧୁ ତମେ ନାମ ବୋଲାଇଛ
ଦୀନ ଦୁଃଖ ଦୂର ପାଇଁ ।
ମୋ ବନ୍ଧୁ ନୋହିଲ ଦୁଃଖ ନଫେଡ଼ିଲ
ଲାଜ ଟିକେ ମୁଖେ ନାହିଁ ।
ଲକ୍ଷେ ଯୋଜନରୁ ଗଜ ଡାକ ଶୁଣି
ସଙ୍କଟୁ କରିଲ ପାରି ।
ନିକଟରୁ ମୁହିଁ ଆକୁଳେ ଡାକୁଛି
ଦୟା ନକରିଲ ହରି ।
ଭରତିଆ ପକ୍ଷୀ ଘଣ୍ଟ ଘୋଡାଇଲ
ଆହେ ପ୍ରଭୁ ଦୀନବନ୍ଧୁ ।
ନଚାହିଁଲ ଥରେ କରୁଣା ନୟନେ
ଭାସିଗଲି ଭବସିନ୍ଧୁ ।
ଧୂଳି ଖେଳ ବେଳେ ଅନ୍ଧକୁ ନୟନ
ଦେଲ ତୁମେ କୃପାକରି ।
ଦୟାର ସାଗର ଶୁଖିଲା କି ତମ
ଯାଉଛି ସଂସାରେ ସରି ।
ଖୁଦ ଭଜା ଖାଇ ସୁଦାମାକୁ ଦେଲ
ତିନି ଗୋଟି ଯେ ଭୁବନ ।
ମୋ ବେଳକୁ କାଇଁ କପଟୀ ହୋଇଲ
କୁହ ହେ ଚକାନୟନ ।
ଆପଣାର ଭାବି ଦେଲି କେତେ ଗାଳି
ଧରିବୁନି ମୋର ଦୋଷ ।
ଶ୍ରୀରଙ୍ଗା ଚରଣେ କରୁଅଛି ଅଳି
ଦୟାକର ପୀତବାସ ।
ଏ ମିଛ ସଂସାରେ ତମ ବିନୁ ପ୍ରଭୁ
ନାହିଁ କିଛି ଆଉ ଆନ ।
ତୁମେ ନଚାହିଁଲେ ତୁମେ ନଦେଖିଲେ
ହାରିବି ମୋର ଜୀବନ ।
ଏତିକି ମାଗୁଣି ଚରଣେ ତୋହର
ପୁରାଅ ମୋହର ଆଶ ।
ପାରି କରିଦିଅ ଜୀବନ ନଉକା
ଭଣେ ଦାସ କଇଳାସ ।


ଓଡ଼ିଆ ଅଧାପକ
କେନ୍ଦୁପାଲି,ବୀରମହାରାଜପୁର,
ସୋନପୁର
ପିନ୍-୭୬୭୦୧୮, ମୋ-
୯୧୭୮୪୨୦୯୦୧


### ଆକାଶ

**ଡ଼. ଦୀପକ କୁମାର ମିଶ୍ର**



ଅନ୍ଧ ମଣିଷଟି ପାଇଁ
ଆକାଶ ଗୋଟେ କଳାରଙ୍ଗର
ବିଶାଳକାୟ ଛତା
ଯିଏ ଝାଡ଼େ କେବେ
ମୁଷଳଧାରାରେ ବର୍ଷା
ପୁଣି କେବେ ଅସହ୍ୟ ଗୁଳୁଗୁଳି ସହ
ଉଦୁଉଦିଆ ଖରା ।

ନୀଳରଙ୍ଗର ଆକାଶ ଖୁବ୍
ଝାଡ଼େ ପ୍ରେମ
ମେଘର ଉର୍ମିମାଳାରେ
ବିଭୋରିତ ହୁଅନ୍ତି ପ୍ରେମୀଯୁଗଳ
ଆଖି ଯାହା ଦେଖିପାରେ
ତାହାଠୁ ଅନେକ କିଛି ବୟାନ
କରେ ଆକାଶ
ସମୁଦ୍ରର ତରଳ ଦର୍ପଣରେ ।

ପକ୍ଷୀ ପାଇଁ ଆକାଶ ସାଜେ
ଶୂନ୍ୟରେ ଝୁଲୁଥିବା
ଏକ ବିସ୍ତୀର୍ଣ୍ଣ ପ୍ରାନ୍ତର
ଯେଉଁଠି କିଏ ଖୋଜେ ଦୀର୍ଘ ଉଡ଼ାଣ
ଆଉ କିଏ କହେ ଅବସନ୍ନ ଛାତିରେ
ଚକ୍ରଧର, ପକ୍ଷୀ ଜୀବନରୁ ମୁକ୍ତ
କର।

ଯାହାବି ହେଉ
ଆକାଶ ଗୋଟେ ଜୀବନ ଦର୍ଶନ
ହତାଶିଆ ଜୀବନର ଆଖିରେ
ଭରିଦିଏ ମେଞ୍ଚାଏ ଆଶାର
ଆଲୋକ।


ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦



ରତ୍ନକାନ୍ତି ମିଶ୍ର

# ନାପସନ୍ଦ ନାଆଁ



ତା ନାଆଁ କାହିଁକି ସୁଦର୍ଶନ ଦିଆ ହେଲା ବୋଲି ପିଲାଦିନରୁ ତା'ର ମନଦୁଃଖ । ନିହାତି ଗୋଟିଏ ଅପସନ୍ଦିଆ ନାଁ ।

ତା' ମନରେ ଏମିତି ଏକ ଦୁଃଖ ଜମାଟ ବାନ୍ଧିବାର କାରଣ ବି ଥିଲା । ପ୍ରଥମ କାରଣ ଏବଂ ଯେଉଁଟା ପ୍ରଧାନ କାରଣ, ସେଇଟା ହେଲା ତାଙ୍କ ଘରଠୁ ଅଳ୍ପ ଦୂରରେ ଥିବା ସାହୁ ସାହିର ମାଧିଆ ସାହୁ ପୁଅର ନାଁ ସୁଦର୍ଶନ । ଯଦିଓ ସେ ସୁଦୁରିଆ ନାଁ ରେ ସମସ୍ତଙ୍କ ପାଖରେ ପରିଚିତ, ତା' ଭୋଟର ପରିଚୟପତ୍ରରେ କୁଆଡେ ସୁଦର୍ଶନ ସାହୁ ଲେଖା ଅଛି ।

ସୁଦୁରିଆ ସାହୁର ଗୋଟିଏ ଦୋଷ ଥିଲା । ତେର ଚଉଦ ବର୍ଷ ପର୍ଯ୍ୟନ୍ତ ତା' ପାଟିରୁ ଲାଳ ଗଡୁଥିଲା ଏବଂ ତା' ନାକରୁ ବାହାରୁ ଥିବା ଶିଂଘାଣୀକୁ ସେ ତା ଆଙ୍ଗୁଠିରେ ଗୋଟେଇ ଆଣି ପ୍ୟାଣ୍ଟ ପଛପଟେ ଲେସି ଦେଉଥିଲା । ଏ ସବୁ କଥା କିନ୍ତୁ ନିଜ ଆଖିରେ ଦେଖି ନଥିଲା ସୁଦର୍ଶନ ମହାପାତ୍ର । ତା' ଉପରର ଦୁଇ ଭାଇ ଭଉଣୀ ଏସବୁ କହି ତାକୁ ଚିଡାନ୍ତି ଏବଂ ନିଜ ନାଁ ପାଇଁ ତାକୁ ନିରୁତ୍ସାହିତ ହେବାକୁ ଏକରକମ ବାଧ କରନ୍ତି ।

ସୁଦର୍ଶନ ମହାପାତ୍ର ନିଜ ନାଁ ପରିବର୍ତ୍ତେ ଦର୍ଶନ ମହାପାତ୍ର କିମ୍ବା ତା'ର ଡାକ ନାଁ ସୋନୁ କିମ୍ବା ତା'କୁ ଭଲ ଲାଗୁଥିବା କିଛି ନାଁ ରଫ୍ ଖାତାରେ ଲୁଚେଇ ଲୁଚେଇ ଲେଖେ, କେମିତି ଶୁଭୁଚି ବୋଲି ବାରମ୍ବାର ସେଇ ନାଁ ସବୁକୁ ଉଚ୍ଚାରଣ କରେ । କେତୋଟି ନାଁ ତା' ମନକୁ ପାଇଲାବେଳକୁ ମନେପଡେ ବଡ ଭଉଣୀ, ବଡ ଭାଇଙ୍କ ନାଁ ଯଥାକ୍ରମେ ସୁହାସିନୀ , ସୁଶୋଭନ ପଛକୁ ଯେମିତି ସୁଦର୍ଶନ ନାଆଁ ହିଁ ଏକମାତ୍ର ଖାପ ଖାଇବା ଭଳି ନାଁ ! ତେଣୁ ନିଜ ନାଁ କୁ ବଦଳାଇବା ଅସମ୍ଭବ ।

ଏତଦବ୍ୟତୀତ ଆଉ ଗୋଟିଏ କାରଣ ବି ସୁଦର୍ଶନକୁ ନିଜ ନାଁ ପ୍ରତି ବିମୁଖ ହେବାର ଖୋରାକ ଯୋଗାଇଥିଲା । ନାରଣ ଅର୍ଥାତ ନାରାୟଣ ମିଶ୍ର ଯେ କି ତା'ର ଉତ୍ତମ ବନ୍ଧୁ ଥିଲା ସେ ବି ସମୟ ସମୟରେ ସୁଦର୍ଶନ ନାଁ ର ନିକୃଷ୍ଟତାକୁ ଦେଖାଉଥିଲା । ନାରାୟଣଙ୍କ ହାତରେ ସୁଦର୍ଶନ ଆଜ୍ଞାକାରୀ ହୋଇ ସର୍ବଦା ଥାଏ ବୋଲି ବନ୍ଧୁ ନାରଣ ଚେତେଇ ଦେବାକୁ ଭୁଲେନା ।

-' ସୁଦର୍ଶନ ଚକ୍ର ନୁହେଁ, ସୁଦର୍ଶନର ଅର୍ଥ ଯା ଟିକେ ଦେଖିବୁ ଡିକସିନାରୀରେ..! ଯେ ଦେଖିବାକୁ ସୁନ୍ଦର ସେ ସୁଦର୍ଶନ ।' ନାରଣକୁ ବୁଝାଇବାକୁ ଆପ୍ରାଣ ଚେଷ୍ଟା କରେ ସେ । ହେଲେ ନାରାୟଣ ମାନିବାକୁ ନାରାଜ ! ବନ୍ଧୁତା ଭାଙ୍ଗିଯିବା ଭୟରେ ଆଉ ବେଶୀ ଯୁକ୍ତି କରି ପାରେନା ସୁଦର୍ଶନ ।

ବୋଉକୁ ନିଜ ନାଁକୁ ନେଇ ଥିବା ଦୁଃଖ ବିଷୟରେ ଥରେ ଦୁଇଥର କହିଥିଲା ସେ । ହେଲେ ତା ଦୁଃଖର ଗଭୀରତା ବିଷୟରେ ବୋଉକୁ ଅଜଣା ଥିଲା । ମାତୃ ସୁଲଭ ଗୁଣରେ କୌଣସି ଉପାଦେୟ ତଥ୍ୟ ବିନା ପୁଅର ନାଁ ଦୁନିଆର ଶ୍ରେଷ୍ଠ ନାଁ ବୋଲି କହିଲା । ନିଜେ ଡାକୁଥିବା ' ପାଗଳା' ନାଁ ବି ବୋଉକୁ ସବୁଠୁ ସୁନ୍ଦର ନାଁ ବୋଲି ଭାବୁଥିବା କଥା ସୁଦର୍ଶନ ହୃଦୟଙ୍ଗମ କରି ପାରୁଥିଲା ।

ନିଜ ନାଁ ର ସାର୍ଥକତାକୁ ପ୍ରତିପାଦନ କରିବାକୁ ମନେ ମନେ ଚେଷ୍ଟା ଜାରି ରଖିଥିଲା ସୁଦର୍ଶନ । ନିଜ ନାମରେ ଥିବା ବ୍ୟକ୍ତି ବିଶେଷଙ୍କ ଗାରିମା ବିଷୟରେ ଜାଣିବାକୁ ଇଚ୍ଛୁକ ହୋଇଥିଲା । ମାତ୍ର ସେତେବେଳେ ତା ସାମ୍ନାକୁ ସେମିତି କିଛି ଅନାମଧେୟ ବ୍ୟକ୍ତିବିଶେଷ ଆସି ନଥିଲେ । ସେମିତି କେହି ଜଣେ ମିଳି ଯାଇଥିଲେ ହୁଏତ ତାଙ୍କ ନାଁ ନେଇ ନିଜ ନାଁ ର ସାର୍ଥକତା ଅନ୍ୟ ମାନଙ୍କୁ ଉପଲବ୍ଧି କରାଇବାର ଚେଷ୍ଟା କରିଥାନ୍ତା ! ପିଲାଦିନଟା ଏମିତି ଏମିତି ଅବସୋସରେ କଟିଗଲା ।

ଟିକିଏ ବଡ଼ ହେଲା ପରେ ଯଦିଓ ଭାଇ ଭଉଣୀ କିମ୍ବା ନାରଣ ଆଉ ତାକୁ ତା' ନାଁ ନେଇ ଆଉ କିଛି ଟିକା ଟିପ୍ପଣୀ ଦେଉ ନଥିଲେ । ମାତ୍ର ନାଁ କୁ ନେଇ ହୀନମନ୍ୟତା ନିଜ ଭିତରେ ବଳବତ୍ତର ରହିଥିଲା ସୁଦର୍ଶନର । ସ୍କୁଲରେ ସେଇ ନାଁ ଗଡି ଚାଲିଲା ତ ଆଉ ବଦଳାଇବାର ଅବକାଶ ନଥିଲା ।

ଛୋଟ ବେଳୁ ଗପ, ଗୀତ ବହି ସବୁ ପଢିବାକୁ ଭଲ ପାଉଥିବା ସୁଦର୍ଶନ ବଡ଼ ହେଲା ପରେ ବି ସେଇ ଭଲପାଇବା କମି ନଥିଲା । ସାହିତ୍ୟ ପ୍ରତି ଖୁବ୍ ରୁଚି ଥିଲା ତା'ର । ସେଇଟିକୁ ଆଧାର କରି, ନିଜର କିଛି ଲେଖା ଯଦି ପତ୍ରପତ୍ରିକା ଅବା ଦୈନିକ ଖବରକାଗଜରେ ବାହାରନ୍ତା ନିଜ ନାଁକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପିତ କରିହୁଅନ୍ତା । ଏଇ ଚିନ୍ତାଧାରା ନେଇ ସେ ଖୁବ୍ ଆଶାବାଦୀ ହୋଇ ପଡିଲା । ତା'ର ଅନେକ ଚେଷ୍ଟା ସତ୍ତ୍ୱେ କାଁ ଭାଁ ଗୋଟିଏ ଦୁଇଟା ଲେଖା ବାହାରିଲା ସିନା ତା'ର ଇଚ୍ଛା ଅନୁଯାୟୀ ଆଶାନୁରୂପକ ସଫଳତା ମିଳିଲା ନାହିଁ । ଅନେକ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ମଧ୍ୟରେ ନିଜ ନାଁ ହଜିଗଲା ପ୍ରାୟ । ସେ ବୁଝିଲା ସାହିତ୍ୟ କ୍ଷେତ୍ରରେ ଏତେ ଶୀଘ୍ର ପ୍ରତିଷ୍ଠା ଲାଭ କରିବାକୁ ଆଶାୟୀ ହେବା ସମୀଚୀନ ନୁହେଁ ।

ଯେତେବେଳେ ସ୍ମାର୍ଟ ଫୋନ୍ ଯୁଗ ଆସିଲା ଏବଂ ଫେସବୁକ ଆଦି ସୋସିଆଲ ମିଡିଆରେ ନିଜକୁ ବିଭିନ୍ନ କ୍ଷେତ୍ରରେ ପରିପ୍ରକାଶ କରିବାର ସୁବିଧା ଉପଲବ୍ଧ ହେଲା, ସୁଦର୍ଶନ ଏଥର ନିଜକୁ ପ୍ରତିପାଦିତ କରିବାକୁ ଆଉଥରେ ଚେଷ୍ଟା କଲା । ଦୁଇ ତିନୋଟି ସାହିତ୍ୟ ଗ୍ରୁପରେ ନିଜ ନାମକୁ ପଂଜିକୃତ କରିନେଲା । ସେସବୁ ଗ୍ରୁପରେ ଅନ୍ୟ ମାନଙ୍କ ଲେଖାକୁ ଲାଇକ୍ କରିବା ସହିତ ଫେସବୁକରେ ସେମାନଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ନିଜ ବନ୍ଧୁ ସଂଖ୍ୟା ହଜାର ପାଖାପାଖି କରାଇବାରେ ସଫଳ ହେଲା । ହେଲେ ଅନେକ ଦିନ ଅପେକ୍ଷା କଲାପରେ ମଧ ତା ପୋଷ୍ଟରେ ଅତି ବେଶୀରେ ଦଶ ବାରଟି ଲାଇକ୍ ଏବଂ ନିଜ ବନ୍ଧୁ ମାନଙ୍କ ଭିତରୁ 'ଲେଖା ଭଲ ହୋଇଛି' ବୋଲି ଗୋଟିଏ ଦୁଇଟି ମନ୍ତବ୍ୟ ଆସିଲା । ବ୍ୟତିବ୍ୟସ୍ତ ହୋଇପଡୁଥିଲା ସୁଦର୍ଶନ ।

ଏତିକି ବେଳକୁ ତା' ନାଆଁକୁ ନେଇ ମନ ଭିତରେ ଆହୁରି ଗାଢତର ହୀନମନ୍ୟତା ସୃଷ୍ଟି ହେଲା । ଅନ୍ୟମାନଙ୍କ ଲେଖାରେ ନିଜ ନାଁର ଯେମିତି ଅପବ୍ୟବହାର ହୋଇଛି ବୋଲି ଉପଲବ୍ଧି ହେଲା ସୁଦର୍ଶନ । କେହି କେହି ଗାଳ୍ପିକ ତା' ନାଁକୁ ଘରର ବୋଲକରା ଚାକର ରୂପରେ ଚିତ୍ରଣ କରିଥିଲେ ତ କେହି ମଦୁଆ ରୂପରେ । କେହି ପାଣି ପାଇପ୍ ମିସ୍ତ୍ରୀ ତ କେହି କୁଜିନେତା...!

ଜଣେ ବନ୍ଧୁ ନିଜ ଲେଖାରେ 'ସୁଦର୍ଶନ' ନାମକ ଲୋକକୁ ଟିୟୁସନ କରି ଜୀବିକା ନିର୍ବାହ କରୁଥିବା ଶିକ୍ଷକ ଭାବରେ ଚିତ୍ରଣ କରିଥିଲେ । ଗପଟି ଏମିତି ଥିଲା । ଉକ୍ତ ଶିକ୍ଷକ ଜଣକ ଟିୟୁସନ କରାଉଥିବା ଜଣେ ଦଶମ ଶ୍ରେଣୀର ଛାତ୍ରୀ ସହ ଅନୈତିକ କାର୍ଯ୍ୟରେ ଲିପ୍ତ ଅଛନ୍ତି । ଫଳସ୍ୱରୂପ କିଛି ଦିନ ଉତ୍ତାରୁ ଛାତ୍ରୀ ଜଣକ ଗର୍ଭବତୀ ହୋଇଛି । ସବୁକଥା ଜଣା ପଡ଼ିଯାଇଛି । ଲୋକ ଲୋଚନକୁ ଆସିଲା ବେଳକୁ ଶିକ୍ଷକ ଜଣକ ଏ ଘଟଣାରେ ତାଙ୍କର ସଂପୃକ୍ତି ନାହିଁ ବୋଲି ସଫେଇ ଦିଅନ୍ତି । ହେଲେ ସତକଥା ପଦାକୁ ଆସିଛି । ଲୋକମାନେ ତାଙ୍କ ମୁହଁରେ ଚୂନ କଳା ଲଗାଇ ରାସ୍ତାର ବୁଲାଇଛନ୍ତି । ମାଡ ଦେଇଛନ୍ତି । ଶିକ୍ଷକ ଜେଲ୍ ଦଣ୍ଡ ଭୋଗିଛନ୍ତି । ଏସବୁ ଘଟଣାରେ ଲଜ୍ଜିତ ହୋଇଛନ୍ତି ଶିକ୍ଷକଙ୍କ ସ୍ତ୍ରୀ ଏବଂ ଝିଅ । ଏମିତିକି କେଇ ବର୍ଷ ସଜା କାଟି ଘରକୁ ବେଲ୍ ରେ ଆସିଥିବା ସୁଦର୍ଶନଙ୍କ ପାଖରୁ ଝିଅକୁ ନେଇ ପତ୍ନୀ ବାପଘରକୁ ଚାଲିଯାଇଛନ୍ତି ।

'ଯେଉଁ ଲୋକ ନିଜ ଝିଅ ବୟସର ଛାତ୍ରୀ ଉପରେ ଲୋଲୁପ ଦୃଷ୍ଟି ପକେଇପାରେ, ସେ ଲୋକ ନିଜ ଝିଅକୁ ବରବାଦ୍ ନକରିଦେବ ବୋଲି କିଛି ମାନେ ଅଛି କି ?' ପତ୍ନୀଙ୍କର ଏଇ ଉକ୍ତି ଶୁଣିବା ପରେ ସୁଦର୍ଶନ ଆତ୍ମହତ୍ୟା କରିଦେଇଛନ୍ତି ।

ଏଇଠି କାହାଣୀ ସରିଛି ସିନା, ପାଠକଙ୍କ ମନରେ କିନ୍ତୁ ସୁଦର୍ଶନ ନାମକ ସେ ଲୋକଟିକୁ ପ୍ରଚୁର ଘୃଣା କରିବାକୁ ଗାଳ୍ପିକ ଖୁବ୍ ଚେଷ୍ଟା କରିଛନ୍ତି । ସବୁଠୁ ବଡ଼କଥା ହେଲା ଏଇ ଗଳ୍ପଟିକୁ ଲେଖିଥିବା ବ୍ୟକ୍ତି ଜଣକ ବନ୍ଧୁ ସୁଦର୍ଶନ ମହାପାତ୍ର ଟିୟୁସନ କରନ୍ତି ଜାଣି ମଧ ଏମିତି ଏକ କୁତ୍ସିତ ଚରିତ୍ରରେ ତାଙ୍କର ନାମକୁ ଉପସ୍ଥାପନ କରିଛନ୍ତି । ସୁଦର୍ଶନ ମହାପାତ୍ର ଏଇ ଗଳ୍ପଟି ପଢ଼ି ଖୁବ୍ ମର୍ମାହତ ହେଲା ।

ଆହୁରି ଗୋଟିଏ ଘଟଣା ସୁଦର୍ଶନ ଜୀବନରେ ଆସିଥିଲା ଯାହା ତା ମନରେ ଦୁଃଖ ପରିଣାମକୁ କେଇ ଗୁଣା ବଢ଼େଇ ଦେଇଥିଲା । ସୁଦର୍ଶନ ଚରିତ୍ରରେ ଥିବା ଗୋଟିଏ ଲୋକକୁ ତାଙ୍କ ଗଳ୍ପରେ ସ୍ଥାନ ଦେଇଛନ୍ତି ବୋଲି କହିଲେ ଜଣେ ଆତ୍ମୀୟ । ଗଳ୍ପ ଲେଖିଲା ବେଳେ କୁଆଡେ ସୁଦର୍ଶନ ନାମଟି ତାଙ୍କୁ ସର୍ବଶ୍ରେଷ୍ଠ ଲାଗିଲା । ସେଥିପାଇଁ ଭୁଲ୍ ନବୁଝିବାକୁ ଆଗତୁରା କହି ଗଳ୍ପଟିକୁ ନିଜ ଫେସବୁକ ପେଜରେ ପୋଷ୍ଟ କଲେ । କ'ଣ କିଛି କହିହେବ ନିଜଠାରୁ ଯଥେଷ୍ଟ ବରିଷ୍ଠ ସମ୍ପର୍କୀୟ ଜଣଙ୍କୁ ଏ ବିଷୟରେ ?

ସୁଦର୍ଶନ ମହାପାତ୍ର ଗଳ୍ପଟିକୁ ପଢିଲା । ଗଳ୍ପଟିରେ ସୁଦର୍ଶନ ନାମକ ଚରିତ୍ରଟି ଜଣେ ଗୋବର ଗଣେଶ ଯାହାକୁ ସ୍ୱାଭିମାନ ଜଣାନଥାଏ । କାହାର ମାନ ଅପମାନର ବିଷକୁ କଣ୍ଠସ୍ଥ କରିଦିଏ ଏବଂ ପୁଣି ତାରି ପାଖରେ ଦାନ୍ତ ନେଫେଡି ହାତ ପାତିଦିଏ କେତେବେଳେ । ଛିଣ୍ଡାଫଟା ସାର୍ଟ ଖଣ୍ଡେ ହେଉ ଅବା ବାସି ଖାଦ୍ୟ ହେଉ, ସବୁକିଛି ଆଦରି ନିଏ ବିନା ଦ୍ୱିଧାରେ । ବୁଦ୍ଧିହୀନ ବିଚରା ସୁଦର୍ଶନ...!!!

ଗଳ୍ପଟିକୁ ପଢି ସୁଦର୍ଶନ ମହାପାତ୍ର ନିଜକୁ ବିଶ୍ଳେଷଣ କରିବାକୁ ବାଧ ହେଲା । ସତରେ ସେ କ'ଣ ସେମିତି ନାଁ ଆତ୍ମୀୟ ଜଣଙ୍କ ତାକୁ ଜାଣିଶୁଣି ଅପମାନ ଦେବାକୁ ଏମିତି କହି ବୋଲି ଲେଖାଟି ପୋଷ୍ଟ କରି ତା'କୁ ପଢିବାକୁ ବାଧ କରିଛନ୍ତି । ହଁ ମନେ ପଡିଲା ସେଇ ଆତ୍ମୀୟଙ୍କ ଘରେ ଥରେ ପୁଅ ପାଠପଢ଼ା ଆଉ ଚାକିରୀ ଅନ୍ୱେଷଣ ବିଷୟରେ କଥା ହେଲା ଭିତରେ, ଆତ୍ମୀୟ ଜଣଙ୍କ ପୁଅ ପାଇଁ ବାଧକରି ସାର୍ଟ ଖଣ୍ଡେ ଦେଇଥିଲେ ।-'ଏଇ ସାର୍ଟ ପିନ୍ଧି ପୁଅ ପରୀକ୍ଷାକୁ ଗଲେ ନିଶ୍ଚୟ ସୁଫଳ ମିଳିବ । ଏଇଟା ଲକି ସାର୍ଟ' ବୋଲି କହିଥିଲେ । ଇଚ୍ଛା ନଥିଲେ ବି ଘରକୁ ଆଣି ଖୋଲିଲା ବେଳକୁ ସେଇଥିରେ ଫୁଟାଟିଏ ଥିଲା ବୋଲି ଜଣା ପଡିଲା । ବୋଧହୁଏ ଆରରନ ଲାଗି ଯାଇଥିଲା..! ସାର୍ଟଟିକୁ ଫୋପାଡ଼ି ଦେଇଥିଲା ସେ ଏବଂ କାଳେ ସମ୍ପର୍କ ଖରାପ ହୋଇଯିବ ଭାବି ସୁଦର୍ଶନ ସେତେବେଳେ ଚୁପ୍ ରହିଥିଲା ।

ନିଜ ନାଁ କୁ ନେଇ ଲୋକଙ୍କର ମାନସିକତାକୁ ପରଖିଲା ଭିତରେ ହଠାତ୍ ଦିନେ ସୁଦର୍ଶନର ମନ ଅଳିନ୍ଦ ଭିତରକୁ ପଶି ଆସିଲେ ଦୁଇଟି ନାଁ । ଜଣେ ପ୍ରସିଦ୍ଧ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏବଂ ଆଉଜଣେ ଆରଏସଏସର ମୁଖ୍ୟ କେ.ଏସ୍. ସୁଦର୍ଶନ । ଯେଉଁମାନଙ୍କ ନାଁ ସେ ପିଲାଦିନରୁ ଜାଣି ନଥିଲା । ସେ ଧିରେ ଧିରେ ସକାରାତ୍ମକ ମନୋଭାବ ପୋଷଣ କଲା ଏବଂ ନିଜେ ନାଁ କୁ ସାହିତ୍ୟ ଜଗତରେ ପ୍ରତିଷ୍ଠିତ କରାଇବାକୁ ବଦ୍ଧପରିକର ହେଲା । ପେପରରେ ତା'ର ନାଁ ବାହାରିଛି ବୋଲି ହଠାତ୍ ଦିନେ ଜଣେ ବନ୍ଧୁ ଜଣାଇ କଂଗ୍ରାଚୁଲେସନ କଲେ । କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ପତ୍ରପୁର ଗ୍ରାମର ସୁଦର୍ଶନ ମହାପାତ୍ରଙ୍କ ପୁଅ ବିଭୁଦତ୍ତ ମହାପାତ୍ର ଏଥର ଓ.ଏ.ଏସ ଟପ୍ପର ହୋଇଥିବା ଖବର ଟିକୁ ବାରମ୍ବାର ପଢୁଥିଲା ସେ । 'ଓଏଏସ୍ ଟପ୍ପର' ଶୀର୍ଷକ ଟି ତାକୁ ଯେମିତି ମନ୍ତ୍ରମୁଗ୍ଧ କରୁଥିଲା ନିଜ ନାଁ ବି ସେମିତି ତାକୁ ପୁଲକିତ କରୁଥିଲା ।ନିଜ ନାଁ କୁ ସେ ବାରମ୍ବାର ଦେଖୁଥିଲା କିଣି ଆଣିଥିବା ସବୁତକ ସମ୍ବାଦପତ୍ରରେ..!

ସତେ ଯେମିତି ପୁଅ ନୁହେଁ ସେ ନିଜେ ହିଁ କୃତିତ୍ୱ ଅର୍ଜନ କରିପାରିଛି । ପୁଅ ନାଁ ନୁହେଁ,ନିଜ ନାଁ ସୁଦର୍ଶନ କୁ ନିଜେ ବାରମ୍ବାର ଗୁଣୁଗୁଣାଉ ଥିଲା ଭିତରେ ଭିତରେ ।ତା' ଆଖିରେ ଲୁହ ଟଳମଳ କରୁଥିଲା । ସେ ବିଭୋର ହୋଇ ପଢୁଥିଲା...! ଏଇ କିଛି ସମୟ ହେଲା ପୁଅ କୁ ଛାତିରେ ଜଡେଇ ଧରିଥିଲା ବୋଲି ଭୁଲି ଯାଇଥିଲା ସୁଦର୍ଶନ...!!!

+ଆଳି, କେନ୍ଦ୍ରାପଡା



ପ୍ରଫୁଲ୍ଲ ବାରିକ

# ଅଂଶୁଘାତ



ଡେରିରେ ଶେଜ ଛାଡିବା ସୁବ୍ରତର ଅଭ୍ୟାସ । ସାତଟାକୁ ଉଠି, ମୁହଁଟା ଧୋଇନେଇ, ପାଣିଗ୍ଲାସେ ପିଇ ଯାଇ ବାରଣ୍ଡା ଚେୟାର ଧରିବା ବେଳକୁ ଟି'ପୟ ଉପରେ ଚା'କପ ସହ ଖବର କାଗଜ । ମନୋରମାର ଦିନଚର୍ଯ୍ୟାରେ ପ୍ରଥମ ସେବା ଆରମ୍ଭ ଏଇଠୁ । ପଛକୁପଛ ଅନ୍ୟାନ କର୍ମମାନ ।

ସୁବ୍ରତ ଖବରକାଗଜ ଉଠେଇଆଣି ଦେଖିଲା । ସାମ୍ନାପୃଷ୍ଠାରେ ବିଶେଷ ଆଗ୍ରହ ନରଖି ଗଲା ଭିତରକୁ । ଆଖିପଡିଲା ଖବରଟିଏ ଉପରେ । ଲେଖାଅଛି - ବାର୍ଦ୍ଧକ୍ୟଭତ୍ତା ଆଣିବା ଅବସରରେ ବୃଦ୍ଧାଙ୍କ ମୃତ୍ୟୁ ଅଂଶୁଘାତରେ । ଦୁଃଖଦ ଖବର । ଖରାର ତେଜ ଯିମିତି ବଢ଼ିଚାଲିଛି ଇମିତି ଘଟଣାମାନ ଏଣିକି ଆସିବ ନଜରକୁ । ସୁବ୍ରତ ସବିଶେଷ ଜାଣିବାକୁ ପଢିଲା ପୂରା ଖବରକୁ । କିଏ ସିଏ ଦୁଃଖିନୀ ? କୋଉଠିକାର ? ପଢି ଥ'ହେଇଗଲା । ଦୁଃଖରେ ଝାଉଁଳି ପଡିଲା ସକାଳର ସଜ ମନଟା । ଘୋଟିଆସିଲା ମନ ଆକାଶକୁ ଅନଉ ଅନଉ ମେଘଖଣ୍ଡେ । ତାଙ୍କରି ପଂଚାୟତ, ତାଙ୍କରି ଗାଁ'ର ଖବର । ସୀତାମାଉସୀ ଚାଲିଗଲେ ଅଂଶୁଘାତରେ । ପଂଚାୟତ ଅଫିସ ଆଗରେ, ଭତ୍ତାକୁ ଅପେକ୍ଷା କରି ବସିଥିବାବେଳେ । ସୀତା ମାଉସୀଙ୍କ ମୃତ୍ୟୁ ଚହଲେଇ ଦେଇଚି ସମ୍ପୂର୍ଣ ପରିବେଶକୁ । ଦୁଃଖାବିଭୂତ ଉତ୍ୟକ୍ତ ଜନତା ଛାଡିନାହାନ୍ତି ଅଧିକାରୀଙ୍କୁ । ଗଣ୍ଡଗୋଳ ନେଇ ଆସିଛନ୍ତି ପୁଲିସ ଏବଂ ଲୋକଙ୍କ ଜିଦରେ ତହସିଲଦାର । ଅନୁଧାନ ପରେ ଅଗତ୍ୟା ଶୁଦ୍ଧିକ୍ରୀୟା ଖର୍ଚ୍ଚସହ ପ୍ରାରମ୍ଭିକ କ୍ଷତିପୂରଣ ବାବଦକୁ ଦେଢ଼ଲକ୍ଷ ଦେବାପରେ ଶବ ଉଠାଯାଇଛି । ଟଙ୍କା ତାଙ୍କ ଏକମାତ୍ର ପୁଅ ନବଘନ ଗ୍ରହଣ କରିଛି ଉତ୍ତରାଧିକାରୀ ସୂତ୍ରେ । ସମ୍ପୂର୍ଣ ଖବର ପଢି ନିସ୍ତେଜ ପ୍ରାୟ ବସିଗଲେ ସୁବ୍ରତ । ତାଙ୍କୁ ଅନ୍ଧାର ଦିଶିଲା ପୃଥ୍ୱୀ । ସେଇ ଅନ୍ଧାର ଭିତରେ ନକ୍ଷତ୍ରଟି ପରି ଝଟକୁଥିଲେ ରମା ମାଉସୀଙ୍କ ରୋଗୀଣା ଶିରାଳ ମୁହଁ ସହ ତାଙ୍କ କୁଳାଂଗାର ମତଲବି ପୁଅ ନବଘନ ।

ସୁବ୍ରତ ଆଖିରେ ଭାସୁଥିଲା ଗାଁ । ନବଘନ ତାଙ୍କ ପିଲାଦିନ ସାଥି । ପଢୁଥିଲା ସାଙ୍ଗରେ । ଅଷ୍ଟମ ଶ୍ରେଣୀ ବର୍ଷ ଚାଲିଗଲେ ତା ବାପା । ବିଲରେ କାମ କରୁଥିବାବେଳେ ସାପ କାମୁଡାରେ । ଗାଁ କଥା । ଝାଡ଼ଫୁଙ୍କରେ ସମୟ ବେଯାଏ ଦେଇ ବିଳମ୍ବରେ ଡାକ୍ତରଖାନାରେ ପହଂଚିବା ବେଳକୁ ଲୋକ ଶେଷ । ଗରିବ ପରିବାରରେ ନବଘନ ଏକମାତ୍ର ସନ୍ତାନ । ପଢା ବନ୍ଦ ହେବାର ଥିଲା । ତା ମାଆ ଅଣ୍ଟା ଭିଡ଼ିଲେ । ପରଘରେ ଖଟି ମେଟ୍ରିକଯାଏ ନେଲେ ରମା ମାଉସୀ ପୁଅକୁ । ସେଇଠୁ ରହିଲା ନବଘନ । ରହିଲାଯେ, ବର୍ଷ କେଇଟାରେ ହେଇଗଲା ଦଣ୍ଡା ବାଲୁଙ୍ଗା । ପରିବର୍ତ୍ତନ ଆଣିବାକୁ ଶୀଘ୍ର ବାହା ଦେଇଦେଲେ ପୁଅକୁ ମାଉସୀ । ଆଶା କରିଥିଲେ, ସଂସାରୀ ହେଲେ ଆସିବ ସଂସାର ରାସ୍ତାକୁ । ଆସିଲାନି । ବରଂ ବଢ଼ି ଚାଲିଲା । ଓଲଟା ଦୋଷ ଦେଲା ଜନ୍ମକରି କ'ଣ ରଖିଛୁ ମୋ ପାଇଁ ? ସେଯାକେ ପୋଷୁଥାଆନ୍ତି ମାଉସୀ ପରଘରେ ଖଟି । ସାଙ୍ଗ ଦୃଷ୍ଟିରୁ କମ ବୁଝେଇ ନାହାନ୍ତି ନବଘନକୁ । ମଣିଷ ହେଇଥିଲେତ ?

ପରେପରେ ଆରମ୍ଭ କଲା ଅତ୍ୟାଚାର ମାଆ ଉପରେ । ଶେଷକୁ ଭିନ୍ନ ହେଇଗଲା ମାଆ ପାଖରୁ । ଯାହା ଯଉଠୁ ଟାଉଟରୀ କରି କମେଇଲା, ସ୍ତ୍ରୀ'କୁ ନେଇ ଚଳିଲା ମାଆକୁ ମୁହଁମୋଡି । ଭାଗ୍ୟକୁ ବାର୍ଦ୍ଧକ୍ୟଭତ୍ତା ଓ ବିପିଏଲ କାର୍ଡ ଥିଲା । ସେଇଥିରେ ଝୁଲିଲା ଯେନତେନ ମାଉସୀଙ୍କ ଜୀବନ । ପାଖପାଖି ଦଶବର୍ଷ ହେବ ମାଆପୁଅ ଭିନ୍ନ ହେବାର ।

ଏବେ ମାଉସୀଙ୍କର ହେଇଗଲା ଅକାଳ ନିଧନ । ତାହା ପୁଣି ଅଂଶୁଘାତରେ, ଭତ୍ତା ଆଣିବା ବେଳେ । ଭଗବାନବି କେଡେ ନିଷ୍ଠୁର । ହେଇପାରେ, ଆଉ ଅଧିକ ଦୁଃଖ ପାଇବା ଆଗରୁ ନେଇଗଲେ ତାଙ୍କୁ । ଟଙ୍କା ଦେଢ଼ଲକ୍ଷ ଉତ୍ତରାଧିକାରୀ ସୂତ୍ରେ ହାତେଇଲା ନବଘନ । ନା ଅଛି ସରମ, ନା ଶୋଚନା ?

ନବଘନ ପ୍ରତି ଘୃଣାରେ ସୁବ୍ରତ ମୁଣ୍ଡ ଗରମ ହେଇଗଲା । ଭୁଲି ଯାଇଛନ୍ତି ଚା ପିଇବାକୁ । ମନୋରମା ଖାଲିକପ ନେବାକୁ ଆସି ଦେଖନ୍ତିତ ଚା ଅପିଆ ସେଇମିତି ଅଛି । ସୁବ୍ରତଙ୍କର ମୌନାବତାର । ସାମ୍ନାରେ ପଡିଛି ଖୋଲା କାଗଜ । ମନୋରମା କିଛି ବୁଝି ନପାରି ପଚାରନ୍ତେ ସୁବ୍ରତ ଠାରିଦେଲା ପେପରକୁ । ମନୋରମା ଉଠେଇନେଇ ପଢିଗଲେ ଠିଆଠିଆ । ସିଏବି ଥ'ହେଇଗଲେ ପଢି । ଗାଁ'କୁ ଗଲେ ରମାମାଉସୀ ତାଙ୍କୁ କେତେ ଆଦର ସ୍ନେହ କରନ୍ତି । କହନ୍ତି ସୁବ୍ରତ ମୋର ଆଉ ଗୋଟିଏ ପୁଅ କ୍ଷ ତୁ ମୋ ବହୁ । ତୋ ଶାଶୁ ବଡ଼ ଭାଗ୍ୟବତୀଲୋ ତୋପରି ବହୁ ପାଇ । ଦିନରେ ଦି'ଥର ବ୍ୟସ୍ତତା ଭିତରେବି ଆସିବେ । କଥାହେବା ସହ ଆଶୀର୍ବାଦ ଗଦାଏ କରିବେ । ଯେତେଦିନ ଗାଁ'ରେ ରହନ୍ତି, ମାଉସୀଙ୍କ ସାନ୍ନିଧ ତାଙ୍କୁ ପ୍ରିତକରେ । ଭାରି ସ୍ନେହୀ । ଭଲ ଲାଗେ ତାଙ୍କୁ ପାଖରେ ପାଇ । ମାଉସୀ ଚାଲିଗଲେ । ଗାଁ'କୁ ଗଲେ ଆଉ ଦେଖା ହେବନି ।

ମନୋରମା ଥଣ୍ଡା ଚା'କପ ନେଇ ଆଉଥରେ ଗରମ କରିଆଣିଲେ । ସୁବ୍ରତ ବସିଥାଆନ୍ତି ସେଇମିତି ଗଭୀର ଚିନ୍ତାରେ । ଚା'କପ ଥୋଇ ମନୋରମା କହିଲେ, ଯିବା ଲୋକତ ଚାଲିଗଲେ । ଚିନ୍ତା କରି ଲାଭ କ'ଣ ? କଲେ କୋଉ ଫେରିବେ ସିଏ ? ସୁବ୍ରତ କହିଲା, ମୁଁ ସେକଥା ଚିନ୍ତା କରୁନି । କରୁଛି ସେ ବଦମାସ ନବଘନ କଥା । କିମିତି ହାତ ବଢ଼େଇ ନେଇ ଗଲା ମାଆର କ୍ଷତିପୂରଣ ? ଦଶବର୍ଷ ହେବ ଯିଏ ମାଆର ଛାଇ ଛୁଇଁନି,ମଲା କି ଗଲା,ପୁଅ ହେଇବି ଆଖି ବୁଜିଦେଇଚି ନଦେଖିବାକୁ,ଏବେ ବାହାରିଲା ଉତ୍ତରାଧିକାରୀ ପ୍ରେମ । ସରମ ଲାଗିଲାନି କୁଳାଙ୍ଗାରକୁ ।

--- ଛାଡ଼, ପୁଅ ତାଙ୍କର । ଯାହାବି ହେଲେ ସିଏ ନପାଇ ଆଉ ପାଇବ କିଏ ? ତମେ ସେସବୁ ମଥାରୁ ହଟେଇ ବ୍ରସ କର । ଅଫିସ ସମୟ ହେଇ ଯାଉଛି । ମୁଁ ଦେଖେ ରୋଷେଇ । ମନୋରମା ଚାଲିଗଲେ ରୋଷେଇ ଘରକୁ । ସୁବ୍ରତ ଅନିଚ୍ଛା ସତ୍ତ୍ୱେ ଚା'ଦି'ଢ଼ୋକ ପିଇ ଗଲେ ବ୍ରସ କରିବାକୁ । ଦିଶିଯାଉଥାଏ ରମାମାଉସୀ ଓ ତାଙ୍କ କୁଳାଂଗାର ପୁଅର ମୁହଁ ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ରାଜଧାନୀରେ ନକଲି ଏନ୍‌ସିଇଆରଟି ବହି: ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବହି ଜବତ, ୪ ଅଟକ

ଭୁବନେଶ୍ୱର, ୦୫/୫ (ନି.ପ୍ର): ରାଜଧାନୀରେ ନକଲି ଏନ୍‌ସିଇଆରଟି ବହିର ଭଣ୍ଡାରକୁ ଠାବ କରିଛି କମିସନରେଟ୍ ପୁଲିସ। ପ୍ରାୟ ୧୦ ଲକ୍ଷ ଟଙ୍କାର ଏଭଳି ନକଲି ବହି ଜବତ କରିଛି। ରାକେଟ୍‌ର ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଥିଲେ ମଧ୍ୟ ଅନ୍ୟ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏସବୁ ବହି କେଉଁଠି ଛପା ହେଉଥିଲା ଏବଂ କେବେଠୁ ଏହା ବଜାରକୁ ଆସୁଥିଲା ଭୁବନେଶ୍ୱର ବାହାରେ ଅନ୍ୟ କେଉଁ ସହରରେ ଏହାର କାରବାର ଚାଲିଛି ସେନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ପୁଲିସ ସୂଚନା ମୁତାବକ ନକଲି ବହି ନେଇ ଏନ୍‌ସିଇଆରଟି ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଖାରବେଳନଗର ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ପ୍ରାୟ ୧୦ ଲକ୍ଷରୁ ଅଧିକ ମୂଲ୍ୟର ୩୦୦ରୁ ଉର୍ଦ୍ଧ୍ୱ ନକଲି ବହି ଜବତ କରାଯାଇଛି।



ପୂର୍ବରୁ ପ୍ରତିବର୍ଷ ଓଡ଼ିଶାକୁ ଯେଉଁ ପରିମାଣର ଏନ୍‌ସିଇଆରଟି ବହି ଆସୁଥିଲା, ତାହା ଗତ କିଛି ବର୍ଷ ହେଲା ହଠାତ୍ କମିଯାଇଥିଲା। ପ୍ରାୟ ୫୦ ପ୍ରତିଶତରୁ କମ୍ ବହି ବିକ୍ରି ହୋଇଥିଲା। ଏହାକୁ ନେଇ ଏନ୍‌ସିଇଆରଟି ଦ୍ୱନ୍ଦ୍ୱରେ ପଡ଼ିଥିଲା। ରାଜଧାନୀର ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିବା ବେଳେ ବହି ବିକ୍ରି କାହିଁକି କମୁଥିଲା। ଏଭଳି ସ୍ଥିତି ଉପୁଜିବାର କାରଣ ଖୋଜୁଖୋଜୁ ବଜାରରେ ନକଲି ଏନ୍‌ସିଇଆରଟି ବହି ମିଳୁଥିବା ଜଣାପଡ଼ିଥିଲା। ପଶ୍ଚିମବଙ୍ଗରୁ ଏନ୍‌ସିଇଆରଟିର ଏକ ୪ ଜଣିଆ ଟିମ୍ ଓଡ଼ିଶା ଆସି ଛାନ୍‌ଭିନ କରିଥିଲା। ଗ୍ରାହକ ବେଶରେ ଥିବା ଏହି ଟିମ୍ ରାଜଧାନୀର କିଛି ବୁକ୍ ଷ୍ଟୋର ବୁଲି ବହି କିଣିବା ବାହାନାରେ ଯାଞ୍ଚ କରିଥିଲା। ପ୍ରଥମେ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ବିଦ୍ୟାର୍ଥୀ ବୁକ୍ ଷ୍ଟୋରରୁ ବହି କିଣିଥିଲେ। ସେଠାରେ ସେମାନଙ୍କ ହାତରେ ଦୁଇଟି ନକଲି ବହି ଲାଗିଥିଲା। ବହିର କାଗଜ ଓ ହଲୋଗ୍ରାମ୍‌ରୁ ତାହା ନକଲି ବୋଲି ଜଣାପଡ଼ିଥିଲା। ତେଣୁ ସେହି ଟିମ୍ ତୁରନ୍ତ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ।

ରବେଳନଗର ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଆଜି ବିଦ୍ୟାର୍ଥୀ ବହି ଦୋକାନକୁ ଯାଇ କିଛି କର୍ମଚାରୀଙ୍କୁ ପଚରାଉଚରା କରିଥିଲା। ସେମାନେ ୟୁନିଟ୍-୯ସ୍ଥିତ ମା' ମଙ୍ଗଳା ବୁକ୍‌ଷ୍ଟୋରରୁ ଏହି ବହି ଆଣିଥିବା କହିଥିଲେ। ସେମାନଙ୍କ ତଥ୍ୟ ଆଧାରରେ ପୁଲିସ ଟିମ୍ ମା' ମଙ୍ଗଳା ବୁକ୍ ଷ୍ଟୋରରେ ଚଢ଼ଉ କରିଥିଲା। ସେଠାରୁ ୩୦୦ ନକଲି ବହି ଜବତ କରିବା ସହ ୨ ଜଣଙ୍କୁ କାବୁ କରି ଥାନାକୁ ଅଣାଯାଇଥିଲା। ସେମାନଙ୍କୁ ଜେରା କରିବା ପରେ ବହି ଗୋଦାମର ଗୁମର ଖୋଲିଥିଲା। ଏହାପରେ ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଆଇଆଇସି ରଜନୀକାନ୍ତ ମିଶ୍ର ଓ ତାଙ୍କ ଟିମ୍ ବଡ଼ଗଡ଼ସ୍ଥିତ ଶୁଭମ୍ ବୁକ୍‌ଷ୍ଟୋର ଡିପୋରେ ଚଢ଼ଉ କରିଥିଲା। ସେଠାରୁ ବିପୁଳ ପରିମାଣର ନକଲି ବହି ଜବତ କରାଯାଇଥିଲା। ସେସବୁର ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସେଠାରୁ ମାଲିକ ଓ କର୍ମଚାରୀଙ୍କୁ ପୁଲିସ ଉଠାଇ ଥାନାକୁ ଆଣିଥିଲା। ସୂଚନାଯୋଗ୍ୟ ଯେ ନକଲି ବହିରେ ଅସଲ ବହିର ସବୁ ବିଷୟବସ୍ତୁ ଥିଲା। କିନ୍ତୁ ପେପର କ୍ୱାଲିଟି କମ୍ ମାନର ଥିଲା। ପୁଣି ନକଲି ବହିର ଦାମ ଅସଲ ବହି ମୂଲ୍ୟର ଅଧା ଦାମରେ ମିଳୁଥିଲା। ବହି ଦୋକାନୀମାନେ ଭଲ କମିସନ ପାଇ ଏହି ବହି ବିକୁଥିଲେ। କିନ୍ତୁ ଅଭିଭାବକମାନେ ଏହାର ଟେର ପାଉନଥିଲେ।

ଏନ୍‌ସିଇଆରଟିର ଜଣେ ଅଧିକାରୀ କହିଛନ୍ତି ଯେ ଏନ୍‌ସିଇଆରଟି ବହି କଲିକତାରୁ ଆସେ। ପ୍ରତିବର୍ଷ ପ୍ରାୟ ୧୨ କୋଟି ଟଙ୍କାର ବହି ଓଡ଼ିଶା ବଜାରରେ ବିକ୍ରି ହୁଏ। କିନ୍ତୁ ଗତ କିଛି ବର୍ଷ ହେଲା ଏହି ପରିମାଣ କମି ୨ କୋଟି ଟଙ୍କାରେ ଆସି ପହଂଚିଛି। ଏହାକୁ ନେଇ ସନ୍ଦେହ ହେବାରୁ ଛାନ୍‌ଭିନ୍ କରାଯାଇଥିଲା। ଏହି ସମୟରେ ଓଡ଼ିଶା ବଜାରରେ ବିପୁଳ ପରିମାଣର ନକଲି ବହି ବିକ୍ରି ହେଉଥିବା ଜଣାପଡ଼ିଥିଲା।

# କେନାଲରେ ପାଣି ଛାଡ଼ିବା ଦାବିରେ ଚାଷୀଙ୍କ ରାସ୍ତା ଅବରୋଧ



ଭେଡ଼େନ, ୦୫/୫ (ନି.ପ୍ର): ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ୍ ଅନ୍ତର୍ଗତ ମାଇନର କେନାଲରେ ପାଣି ଅଭାବରୁ ନଷ୍ଟ ହେଉଛି ଧାନ ଫସଲ। ଏହାର ପ୍ରତିବାଦରେ ଚାଷୀମାନେ ଆଜି ଆନ୍ଦୋଳନକୁ ଓହ୍ଲାଇଥିଲେ। ମରିଯାଇଥିବା ଧାନର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଓ ୧୫ ତାରିଖ ପର୍ଯ୍ୟନ୍ତ କେନାଲରେ ପାଣି ଛାଡ଼ିବା ଦାବି କରି ଶନିବାର ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୋଡ଼ଭଗା-ତୁରୁମ ରାସ୍ତାର ଗର୍ଭିନା ଛକରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ଚାଷୀଙ୍କ କହିବା ହେଲା, ଭେଡ଼େନ ବ୍ଲକ ପପଙ୍ଗା, ଭାଙ୍ଗକୁଦ, ସିଆଲଖଣ୍ଡହତା, ରଷୁଡ଼ା ଆଦି ମାଇନର କେନାଲରେ କିଛିଦିନ ହେବ ପାଣି ଆସୁନି। ଫଳରେ ବିଭିନ୍ନ ଗ୍ରାମର ଏକର ଏକର ଜମିରେ ହୋଇଥିବା ଧାନ ଫସଲ ପାଣି ଅଭାବରୁ କ୍ଷୟକ୍ଷତି ହୋଇଛି। ଏହାକୁ ନେଇ ଚାଷୀମାନେ ଆଜି ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୋଡ଼ଭଗା-ତୁରୁମ ରାସ୍ତାର ଗର୍ଭିନା ଛକରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ରଷୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ ସାହୁ, ଭେଡ଼େନ ଥାନାଧିକାରୀ ପ୍ରେମଜିତ ଦାଶ, ତହସିଲଦାର ଗୌରବ ବର୍ଗେ, ଏସ୍‌ଡିଓ ମହେନ୍ଦ୍ର କୁଅଁର ପ୍ରମୁଖ ଆସି ବୁଝାସୁଝା କରିଥିଲେ। ପରେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଏଏସ୍‌ପି ସୁରେଶ ନାଏକ, କେନାଲ ବିଭାଗର ଏସ୍‌ଇ ପ୍ରଦୀପ ସାମଲ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ସମାଧାନ କରିଥିଲେ। ଏସ୍‌ଇ ଶ୍ରୀ ସାମଲ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କେନାଲରେ ପାଣି ଆସିବା ନେଇ ବିଭାଗୀୟ ଚିଠି ଦେଲାପରେ ଓ ତହସିଲଦାର ଶ୍ରୀ ବର୍ଗେ କ୍ଷୟକ୍ଷତି ଆକଳନ କରି ଉଚ୍ଚ ପଦାଧିକାରୀ ଓ ସରକାରଙ୍କୁ ଜଣାଇବୁ ବୋଲି ପ୍ରତିଶ୍ରୁତି ଦେଲାପରେ ଅପରାହ୍ନ ୨ଟାରେ ରାସ୍ତା ଅବରୋଧ ହଟିଥିଲା। ଚାଷୀମାନେ ରାସ୍ତା ଉପରେ ରୋଷେଇ କରି ଅଟକ ରହିଥିବା ଗାଡ଼ିଗୁଡ଼ିକର ଚାଳକ, ହେଲପର ଓ ଯାତ୍ରୀଙ୍କୁ ଚାଷୀମାନେ ଖାଇବାକୁ ଦେଇଥିଲେ। ଏହି ରାସ୍ତା ଅବରୋଧ ସମୟରେ ଭେଡ଼େନ ଚାଷୀ ସଂଗଠନର ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ନନ୍ଦିଘୋଷ ମିଶ୍ର, ବିଜୟ ଲହରିଆଙ୍କ ସମେତ ଅନେକ କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ।

# ତାଲଡ଼ିହା ଗ୍ରାମବାସୀ ପାନୀୟ ଜଳ ପାଇଁ ଡହଳ: ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଲୋକେ



ରାଇରଙ୍ଗପୁର, ୦୫/୫ (ନି.ପ୍ର): ଗାଁ ଗଣ୍ଡାର ନଦୀ, ନାଳ, ପୋଖରୀ କୂଅ ସବୁ ଶୁଖିଗଲାଣି। ଜଳ ସ୍ତର ମଧ୍ୟ ହ୍ରାସ ପାଇଲାଣି। ଦିନକୁ ଦିନ ଚାଲିଛି ଗ୍ରୀଷ୍ମ ତାପର ପ୍ରକୋପ ବୃଦ୍ଧି। ୪୪ ଡିଗ୍ରିରୁ ଅଧିକ ତାପମାତ୍ରାରେ ସିଝୁଛି ସାରା ଓଡ଼ିଶା। ଖରା ଯେତେ ବଢୁଛି ପିଇବା ପାଣି ସମସ୍ୟା ସେତେ ଉତ୍କଠ ଦେଖାଦେଇଛି। ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କାର ପ୍ରକଳ୍ପ କରୁଛନ୍ତି ହେଲେ କୌଣସି ନା କୌଣସି କାରଣରୁ ମନ୍ଥର ଗତିରେ ନିର୍ମାଣ ଚାଲୁଥିବା ପ୍ରକଳ୍ପ ଯୋଗୁଁ ପ୍ରକଳ୍ପରେ ପାଣି ଉପଲବ୍ଧ ହୋଇ ପାରୁନାହିଁ। କେଉଁଠି ବିଦ୍ୟୁତ ସଂଯୋଗ ନାହି ତ କେଉଁଠି ପାଇପ ବିଛା ସରିନାହିଁ ତ କେଉଁଠି ଓଭର ହେଡ ଟ୍ୟାଙ୍କ ନିର୍ମାଣ ସରିନାହିଁ। ଯାହାଫଳରେ ଲୋକେ ପିଇବା ପାଣିରୁ ବଂଚିତ ହେଉଛନ୍ତି। ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକର ବଣକାଟି ପଞ୍ଚାୟତର ୧୦୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଥିବା ତାଳଡ଼ିଆ ଗ୍ରାମରେ ଜଳ ସଂକଟ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ୫ଟି ନଳକୂପରୁ ଗୋଟିଏ କାର୍ଯ୍ୟକ୍ଷମ ଅଛି। ସେଥିରୁ ମଧ୍ୟ ନାଲିଆ ପାଣି ବାହାରୁଛି। ପୋଖରୀ, ନାଳ ମଧ୍ୟ ଶୁଖିଗଲାଣି। ଗୋରୁଗାଈ, ଛେଳି, ବୁଢ଼ାବୁଢ଼ୀ, ମହିଳାମାନେ ଶୌଚ ପାଇଁ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରପଞ୍ଚଙ୍କୁ କହିଲେ ସେ ଅସହାୟ। ସରକାରଙ୍କ ବସୁଧା ଯୋଜନାଠାରୁ ଆରମ୍ଭ କରି ପ୍ରତ୍ୟେକ ଘରେ ଡ୍ରିଙ୍କ ଫ୍ରମ ଟେପ୍ ଯୋଜନା ଲୋକଙ୍କ କାମରେ ଲାଗୁନାହିଁ। ବାଧ୍ୟ ହୋଇ ଆଜି ତାଳଡ଼ିହା ଗ୍ରାମବାସୀ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପାଣି ସମସ୍ୟା ସମାଧାନ ପାଇଁ ଲିଖିତ ଗୁହାରି ଜଣାଇଛନ୍ତି। ଆଗାମୀ ଦିନରେ ପାନୀୟ ଜଳ ସମସ୍ୟା ସମାଧାନ ନ ହେଲେ ଚଳିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ। ପାଣି ନାହିଁ ତ ଭୋଟ ନାହିଁ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଦାବି ପତ୍ର ପ୍ରଦାନ ସମୟରେ ଗ୍ରାମର ୱାର୍ଡ ମେମ୍ବର ସଲାରାମ ସୋରେନ, ମଦନ ମୁର୍ମୁ, କାପୁରା ହାଁସଦା, ପିତାମ୍ବର ସୋରେନ, ମନା ମୁର୍ମୁଙ୍କ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବୋଷ୍ଟନରେ ଓଡ଼ିଶା ଷ୍ଟାର୍ଟଅପ୍‌ର ସଫଳତା

ଭୁବନେଶ୍ୱର, ୦୫/୫ (ନି.ପ୍ର): ସଂପ୍ରତି ଆମେରିକାର ବୋଷ୍ଟନର ନର୍ଥ ଇଷ୍ଟର୍ଣ୍ଣ ୟୁନିଭରସିଟିଠାରେ ଅନୁଷ୍ଠିତ ଷ୍ଟାର୍ଟଅପ୍ ପ୍ରତିଯୋଗିତା ପ୍ରଦର୍ଶନ ଓ ତତ୍‌ସମ୍ବନ୍ଧୀୟ ଅଭିଭାଷଣ କାର୍ଯ୍ୟକ୍ରମରେ ଓଡ଼ିଶା ଷ୍ଟାର୍ଟଅପ୍ କୃତିତ୍ୱ ଅର୍ଜନ କରିଛି। ଓଡ଼ିଶା ଷ୍ଟାର୍ଟଅପ୍ ଦ୍ୱାରା ସ୍ୱୀକୃତ ତଥା ଓଡ଼ିଶା ଷ୍ଟାର୍ଟଅପ୍ ଦ୍ୱାରା ପୁରସ୍କୃତ ନିଉରୂପ ଟେକ୍ ସଲ୍ୟୁସନ୍ କମ୍ପାନିର ପ୍ରତିଷ୍ଠାତା ଅନୂପ ପାଇକରାୟ ଏହି ସଫଳତା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବୋଷ୍ଟନଠାରେ ଅନୁଷ୍ଠିତ ଅନ୍ତଃରାଷ୍ଟ୍ରୀୟ ଷ୍ଟାର୍ଟଅପ୍ ପ୍ରତିଯୋଗିତା ପ୍ରଦର୍ଶନରେ ପ୍ରାୟ ୧୦




ଗୋଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିଲାବେଳେ ଓୟୁଟିଆର ଛାତ୍ର ଅନୁପ ଏକମାତ୍ର ଭାରତୀୟ ଛାତ୍ର ଭାବେ କୃତିତ୍ୱ ଅର୍ଜନ କରି ନିଜ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଶା ଷ୍ଟାର୍ଟଅପ୍ ପାଇଁ ଗୌରବ ଆଣିଛନ୍ତି। ପୁରସ୍କାର ବାବଦରେ ସେ ୨ ଲକ୍ଷ ଟଙ୍କା ଓ ଟ୍ରଫି ପାଇଛନ୍ତି। ଅନୂପଙ୍କ ପ୍ରକଳ୍ପ ମୁଖ୍ୟତଃ ଆଫ୍ରିକାର ଗ୍ରାମାଞ୍ଚଳରେ ରହିଥିବା ୫୦ କୋଟି ମହିଳାଙ୍କ ଜୀବନର ମାନରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ। ପ୍ରକଳ୍ପ ଚୁଲିଭ୍ ବିଶ୍ୱର ପ୍ରଥମ ଅଟୋମେଟିକ୍ ଏୟାରବ୍ଲୋୟର ମାତ୍ର ୫୦୦ ଟଙ୍କାରେ ମାଟି ଚୁଲିରେ ଆସୁଥିବା ଧୂଆଁକୁ ହ୍ରାସକରି ମହିଳାମାନଙ୍କ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହେବ।

# ନିର୍ବାଚନ ଗାଇଡ଼ ଲାଇନର ପାଳନକୁ ସୁନିଶ୍ଚିତ କରିବା ସହ ଶାନ୍ତି ପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଗୁରୁତ୍ୱପୂର୍ଣ୍ଣ: ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଭିଶାଲ

ସୁବର୍ଣ୍ଣପୁର, ୦୫/୫ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ପଦକ୍ଷେପ ଉପରେ ତର୍ଜମା କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସିଛନ୍ତି ସାଧାରଣ ପର୍ଯ୍ୟବେକ୍ଷକ। ସଂସଦୀୟ କ୍ଷେତ୍ର ସାଧାରଣ ପର୍ଯ୍ୟବେକ୍ଷକ ରୂପେ ରଞ୍ଜନ ଭିଶାଲ, ଆଇଏଏସ ଜିଲ୍ଲା ଅନ୍ତର୍ଗତ ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀ ର ନିର୍ବାଚନ ସଂକ୍ରାନ୍ତୀୟ ଆଇନ ଶୃଙ୍ଖଳା ବ୍ୟବସ୍ଥା, ଖର୍ଚ୍ଚ ହିସାବ ଓ ପରିଚାଳନା ତଥା ନିର୍ବାଚନ ସମ୍ପୃକ୍ତ ଅନ୍ୟାନ୍ୟ ବ୍ୟବସ୍ଥା ତଦାରଖକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ରଞ୍ଜନ ଭିଶାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀମତୀ ଅନ୍ୟା ଦାସ , ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲ , ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ବିଧାନସଭା ରିଟର୍ନିଙ୍ଗ ଅଧିକାରୀ ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ସୋନପୁର ବିଧାନସଭା ରିଟର୍ଣ୍ଣିଙ୍ଗ ଅଧିକାରୀ ତଥା ଉପଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକଙ୍କ ସହ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ନୋଡାଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀମତୀ ଅନ୍ୟା ଦାସ ନିର୍ବାଚନ ପ୍ରସ୍ତୁତି ତଥା ପରିଚାଳନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାୱାର ପଏଣ୍ଟ ମାଧ୍ୟମରେ ବୈଠକରେ ଉପସ୍ଥାପନ କରିଥିଲେ। ସେ ଏହି ପରିପ୍ରେକ୍ଷୀରେ ପାୱାରପଏଂଟ ଦ୍ୱାରା ଜିଲ୍ଲାର ସମୁଦାୟ ବିଭିନ୍ନ ବର୍ଗର ଭୋଟର, ବୁଥ ତଥା ପ୍ରତ୍ୟେକ ବର୍ଗର ଭୋଟରଙ୍କ ନିମନ୍ତେ ଶୃଙ୍ଖଳିତ ଓ ବ୍ୟବସ୍ଥିତ ମତଦାନ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା, ସେକ୍ଟର ଅଧିକାରୀ, ରୁଟ ପ୍ଲାନ, ଇଭିଏମ ପ୍ରସ୍ତୁତି, ଅଣୁ ପର୍ଯ୍ୟବେକ୍ଷକ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି- ଭିଜିଲ, ଗଣମାଧ୍ୟମ ପ୍ରମାଣୀକରଣ ଓ ପରିଚାଳନା କକ୍ଷ, ପୋଷ୍ଟାଲ ବାଲାଟ, ହୋମ ଭୋଟିଂ, ଜିଲ୍ଲା ଅଭିଯୋଗ କକ୍ଷ ପ୍ରଭୃତିର ବ୍ୟବସ୍ଥା ଓ ପରିଚାଳନା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଆରକ୍ଷୀ ଅଧିକାରୀ ଶ୍ରୀ ଯସ ପ୍ରତାପ ଶ୍ରୀମଲ ଆଇନ ଶୃଙ୍ଖଳା ନିମନ୍ତେ ପୋଲିସ ମୁତୟନ, ନାକା ଓ ଚେକିଂ ପଏଂଟ, ଲାଇସେନ୍ସ ଅସ୍ତ୍ର ଜମା, ଫ୍ଲାଗ ମାର୍ଚ୍ଚ, ବେଆଇନ ନିଶା କାରବାରକୁ ରୋକିବା ନିମନ୍ତେ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଆଦି ବିଷୟରେ ଅବଗତ କରାଇଥିଲେ।

# ପ୍ରାର୍ଥୀପତ୍ର ଦାଖଲ କଲେ କଂଗ୍ରେସ ପ୍ରାର୍ଥୀ କେଦାର ନାଥ ବରିହା

ସମ୍ବଲପୁର, ୦୫/୫ (ନି.ପ୍ର): କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ କେଦାର ନାଥ ବରିହା ଆଜି ସମଲେଇ ମନ୍ଦିର ଛକ ଠାରୁ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଶୋଭାଯାତ୍ରାରେ କଂଗ୍ରେସର ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବହୁ ପୁରୁଖା ଓ ତୁଙ୍ଗ କଂଗ୍ରେସ ନେତାମାନେ ସାମିଲ ହୋଇଥିଲେ। ସମଲେଇ ମନ୍ଦିର ଛକରୁ ବାହାରିଥିବା ଏହି ଶୋଭାଯାତ୍ରା ମନ୍ଦିର ଛକ, ପଂଚମୁଖୀ ଛକ ଦେଇ ସହର ପରିକ୍ରମା କରିବା ପରେ କୁଚିଣ୍ଡା ଉପ- ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଂଚିଥିଲା। ଏହି ଶୋଭାଯାତ୍ରାରେ ଇଣ୍ଡିଆ ମେଂଟ ସମର୍ଥିତ ଆମ ଆଦମୀ ପାର୍ଟିର ଶତାଧିକ କର୍ମକର୍ତ୍ତା ମଧ ସାମିଲ ହୋଇଥିଲେ। କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ତଥା ବିଂଝାପିତ ଅଂଚଳ ପରିଷଦର ବିଭିନ୍ନ ୱାର୍ଡରୁ ହଜାର ହଜାର କଂଗ୍ରେସ କର୍ମୀ, ଦଳୀୟ ପଦାଧିକାରୀ, ଯୁବ ଓ ମହିଳାକର୍ମୀ ମଧ ସାମିଲ ହୋଇଥିଲେ। ପ୍ରାର୍ଥୀ କେଦାର ନାଥ ବରିହା ୨ ସେଟ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ଯୁବ କଂଗ୍ରେସ ନେତା ଭକ୍ତରାମ କୁମୁରା ଏବଂ ଜଗଦାନନ୍ଦ କୁମାର ରହିଛନ୍ତି। କେଦାରନାଥଙ୍କ ପ୍ରାର୍ଥୀ ପତ୍ର ଦାଖଲ ସମୟରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟ ଶଙ୍କର ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ଜିଲ୍ଲା ଉପ ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ,ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସଂଜିତ ଶର୍ମା, ଅନ୍ୟତମ ସଦସ୍ୟ ଅଶୋକ ଦାନୀ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସରୋଜ ପୂଜାରୀ, କୁଚିଣ୍ଡା ନଗର କଂଗ୍ରେସ କମିଟି ସଭାପତି ଅଖିଳ ପ୍ରତାପ ସିଂ, ଜିଲ୍ଲା ସମ୍ପାଦକ କିଶୋର କୁମାର ନାୟକ, ରବି ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଖତୁନାଥ ପିଙ୍ଗ, ଦିଲୀପ ପଟେଲ, ବରିଷ୍ଠ କଂଗ୍ରେସ ନେତା ଡ଼. ଶରତ ଚନ୍ଦ୍ର ଗୌନ୍ତିଆ, ଜିଲ୍ଲା ଉପ ସଭାପତି ଆରତୀ ନାୟକ, ଜୟନ୍ତ ପ୍ରଧାନ, ଆମ ଅଦାମୀ ପାର୍ଟି ର କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ସଭାପତି ବିନୟ ତିର୍କୀ, ବ୍ଲକ ସଭାପତି ଇରାତ ନାଏକ, ମହିଳା ସଭାନେତ୍ରୀ ସନ୍ଧ୍ୟା ରାଣୀ ମଦାର, ଯୁବ ସଭାପତି ଦେବାଶିଷ ଗଡ଼ନାୟକ, ସଙ୍ଗଠକ ରାଜକିଶୋର ଦେବତା ଓ ପ୍ରଣୟ ବଲ୍ଲଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀ ପଠାରେ ବିରଳ ପାଣିଚିରି ପକ୍ଷୀ: ସମଗ୍ର ବିଶ୍ୱରେ ୪ହଜାର, କଖଡ଼ିରେ ୧୬୫

କଟକ, ୦୫/୫ (ନି.ପ୍ର): ବିରଳ ପାଣିଚିରି ପକ୍ଷୀ (ଇଣ୍ଡିଆନ୍ ସ୍କିମର)ଙ୍କ ସୁରକ୍ଷିତ ସ୍ଥାନ ପାଲଟିଛି କଟକ ଜିଲ୍ଲା କଖଡ଼ିର ମହାନଦୀ ଶଯ୍ୟା ବାଲିକୁଦ। ଏଠାରେ ସେମାନେ ସୁରକ୍ଷିତ ଭାବେ ଅଣ୍ଡାଦାନ କରି ବଂଶବିସ୍ତାର କରୁଛନ୍ତି। ସାରା ବିଶ୍ୱରେ ଏହି ପକ୍ଷୀଙ୍କ ସଂଖ୍ୟା ମାତ୍ର ୪ହଜାର ଥିବାବେଳେ ଓଡ଼ିଶାର କେବଳ ମହାନଦୀର କଖଡି ବାଲିକୁଦରେ ୧୬୫ ପାଣିଚିରି ପକ୍ଷୀ ରହିଥିବା ବନବିଭାଗ ସର୍ଭେରୁ ଜଣାପଡିଛି। ଏବେ ମାର୍ଚ୍ଚ ଶେଷ ସପ୍ତାହରୁ ଜୁନ୍ ୩୦ ପର୍ଯ୍ୟନ୍ତ ସେମାନଙ୍କ ଅଣ୍ଡାଦାନ ପ୍ରକ୍ରିୟା ଚାଲିବ। ଏହାପରେ ସେମାନେ ଫେରିଯାଇ ପୁଣି ଡିସେମ୍ବର ବେଳକୁ ପୁରୁଣା ସ୍ଥାନକୁ ଫେରିବେ। ତେବେ, କିଛି ପକ୍ଷୀ ଏହାକୁ ସୁବୁଦିନିଆ ବାସସ୍ଥାନ ଭାବେ ଗ୍ରହଣ କରିବା ଆରମ୍ଭ କଲେଣି। ତେଣୁ, ଏହାର ସୁରକ୍ଷା ନେଇ ଆଠଗଡ଼ ବନଖଣ୍ଡ ଅଣ୍ଟା ଭିଡିଛି। ଏଥିପାଇଁ ସ୍ଥାନୀୟ ଗ୍ରାମବାସୀ, ଯୁବବର୍ଗ ଓ ବନବିଭାଗ କର୍ମଚାରୀଙ୍କୁ ନେଇ ୧୧ଜଣିଆ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସେମାନଙ୍କ ସୁରକ୍ଷା ପାଇଁ କାମ କରିବା ସହ ୨୪ଘଣ୍ଟିଆ ପାଟ୍ରୋଲିଂ କରିବେ। ନଦୀ ଅବବାହିକାରେ ଥିବା ବାଲିଚର ପାଣିଚିରି ପକ୍ଷୀଙ୍କ ବିଚରଣ ଓ ପ୍ରଜନନ ପାଇଁ ଉପଯୁକ୍ତ ସ୍ଥାନ। ଏଣୁ କଖଡ଼ି ବାଲିକୁଦକୁ ଅଣ୍ଡା ଦେବାପାଇଁ ଉପଯୁକ୍ତ ମନେ କରି ପାଣିଚିରି ପକ୍ଷୀ ଆସୁଛନ୍ତି। ଚଳିତବର୍ଷ ଏଯାବତ୍ ସେମାନେ ୮୨ଟି ଅଣ୍ଡା ଦେଇଥିବା ବେଳେ ଅଣ୍ଡାଦାନ ପ୍ରକ୍ରିୟା ଚାଲୁ ରହିଛି। ବର୍ତ୍ତମାନ ସୁଦ୍ଧା ଅଣ୍ଡାରୁ ୩୫ଟି ଛୁଆ ଫୁଟିଛନ୍ତି ଓ ଆଗାମୀ ଦିନରେ ଏହାର ସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି। ପାଣିଚିରି ଏକ ବିରଳ ପ୍ରଜାତିର ପକ୍ଷୀ ହୋଇଥିବା ବେଳେ ବର୍ତ୍ତମାନ ଏହାର ସଂରକ୍ଷଣ ସ୍ଥିତି ସଙ୍କଟାପନ୍ନ ଅବସ୍ଥାରେ ରହିଛି। ତେଣୁ, ସେମାନଙ୍କ ସୁରକ୍ଷା ପାଇଁ ବନବିଭାଗ କର୍ମଚାରୀଙ୍କ ସହ ସ୍ଥାନୀୟ ବାସିନ୍ଦା ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ବନବିଭାଗ ତରଫରୁ ବିଦ୍ୟାଳୟ ଛାତ୍ରଛାତ୍ରୀ, ସ୍ଥାନୀୟ ଗ୍ରାମବାସୀ ଏବଂ ବିଶେଷତଃ ମତ୍ସ୍ୟଜୀବୀ ସମୁଦାୟଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ସମସ୍ତଙ୍କ ସହଯୋଗରେ ପାଣିଚିରି ପକ୍ଷୀକୁ ସୁରକ୍ଷା ଦିଆଯାଇ ଏହାର ବଂଶ ବୃଦ୍ଧି ଘଟିଲେ, ଏହି ବିଲୁପ୍ତପ୍ରାୟ ପକ୍ଷୀର ସଂରକ୍ଷଣ ଓ ବଂଶ ବୃଦ୍ଧି ହୋଇପାରିବ ବୋଲି ଆଠଗଡ଼ ବନଖଣ୍ଡ ଅଧିକାରୀ ଡକ୍ଟର ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି। ଏହି ପକ୍ଷୀ ଯେଉଁ ସ୍ଥାନରେ ରହିବେ ସେଠାରେ କୁମ୍ଭୀର ମଧ ରହିଥାନ୍ତି ବୋଲି କୁହାଯାଏ। ମହାନଦୀର କଖଡି ଅଞ୍ଚଳରେ ଗୋଟିଏ ଥଣ୍ଟିଆ କୁମ୍ଭୀର ମଧ ରହିଥିବା ସୂଚନା ରହିଛି।



# ବଲାଙ୍ଗୀର କରାଟେ ସ୍କୁଲର ବେଲ୍‌ଟ ପରୀକ୍ଷା

ବଲାଙ୍ଗୀର, ୦୫/୫ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଖେଳ ପଡିଆ ଠାରେ ରବିବାର ଦିନ ବଲାଙ୍ଗୀର କରାଟେ ସ୍କୁଲର ବେଲ୍‌ଟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ନିରିକ୍ଷକ ପ୍ରବୀଣ କୁମାର ପତ୍ର ମୁଖ୍ୟ ଅତିଥି, ଜ୍ଞାନ ବିହାର ବିଦ୍ୟାପିଠର ସଂଚାଳକ ସୁରେନ୍ଦ୍ର ସାହୁ ସମ୍ମାନିତ ଅତିଥି, ସ୍କୁଲର ସଭାପତି ସଚିଦାନନ୍ଦ ବାଗ ଅତିଥି ଭାବେ ଯୋଗଦେଇ ପରୀକ୍ଷାରେ ଉନ୍ନୀତ ହୋଇଥିବା କରାଟେକାଙ୍କୁ ମାନପତ୍ର ଓ ବେଲ୍ଟ ପ୍ରଦାନ କରିଥିଲେ। ମୋଟ ୩୦ ଜଣ କରାଟେକା ପରୀକ୍ଷା ଦେଇଥିବାବେଳେ ୨୬ ଜଣ ଉଭୟ ବାଳିକା ଓ ବାଳକ କରାଟେକକା କୃତି ହାସଲ କରିଥିଲେ। ୟେଲୋ ବେଲ୍ଟ ରେ ଅନନ୍ୟା ଅନ୍ୱେଷା ସାହୁ, ତ୍ରିଶା ମାଝି, ଖ୍ୟାଇଶ ବନଛୋର, ମିନି ଠେଲା, ଜଶବନ୍ତ କୁମ୍ଭାର, ଅଦ୍ୱିକ ଶତପଥୀ। ଓରେଞ୍ଜ ବେଲ୍ଟ ରେ ଅଶିଂକା ମହାନ୍ତି, ପ୍ରତିକ ଦଳ ବେହେରା, ସାଇ ଶ୍ରୀୟାଂଶି ବନଛୋର, କାବ୍ୟାରାଣି ହଂସ, ଆରାଧ୍ୟା ରାଣି ସାହୁ, ରିକନ ସାହୁ, ସୃଷ୍ଟି ରାଉତ, ଆରୟାହି ଦାସ, ଦର୍ଶିତା ନାୟକ ରହିଛନ୍ତି।

# ନିର୍ବାଚନ ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ଉଦଳା ଗସ୍ତ

## ପୋଲିସ ଓ ସୈନିକ ବିଶ୍ୱବାସୀଙ୍କୁ ଦେଉଛନ୍ତି ଗଣତନ୍ତ୍ରର ବାର୍ତ୍ତା

ଉଦଳା , ୦୫/୫ (ନି.ପ୍ର): ଆଗକୁ ଆସୁଛି ନିର୍ବାଚନ । ତେବେ ଶୃଙ୍ଖଳିତ ଭାବରେ ନିର୍ବାଚନ ପରିଚାଳନା ସହିତ ଷ୍ଟ୍ରଙ୍ଗ ରୁମ୍, ଯେଉଁଠି ଭୋଟ ଦାନ ପରେ ଇଭିଏମ୍ ମେସିନ ଗୁଡ଼ିକୁ ରଖାଯିବ ଉକ୍ତ ସମସ୍ତ ବିଷୟର ଅନୁଧାନ ପାଇଁ ନିକଟରେ ମୟୂରଭ ଆରକ୍ଷୀ ଅଧିକ୍ଷକ ଏସ୍. ସୁଶ୍ରୀ ଉଦଳା ଗସ୍ତରେ ଆସିଥିବାର ଜଣାଯାଇଛି । ପ୍ରକାଶ ଥାଉକି କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ହୋଇଥିବା ବେଳେ ଏହି ଉପଖଣ୍ଡଟି ୩ଟି ବିଧାନସଭା ନିର୍ବାଚନ ମଣ୍ଡଳି ଯଥା- କରଂଜିଆ, ବାରିପଦା ଓ ଉଦଳାକୁ ଛୁଇଁଛି । ତେଣୁ ଆରକ୍ଷୀ ଅଧିକ୍ଷକ ଆନ୍ତଃ ଜିଲ୍ଲା ସୀମାରେ ଥିବା ଖୁଂଟା ଥାନା ଅନ୍ତର୍ଗତ ଆରପଟା, ଉଦଳା ଥାନା ଅନ୍ତର୍ଗତ ଜୟପୁର, କପ୍ତିପଦା ଥାନା ଅନ୍ତର୍ଗତ ଝରଣଘାଟି, ଶରତ ଥାନା ଅନ୍ତର୍ଗତ ଶରତ ମହାବିଦ୍ୟାଳୟ ଛକ ଆଦି ସ୍ଥାନ ପରିଦର୍ଶନ କରିଛନ୍ତି । ଏହାପରେ କପ୍ତିପଦା ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ବାରିକଙ୍କ ସହିତ ଷ୍ଟ୍ରଙ୍ଗ ରୁମ ବାବଦରେ ବିସ୍ତୃତ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ କପ୍ତିପଦା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟଙ୍କ ସମେତ ଉଦଳା, କପ୍ତିପଦା, ଖୁଂଟା ଓ ଶରତ ଥାନାର ଭାରପ୍ରାପ୍ତ ନିରିକ୍ଷକ ବୃନ୍ଦ ସହଯୋଗ କରିଛନ୍ତି । ଏହାକୁ କେନ୍ଦ୍ର କରି ବହୁ ଜ୍ଞାନି ଗୁଣି ଲୋକଙ୍କ ସହିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀଙ୍କ ମହଲରେ ଚର୍ଚ୍ଚା ଯୋର ଧରିଥିବାର ଦେଖିବାକୁ ମିଳିଛି । ଅନ୍ୟ ଦେଶ ମାନଙ୍କରେ ସୈନିକ ଓ ପୋଲିସ ମାନେ ମିଳିମିଶି ଦେଶରେ ସାମରିକ ବିଦ୍ରୋହ ଘଟାଇବା ଓ ଦେଶକୁ ଏକଛତ୍ରବାଦ ଶାସନ ବ୍ୟବସ୍ଥାକୁ ଡ଼ାକି ଆଣିବା ପାଇଁ ଉଦ୍ୟମ କରୁଥିବା ବେଳେ ଭାରତରେ ପୋଲିସ ଓ ସୈନିକ ମିଳି ମିଶି ଗଣତନ୍ତ୍ରକୁ ବଂଚାଇ ରଖିବା ପାଇଁ ଉଦ୍ୟମ କରୁଛନ୍ତି । ଏହା ସାରା ବିଶ୍ୱବାସୀଙ୍କ ପାଇଁ ଏକ ବଡ଼ ବାର୍ତ୍ତା ବୋଲି ଅନେକ ମତ ଦେଉଛନ୍ତି । ସ୍ୱାଧିନତାର ଦିର୍ଘ ୭୬ ବର୍ଷ ଭିତରେ ଆମ ଦେଶରେ କେବେ ମଧ ସାମରିକ ବିଦ୍ରୋହ ଘଟି ନାହିଁ, ତେଣୁ ଭାରତର ପୋଲିସ ଓ ସୈନିକ କେବଳ ଦେଶ ଭିତରେ ନୁହେଁ ସମଗ୍ର ପୃଥିବୀ ବାସୀଙ୍କ ନିକଟରେ ବିଶ୍ୱାସ ଭାଜନ ହୋଇ ପାରିଛନ୍ତି ବୋଲି ବହୁ ଜ୍ଞାନିଗୁଣି ଲୋକେ ମତ ଦେଉଛନ୍ତି ।




# ନୋସି ଉତ୍କଳାରେ ମୃଦଙ୍ଗ ବାଦ୍ୟ ଓ ନୃତ୍ୟ ଆସର ସହ ସମ୍ବର୍ଦ୍ଧନା




ବାଲେଶ୍ୱର, ୦୫/୫ (ନି.ପ୍ର): ନୋସି ଉକ୍ଳା ରେ ସପ୍ତାହନ୍ତ ସାଂସ୍କୃତିକ ସନ୍ଧ୍ୟାକୁ ପୁନଃ ପ୍ରଚଳନ ଆଭିମୁଖ୍ୟ ରଖି ନୋସି କଲଚ୍ୟୁରାଲ ଏକାଡେମି ତରଫରୁ ପଞ୍ଚମ ଅର୍ଘରେ ଲୋକବାଦ୍ୟ ମୃଦଙ୍ଗ ବାଦନ ଓ ନୃତ୍ୟ ସହ କଳାକାର ମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଛି । ଉକ୍ତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଆନ୍ତର୍ଜାତିକ ବିଶିଷ୍ଟ ଗବେଷକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ଡ଼ ଭାଗବତ ପ୍ରସାଦ ଦାସ ଯୋଗ ଦେଇ କଳାକାର ମାନଙ୍କୁ ସମ୍ବର୍ଦ୍ଧନା କରିବା ସହ ନୋସିର ଅଭିନବ ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ । ଶିଳ୍ପୀ କେଶୁଦାସ ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ରସୁଲପୁରର ମା ବାସନ୍ତୀ ସଂକିର୍ତନ ମଣ୍ଡଳୀର ମୁଖ୍ୟ ଧନେଶ୍ୱର ମହାନ୍ତି ଓ ବାଲେଶ୍ୱର ସଦର ବ୍ଲକ କଳାକାର ସଂଘ ର ଉପସଭାପତି ମଧୁସୂଦନ ନାୟକ ଯୋଗ ଦେଇଥିଲେ । ମୃଦଙ୍ଗ ବାଦକ, ଗାୟକ ଓ ପାଳିଆ ବିଜୟ କୁମାର ନାୟକ, ସୁରେନ୍ଦ୍ର ନାୟକ, ଶ୍ରୀଧର ଜେନା, ଗଦାଧର ଦାସ, ହାଡିବନ୍ଧୁ ନାୟକ, ରବିନ୍ଦ୍ର ହାତୀ, ଗଦାଧର ମାଝି ପ୍ରମୁଖ ଙ୍କୁ ସମ୍ବର୍ଦ୍ଧନା କରାଯାଇ ବେଳେ ସେମାନେ ମୃଦଙ୍ଗ ବାଦ୍ୟ ଓ ନୃତ୍ୟର କଳା କୋଶଳ ପ୍ରଦର୍ଶନ କରି ଦର୍ଶକଙ୍କ ମନମୋହି ଥିଲେ । କବିତା ଆସରକୁ ଏମ.ସି. ସତ୍ୟମ୍ ପରିଚାଳନା ଓ ରୁଦ୍ର ପ୍ରସାଦ ବଳ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ଏମସି ସତ୍ୟମ୍ ଓ ରୁଦ୍ର ପ୍ରସାଦ ବଳ ସହ ନୋସି ର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ, ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ୧୬ ନଂ ଜାତୀୟ ରାଜପଥ ଦୂର୍ଗାପୁର ନିକଟରେ ଯାଜପୁର ଜିଲ୍ଲାପାଳଙ୍କ ଗାଡି ଦୁର୍ଘଟଣା ଗ୍ରସ୍ତ

ଧର୍ମଶାଳା, ୦୫/୫ (ନି.ପ୍ର): ଆଜି ଅପରାହ୍ନରେ ଯାଜପୁର ଜିଲାପାଳଙ୍କ ଗାଡି ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଦୂର୍ଗାପୁର ଛକ ନିକଟରେ । ଯାଜପୁର ଜିଲାପାଳଙ୍କ ଗାଡି ଭୂବନେଶ୍ୱରରୁ ଯାଜପୁର ଅଭିମୁଖେ ଫେରୁଥିବା ବେଳେ ଦୂର୍ଗାପୁର ଛକ ନିକଟରେ ଏକ ଅଶୋକ ଲିଲନ ପିକ୍ଅପ ଭ୍ୟାନ ତାଙ୍କ ପଛ ପଟୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ମୋଟ ୩ ଜଣ ଆହତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସିତ ହେଉଥିବା ଜଣାପଡିଛି । ତେବେ ଏହି ଦୁର୍ଘଟଣା ସମୟରେ ଗାଡିରେ ଜିଲାପାଳ ନ ଥିବା ସୂଚନା ମିଳିଛି । ସୂଚନା ମୁତାବକ,ଜିଲାପାଳ ଭୁବନେଶ୍ୱରଠାରେ ନିର୍ବାଚନ ସଂକ୍ରନ୍ତୀୟ ବୈଠକରେ ଯୋଗ ଦେଇ ଗାଡିରେ ଫେରୁଥିବା ବେଳେ ଦୁର୍ଗାପୁର ନିକଟରେ ରାସ୍ତା କଡରେ ଆଖୁ ରସ ପିଇବା ପାଇଁ ରହିଥିଲା । ଏବଂ ଏହି ସମୟରେ ଏକ ବାଇକ ଆରୋହୀ ପଂହଚି ଆଖୁ ରସ ପିଉଥିବା ବେଳେ ଏକ ପିକ ଅପ ଭ୍ୟାନ ଆସି ଆଖୁ ରସ ଟ୍ରଲି ସହ ବାଇକ ଆରୋହୀଙ୍କୁ ଧକ୍କା ଦେଇ ଜିଲାପାଳଙ୍କ ଗାଡି ପଛ ପଟକୁ ଧକ୍କା ଦେଇଥିଲା । ଏହି ଘଟଣାରେ ଜିଲାପାଳଙ୍କ ଡ୍ରାଇଭର,ଆଖୁ ରସ ବେପାରୀ ସ୍ଥାନୀୟ ଦାମୋଦରପୁର ଗ୍ରାମର ଆକାଶ ଦଳାଇ ଓ ପିକ ଅପ ଭ୍ୟାନ ଡ୍ରାଇଭର ପ୍ରକାଶ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ଜିଲାପାଳ ନିଖିଳ ପବନ ଅନ୍ୟ ଏକ ଗାଡିରେ ଫେରିଥିବା ଜଣାପଡିଛି । ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ଦୀପକ ନାୟକ ଘଟଣାସ୍ଥଳରେ ପଂହଚି ଦୃଘଟଣା ଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

# ହାଇସ୍କୁଲ ପିଅନଙ୍କ ହୃଦଘାତରେ ପରଲୋକ

ନୀଳଗିରି, ୦୫/୫ (ନି.ପ୍ର): ନୀଳଗିରି ଉପଖଣ୍ଡ ଦକ୍ଷିଣନରସିଂହପୁର ପଞ୍ଚାୟତ ପ୍ରତାପଡା ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପିଅନ ପ୍ରଭାକର ଦାସ (୫୮)ଙ୍କ ହୃଦଘାତ ରେ ପରଲୋକ ହୋଇ ଯାଇଛି । ଗତ ୩ ତାରିଖ ଶୁକ୍ରବାର ଦିନ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟବସ୍ଥାର କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ କଟକ ବଡ ମେଡ଼ିକାଲରେ ଭର୍ତି କରାଯାଇ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇ ଯାଇଛି । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି । ଆଜି ଅପରାହ୍ନରେ ତାଙ୍କ ପୈତୃକ ବାସ ଭବନ ଡମ୍ବରୁପାଳ କୁ ଆଣିବା ପରେ ପ୍ରତାପଡା ହାଇ ସ୍କୁଲ କୁ ଅଣାଯାଇ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକ, ସ୍ଥାନୀୟ ସରପଞ୍ଚ ଅଶୋକ ଜେନା, ସମିତି ସଭ୍ୟା ପଦ୍ମଜା କାନୁନଗୋ, ବହୁ ପରିଜନଶେଷ ଦର୍ଶନ କରି ଅମର ଆତ୍ମା ର ସଦଗତି କାମନା କରିଥିଲେ । ପରେ ଶବା ଧାରରେ ଯାଇ ଶେଷକୃତ୍ୟ ଗ୍ରାମ ଗ୍ରାମ ମଶାଣି ରେ କରାଯାଇ ଥିଲା, ପୁତ୍ର ମୁଖାଗ୍ନି ଦେଇଥିଲେ ।

# ରେଢାଖୋଲରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ସାମିଲ



ରେଢାଖୋଲ, ୦୫/୫ (ନି.ପ୍ର): ଓଡ଼ିଶା ସରକାର ସ୍କୁଲରେ ରଙ୍ଗ ମାରି ଶିକ୍ଷାର ବିକାଶ ହେଉଛି ବୋଲି ମିଛ ଡିଣ୍ଡିମ ପିଟୁଛନ୍ତି । ଶିକ୍ଷାର ମୂଳ ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ରହିଥିବା ବେଳେ ଓଡ଼ିଶାର ଅନେକ ସରକାରୀ ସ୍କୁଲରେ ଆବଶ୍ୟକ ଶିକ୍ଷକ ନାହାନ୍ତି । କ୍ଷମତାସୀନ ବିଜେଡି ସରକାର ମୂଳ ପ୍ରଶ୍ନର ଉତ୍ତର ନ ଦେଇ କେବଳ ଏଣେତେଣେ ଯୁକ୍ତି ବାଢୁଛନ୍ତି ବୋଲି ରବିବାର ରେଢାଖୋଲରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ରେଢାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହେବା ସହ ତାଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଚଳିତ ନିର୍ବାଚନରେ ପିଇବା ପାଣି, ଜଳସେଚନ, ଚିକିତ୍ସାସେବା, ଶିକ୍ଷାର ସୁବ୍ୟବସ୍ଥା, ମହିଳାଙ୍କ ସୁରକ୍ଷା, ଓବିସିଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ, ଆଦିବାସୀଙ୍କ ଧନ ଜୀବନ ସୁରକ୍ଷା ଓ ବଞ୍ଚିତ ବର୍ଗକୁ ସମ୍ମାନ ମିଳିବା ବିଜେପିର ପ୍ରମୁଖ ପ୍ରସଙ୍ଗ ହୋଇଛି । ମୋଦି ସରକାର ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଛନ୍ତି । ଏହା ପରେ ମଧ ଓଡ଼ିଶାରେ ସରକାରୀ ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ସ୍କୁଲରେ ଶିକ୍ଷକ ନାହାନ୍ତି । ଅନେକ ବିଦ୍ୟାଳୟରେ ବିଜୁଳି, ଇଣ୍ଟରନେଟ୍, ଖେଳପଡ଼ିଆ ଓ ଶୌଚାଳୟର ସୁବିଧା ନାହିଁ । ଛାତ୍ରଛାତ୍ରୀଙ୍କ ପାଇଁ ପିଇବା ପାଣିର ସୁବିଧା ନାହିଁ । ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । କିନ୍ତୁ ଏ ସମସ୍ୟା ଉପରେ ପ୍ରଶ୍ନ କଲେ ସ୍ଥାନୀୟ ସରକାର ମୂଳ ପ୍ରଶ୍ନରୁ ବିଚ୍ୟୁତ ରହୁଛନ୍ତି । ଏବେ ସାରା ରାଜ୍ୟରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆସ୍ଥା ବଢୁଛି । ରାଜ୍ୟରେ ପରିବର୍ତ୍ତନର ଲହର ଦେଖାଦେଇଛି । ୨୪ ବର୍ଷ ସରକାରର ଅପାରଗତା ଓ ଦୁର୍ନୀତି କରୁଥିବା ଲୋକ ମାନଙ୍କୁ ଶାସନ ଗାଦିରୁ ହଟାଇବା ପାଇଁ ଲୋକମାନେ ମନ ବନାଇ ସାରିଛନ୍ତି । ଓଡ଼ିଶାରେ ବିକଳ୍ପ ଭାବେ ବିଜେପି ଓଡ଼ିଶାର ସେବା କରିବାର ସୁଯୋଗ ପାଇବ । ବିଜେପିର ମୁଖ୍ୟମନ୍ତ୍ରୀ ଯିଏ ହେବ ତାହାକୁ ଓଡ଼ିଶାବାସୀ ନିର୍ଣ୍ଣୟ କରିବେ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ରେଢାଖୋଲ ସମେତ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ହେବ । ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ଓ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାକୁ ଏକ ନମ୍ବର କରିବା ସହ ଡବଲ ଇଞ୍ଜିନ ସରକାର ଆଣିବା ପାଇଁ ପଦ୍ମଫୁଲରେ ଭୋଟ ଦେବାକୁ କେନ୍ଦ୍ରମନ୍ତ୍ରୀ ନାଗରିକଙ୍କୁ ନିବେଦନ କରିଛନ୍ତି । ଏହାପୂର୍ବରୁ ଶ୍ରୀ ପ୍ରଧାନ ସମ୍ବଲପୁର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାଭିମାନ ସମ୍ବଲପୁର' ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ସେ କହିଥିଲେ ବିଶ୍ୱମ୍ଭର ବହିଦାରଙ୍କ ଭଳି ସମ୍ବଲପୁରର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଭଳି ଏକ ମହତ କାର୍ଯ୍ୟରେ ସ୍ଥାନୀୟ ନାଗରିକ ବିଶେଷତଃ ଯୁବବର୍ଗଙ୍କ ନିଃସ୍ୱାର୍ଥପର ଯୋଗଦାନ ପ୍ରଶଂସନୀୟ । ମାନବ ସମାଜରେ ସ୍ୱାଭିମାନ ସହ ସେବା ମନୋଭାବ ତିଆରି କରିବାରେ ଆପଣଙ୍କ ସଂଗଠନ ପ୍ରେରଣାର ସ୍ରୋତ ହେଉ ।

# ପ୍ରିଜାଇଡିଙ୍ଗ ଅଫିସର ଓ ପୁଲିଙ୍ଗ ଅଫିସରଙ୍କୁ ତାଲିମ

ଜୟପୁର, ୦୫/୫ (ନି.ପ୍ର): ଆସନ୍ତା ସାଧାରଣ ନିବାଚନ ୧୩ ତାରିଖ ରେ ହେବ । ଏନେଇ ଜୟପୁର ନିବାଚନ ମଣ୍ଡଳିରେ ନିୟୋଜିତ ପ୍ରିଜାଇଡିଙ୍ଗ ଅଫିସର ଓ ପୁଲିଙ୍ଗ ଅଫିସର ମାନନଙ୍କୁ ଆଜି ତାଲିମ ଦିଆଯାଇଛି । ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ତାଲିମ ଦିଆଯାଇଛି । ପ୍ରିଜାଇଡିଙ୍ଗ ଅଫିସର ଓ ପୁଲିଙ୍ଗଅଫିସରଙ୍କ ସମ୍ପର୍କିତ କାଯ୍ୟ ଉପରେ ତାଲିମ ଦିଆଯାଇଥିଲା । ତାଲିମ କାଯ୍ୟକୁ କୋରାପୁଟ ଜିଲାପାଳ ଭି କିର୍ତି ଭାସନ ସମିକ୍ଷା କରିଥିଲେ । ଦୁଇଟି ତାଲିମ କେନ୍ଦ୍ରରେ ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ବିଡିଓ ଶକ୍ତି ମହାପାତ୍ର, ପୌର ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ତହସିଲଦାର ସାଗରିକା ଆଚାର୍ଯ୍ୟ ଉପସ୍ଥିତ ରହି ତଦାରଖ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## 'ସଂକଳ୍ପ ପତ୍ର' ଉନ୍ମୋଚନ ....

ଆସିଲେ ୪ଟି ଆଇଟି ପାର୍କ ନିର୍ମାଣ କରାଯିବ। ଭୁବନେଶ୍ୱର, ରାଉରକେଲା, ବାଲେଶ୍ୱର ଓ ବ୍ରହ୍ମପୁରରେ ହେବ ଓଞ୍ଚ ପାର୍କ ନିର୍ମାଣ ହେବ। ଖାଲି ପଡ଼ିଥିବା ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବୁ। ପିଏମ୍ଏୱାଇ ଯୋଜନାରେ ୧୫ ଲକ୍ଷ ଘର ନିର୍ମାଣ କରିବୁ। ଆୟୁଷ୍ମାନ ଭାରତ ଲାଗୁ କରିବୁ। ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ୩ ହଜାର ଟଙ୍କା କରିବୁ ବୋଲି ନଡ୍ଡା କହିଛନ୍ତି। ଶ୍ରୀମନ୍ଦିର ପ୍ରସଙ୍ଗରେ ବିଜେପି ସଂପଲ୍ପ ପତ୍ରରେ ବଡ଼ ଘୋଷଣା। ଶ୍ରୀ ନଡ୍ଡା କହିଛନ୍ତି, ବିଜେପି ସରକାରକୁ ଆସିଲେ ରତ୍ନ ଭଣ୍ଡାର ଖୋଲାଯିବ। ହଜିଥିବା ଚାବିର ତଦନ୍ତ ହେବ। ରତ୍ନଭଣ୍ଡାର ଖୋଲାଯିବ। ରତ୍ନ ଗଣତି, ମଣତି କରାଯାଇ ତଥ୍ୟ ସାର୍ବଜନୀନ ହେବ। କ୍ଷତିଗ୍ରସ୍ତ ହୋଇଥିବା ମଠ ଗୁଡ଼ିକର ପୁନରୁଦ୍ଧାର କରାଯିବ। ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲି ଦିଆଯିବ। ଶ୍ରୀମନ୍ଦିର ପ୍ରଶାସନରେ ଚାଲିଥିବା ଅବ୍ୟବସ୍ଥା ଦୂର କରାଯିବ। ଶ୍ରୀମନ୍ଦିର ପ୍ରଶାସନକୁ ସଂପୂର୍ଣ୍ଣ ସ୍ୱଚ୍ଛତାର ସହ ପରିଚାଳନା କରାଯିବ ବୋଲି ନଡ୍ଡା କହିଛନ୍ତି। ସଙ୍କଳ୍ପ ପତ୍ର ଉନ୍ମୋଚନ ସମୟରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ପୂର୍ବ ସଭାପତି ସମୀର ମହାନ୍ତି ସାମିଲ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ସାମିଲ ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ ଦିନରେ ପହଞ୍ଚିଲା ...

ବରଗଡ଼ରେ ୪୧.୬ ଡିଗ୍ରୀ ଓ ଢେଙ୍କାନାଳରେ ତାପମାତ୍ରା ୪୧.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଯାଜପୁରରେ ୪୧.୫ ଡିଗ୍ରୀ, ଖୋର୍ଦ୍ଧାରେ ୪୧ ଡିଗ୍ରୀ, ଭଦ୍ରକରେ ୪୦.୮ ଡିଗ୍ରୀ, ଚାନ୍ଦବାଲିରେ ୪୦.୪ ଡିଗ୍ରୀ, ଛତ୍ରପୁରରେ ୪୦.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୦ ଡିଗ୍ରୀ, ଭୁବନେଶ୍ୱରରେ ୩୯.୯ ଡିଗ୍ରୀ, ନବରଙ୍ଗପୁରରେ ୩୯.୮ ଡିଗ୍ରୀ, ଦେବଗଡ଼ରେ ୩୯.୫ ଡିଗ୍ରୀ, ବାଲେଶ୍ୱରରେ ୩୯.୨ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୯.୧ ଡିଗ୍ରୀ, କଟକରେ ୩୮.୫ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୮ ଡିଗ୍ରୀ, କୋରାପୁଟରେ ୩୭.୮ ଡିଗ୍ରୀ, ଜଗତସିଂହପୁରରେ ୩୭ ଡିଗ୍ରୀ, ପୁରୀରେ ୩୪.୨ ଡିଗ୍ରୀ, ପରାଦୀପରେ ୩୩.୫ ଡିଗ୍ରୀ ଓ ଗୋପାଳପୁରରେ ତାପମାତ୍ରା ୩୩ ଡିଗ୍ରୀ ରେକର୍ଡ କରାଯାଇଛି।

## ଖଣ୍ଡପଡ଼ା ପାଇଁ ମହାମେଣ୍ଟ....

ପ୍ରତିଷ୍ଠା କରିବା। ଅନୁଭବଙ୍କ ଏହି ସୋଶାଲ ମିଡିଆ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ଅନୁଭବ ଓ ଗୟାଧର ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଉଭୟ ଏଥର ଖଣ୍ଡପଡ଼ା ପାଇଁ ବିଜେଡିରୁ ଟିକେଟ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ବିଜେଡି ଛାଡ଼ି ସ୍ୱାଧୀନ ପ୍ରାର୍ଥୀ ଭାବରେ ନାମାଙ୍କନ ଦାଖଲ କରିଛନ୍ତି ଅନୁଭବ ପଟ୍ଟନାୟକ। ସେ ୨୦୧୪ରେ ଖଣ୍ଡପଡ଼ାରୁ ବିଧାୟକ ଥିଲେ। ୨୦୧୯ରେ ତାଙ୍କ ବଦଳରେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା ବିଜେଡି। ଏହା ପରେ ସେ ପାଲଟି ଯାଇଥିଲେ ସୌମ୍ୟଙ୍କର ବିରୋଧୀ। ଗତ ୫ ବର୍ଷରେ ବିଭିନ୍ନ ସମୟରେ ସେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଆଉ ଏବେ ତାଙ୍କୁ ସୌମ୍ୟଙ୍କ ସହିତ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତୃଣମୂଳସ୍ତରରେ ଜଣେ ସଂଗଠକ ହେଉଛନ୍ତି ଗୟାଧର ପରିଡ଼ା। ପୂର୍ବରୁ ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିଲେ ସେ। ଭାପୁର ବ୍ଲକ୍ ବିଜେଡି ସଭାପତି ଦାୟିତ୍ୱ ନିର୍ବାହ କରିଛନ୍ତି ସେ। ଏଭଳ ସ୍ଥିତିରେ ସୌମ୍ୟ, ଅନୁଭବ ଓ ଗୟାଧରଙ୍କ ଭେଟଘାଟ ଖଣ୍ଡପଡ଼ା ରାଜନୀତିକୁ ଉଷ୍ମ କରିଛି। ଖଣ୍ଡପଡ଼ାରେ ଅନୁଭବଙ୍କୁ ସୌମ୍ୟରଞ୍ଜନ ଓ ଗୟାଧରଙ୍କ ସମର୍ଥନ ମିଳୁଛି ନା ନାହିଁ, ତାହା ଆଗାମୀ ଦିନରେ ଜଣାପଡ଼ିବ। ସୂଚନାଯୋଗ୍ୟ, ସୌମ୍ୟରଞ୍ଜନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ଘସିପୁରା ବିଧାନସଭା ଆସନରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ। ଦୁଇ ଦିନ ତଳେ ସେ ଏନେଇ ଘୋଷଣା କରିଥିଲେ। ସମର୍ଥକଙ୍କ ପରାମର୍ଶରେ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ।

## ୪ଟି ଟ୍ରକରେ ଯାଉଥିଲା ୨,୦୦୦...

ଏକା ସାଙ୍ଗେ ଯାଉଥିଲେ, ଯାହାକୁ ଦେଖି ପୁଲିସର ସନ୍ଦେହ ବଢିଥିଲା। ଆଉ ତଦନ୍ତ କରିବା ପରେ ପୁଳା ପୁଳା ଟଙ୍କା ଦେଖି ତାଜୁବ ହୋଇଯାଇଥିଲେ ପୁଲିସ କର୍ମଚାରୀ। ବିପୁଳ ଟଙ୍କା ଦେଖିବା ପରେ ରାଜ୍ୟ ପୁଲିସ ଡିଜି, ନିର୍ବାଚନ ଅଧିକାରୀ ଓ ଇନକମ୍ ଟ୍ୟାକ୍ସ ଅଫିସରଙ୍କୁ ଜଣାଇଥିଲେ। ଖବର ପାଇ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଇନକମ୍ ଟ୍ୟାକ୍ସ ଓ ନିର୍ବାଚନ ଅଧିକାରୀ ଯାଞ୍ଚ ବେଳେ ଜାଣିଲେ ଯେ, ଟ୍ରକରେ ଯାଉଥିବା ଟଙ୍କା ବଣ୍ଡଲ ବ୍ୟାଙ୍କଗୁଡିକର। ଅଧିକାରୀମାନେ କହିଛନ୍ତି ଯେ, ଏସବୁ ବ୍ୟାଙ୍କ୍ ଟଙ୍କା, ଯାହା କେରଳର କୋଚି ଆଞ୍ଚଳିକ କାର୍ଯ୍ୟାଳୟରୁ ହାଇଦ୍ରାବାଦ ଆରବିଆଇ କାର୍ଯ୍ୟାଳୟକୁ ଯାଉଥିଲା। ତେବେ ଜବତ ୨,୦୦୦ କୋଟି ଟଙ୍କା ମଧ୍ୟରୁ ୫୦୦ କୋଟି ଆଇଡିବିଆଇ ବ୍ୟାଙ୍କ, ଅନ୍ୟ ୫୦୦ କୋଟି ଆଇସିଆଇସିଆଇ ବ୍ୟାଙ୍କ ଓ ୧,୦୦୦ କୋଟି ଫେଡେରାଲ ବ୍ୟାଙ୍କ୍ ଟଙ୍କା। ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ ପରେ ଟ୍ରକଗୁଡିକୁ ଛାଡି ଦିଆଯାଇଛି। ଲୋକସଭା ଓ ବିଧାନସଭା ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଟ୍ରକଗୁଡ଼ିକୁ ଅଟକ ରଖି ଯାଞ୍ଚ କରାଯାଇଥିଲା ବୋଲି ପୁଲିସ କହିଛି।

## ୮ରେ ଆସିବେ ...

ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ବ୍ରହ୍ମପୁର ଆସି ଦଳର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ଆଗକୁ ବିଜେପିର କେନ୍ଦ୍ରୀୟ ନେତୃବୃନ୍ଦଙ୍କର ଏହି ପରି ଘନ ଘନ ଓଡ଼ିଶା ଗସ୍ତ ଜାରି ରହିବ ବୋଲି ପୂର୍ବରୁ ରାଜ୍ୟର ଅନେକ ନେତା କହିସାରିଛନ୍ତି।

## ୫ ବିଧାନସଭା ଆସନରେ...

ଏଠାରୁ ସୁଦର୍ଶନ ସାହୁଙ୍କୁ ନୂଆ ପ୍ରାର୍ଥୀ କରିଛି ଦଳ। ପୂର୍ବରୁ ଏହି ଆସନ ପାଇଁ ମେହବୁବ ଅହମ୍ମଦ ଖାନ୍ଙ୍କ ନାଁ ଘୋଷଣା କରାଯାଇଥିଲା। ପୁରୀରେ ଉମାବଲ୍ଲଭ ରଥଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ସୁଜିତ ମହାପାତ୍ରଙ୍କ ସ୍ଥାନରେ ଉମାଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ସୁଜିତଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଉମାବଲ୍ଲଭ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ନୀଳଗିରି ବିଧାନସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ। ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କୁ ଦଳ ଏହି ଆସନରୁ ପ୍ରାର୍ଥୀ କରିଛି। ୧୯୮୦ ଓ ୧୯୯୫ରେ ବିଧାୟକ ହୋଇଥିଲେ ଅକ୍ଷୟ ଆଚାର୍ଯ୍ୟ।

## ଜଳିଗଲା ସପିଙ୍ଗ୍ ...

ଆହୁରି ଦମକଳ ଗାଡ଼ିର ଅବସ୍ୟକ ପଡ଼ିଲା। ସେଥିପାଇଁ ଅନନ୍ଦପୁର, ଘସିପୁରା, ହାଟଡ଼ିହି, ଘଟଗାଁ, ଯାଜପୁର ରୋଡ଼ରେ ଥିବା ଦମକଳ କେନ୍ଦ୍ରରୁ ୭ଟି ଗାଡ଼ି ଆସି ନିଆଁ ଲିଭାଇବାରେ ନିୟୋଜିତ ଅଛନ୍ତି। ତେବ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ମଲ୍ରେ ଥିବା ସମସ୍ତ କର୍ମଚାରୀ ସୁରକ୍ଷିତ ବହାରି ଆସିଛନ୍ତି। ମଲ୍ର ଗୋଟିଏ ପଟ କାନ୍ଥ ଭାଙ୍ଗି ନିଆଁ ଲିଭାଇବା ପାଇଁ ଉଦ୍ୟମ ଜାରି ରହିଛି।

## ଚାକିରି ନାଁରେ ୧୭...

ଅଧିକାରୀ। ଚିତ୍ତଞ୍ଜନଙ୍କ ଏକ ସିକ୍ୟୁରିଟି ଏଜେନ୍ସି ଅଛି। ସେ ରାଜ୍ୟରେ ବିଭିନ୍ନ ସ୍ଥାନରେ ସିକ୍ୟୁରିଟି ଗାର୍ଡାଙ୍କୁ ନିଯୁକ୍ତି ଦେବା ପାଇଁ ଟେଣ୍ଡର ନେଇଥାନ୍ତି। ତେବେ କେନ୍ଦୁଝର ମେଡିକାଲ କଲେଜରେ ସିକ୍ୟୁରିଟି ଗାର୍ଡ ଅବଶ୍ୟକ ପାଇଁ ଟେଣ୍ଡର ହୋଇଥିଲା। ଚିତରଞ୍ଜ ସିକ୍ୟୁରିଟି ଗାର୍ଡା ନିଯୁକ୍ତି ଦେବା ପାଇଁ ଟେଣ୍ଡର ପକେଇଥିଲେ। ଏକଥା ଅଭିଯୁକ୍ତ ଯଶୋବନ୍ତ ସିଂ ସାମଲ ଜାଣିବା ପରେ ଚିତ୍ତଞ୍ଜନଙ୍କୁ ଗୋଟିଏ ନମ୍ବରରୁ କଲ୍ କରିଥିଲେ। ନିଜକୁ ଧରଣୀ ଧର କଲେଜର ହେଡକ୍ଲକ ମିଶ୍ର ବାବୁର ବୋଲି ପରିଚୟ ଦେଇଥିଲେ। ଆଉ କହିଥିଲେ ମୁଁ ଆରପଣଙ୍କର ଟେଣ୍ଡର ପାସ୍ କରାଇ ଦେବି। ଆଉ ସେଥିପାଇଁ ଆପଣ ମୋତେ ୫୦ ହାଜର ଟଙ୍କା ଦେବାକୁ ପଡ଼ିବ। ଚିତ୍ତଞ୍ଜନ ଏକଥାରେ ରାଜି ହୋଇ ସେମାନଙ୍କୁ ଦୁଇ କିସ୍ତିରେ ୫୦ ହଜାର ଟଙ୍କା ଦେଇଥିଲେ। ପୋନ୍ପେରେ ୨୫ ହଜାରେ ଓ କ୍ୟାସ୍ ୨୫ ହଜାର ଟଙ୍କା ଦେଇଥିଲେ। ପଇସା ପାଇ ସାରିବା ପରେ ସେମାନେ ଫୋନ୍ ବନ୍ଦ କରିଦେଇ ଥିଲେ। ଏନେଇ ଚିତ୍ତଞ୍ଜନ ଅଧିକାରି କେନ୍ଦୁଝର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କାରିଥିଲା। ତଦନ୍ତ ଆଧାରରେ ପୁଲିସ ଜାଣିବାକୁ ପାଇଥିଲାକି ଏଥିରେ ତିନି ଜଣ ଯୁବକ ସମ୍ପୃକ୍ତ ଅଛନ୍ତି। ଏହି ଅଭିଯୁକ୍ତ ମାନେ କେନ୍ଦୁଝରରେ ଘରଭଡ଼ା ନେଇ ରହୁଥିଲେ। ଆଉ ବିଭିନ୍ନ ଅଞ୍ଚଳର ବେକାର ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ ସଂସ୍ଥା ରେ ଚାକିରି କରାଇ ଦେବା ନାଁ ରେ ୧୭ ଲକ୍ଷ ରୁ ଅଧିକ ଟଙ୍କା ଠକି ନେଇଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ତଦନ୍ତ ବେଳେ ସେମାନଙ୍କ ଠାରୁ ବିଭିନ୍ନ କମ୍ପାନୀରେ ଜାଲ ନିଯୁକ୍ତି ପତ୍ର ଜବତ୍ ହେବା ସହିତ ଅନେକ ଜାଲି ଦସ୍ତାବିଜ, ଗୋଟିଏ ଲ୍ୟାପ୍ଟପ୍, ଦୁଇଟି ମୋବାଇଲ, ଗୋଟିଏ ମୋଟର ସାଇକେଲ ଓ ନଗଦ ୨୫ହଜାର ଟଙ୍କା ଜବତ କରିଥିବା କେନ୍ଦୁଝର ଏସପି ଦିଲ୍ଲୀପ ନାୟକ ସୂଚନା ଦେଇଛନ୍ତି।

# ମାଲକାନଗିରି ଜିଲ୍ଲାରେ ୩୬୬ଜଣ ନିଟ ପରୀକ୍ଷା ଦେଲେ

ମାଲକାନଗିରି, ୦୫/୫ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଡାକ୍ତରୀ ପାଠ ପଢିବା ପାଇଁ ତିନୋଟି କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାକୁ ସୁଚାରୁରୂପେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ କରିବା ପାଇଁ ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୈଳାସ ମୀନାଙ୍କୁ ନଗର ସଂଯୋଜକ ଭାବେ ଦାୟିତ୍ୱ ମିଳିଥିବା ବେଳେ ପର୍ଯ୍ୟବେକ୍ଷକ ଭାବରେ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଠିକ ସେହିପରି ମାଲକାନଗିରି ମହାବିଦ୍ୟାଳୟ କେନ୍ଦ୍ରକୁ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ସି. ଶିବରାମ ଙ୍କୁ ଦିଆଯାଇଥିଲା । ସରକାରୀ ଆଦର୍ଶ ମହାବିଦ୍ୟାଳୟ କେନ୍ଦ୍ରକୁ ବହୁବୃତି ବିଦ୍ୟାଳୟର ଅଧ୍ୟକ୍ଷ ଇଞ୍ଜିନିଅର ଜ୍ଞାନରଞ୍ଜନ ଦାଶଙ୍କୁ ଦାୟିତ୍ୱ ଦିଆଯାଇଥିଲା ! କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦ୍ରର ଅରବିନ୍ଦ କୁମାର ସେଠ ଏବଂ ରାମବୀର ସିଂକୁ ପରୀକ୍ଷା ପରିଚାଳନା କରିବା ପାଇଁ ଅଧିକ୍ଷକ ଭାବେ ନିଯୁକ୍ତି କରାଯାଇଥିଲା !ମାଲକାନଗିରି ମହାବିଦ୍ୟାଳୟ କେନ୍ଦ୍ରରେ ଅଶୋକ କୁମାର ଷଡ଼ଙ୍ଗୀ ଏବଂ ଉମେଶ କୁମାର ରାଉତ, ଆଦର୍ଶ ମହାବିଦ୍ୟାଳୟରେ ଡକ୍ଟର ଚିନ୍ମୟ କୁମାର ବେହେରା ଏବଂ ଡକ୍ଟର ସୁଶାନ୍ତ କୁମାର ବରାଳ ଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

ସୋମବାର, ମଇ ୦୬, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ମୟୂରଭଞ୍ଜ କଲେଜ ଅଫ ଆକାଉନଟ୍ନେସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଜଳଛତ୍ର

ବାରିପଦା, ୦୫/୫ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟ୍ନେସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ସେବା ଯୋଜନା ଆନୁକୂଲ୍ୟ ରେ ବଢୁଥିବା ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟି ରେ ରଖି ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁଙ୍କ ସହଯୋଗରେ ଏକ ଜଳଛତ୍ର ଅନୁଷ୍ଠିତ କରାଯାଇଛି । ଅସହ୍ୟ ଉତ୍ତାପ ଓ ଗରମ ଯୋଗୁଁ ଜନଜୀବନ ଅସହାୟ ହୋଇପଡ଼ିଛି । ତେଣୁ ମହାବିଦ୍ୟାଳୟ ର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ରାସ୍ତାରେ ଯିବା ଆସିବା କରୁଥିବା ଲୋକ ମାନଙ୍କୁ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ପାନୀୟ ଜଳ ଏବଂ ଦହି ପାଣି ବଣ୍ଟନ କରାଯାଇଛି । ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମାର ନାୟକ ଜଳଛତ୍ର କୁ ଉଦଘାଟନ କରିଥିବା ବେଳେ ଉପାଧକ୍ଷା ସଂଘମିତ୍ରା ରାଉତଙ୍କ ସହିତ ଅଧ୍ୟାପକ ଡ. ଠାକୁରା ଚରଣ ମାରାଣ୍ଡି, ରଞ୍ଜିତ ମାରାଣ୍ଡି, ଚୌଧୁରୀ ଚରଣ ପାତ୍ର,ବବଲୁ ସା, ଅଧାପିକା ପ୍ରତିଭା ଦାସ, ସୁଜାତା ପାଲ, ସୁଭସ୍ମିତ ନାଏକ,ସୁଦେସ୍ନା ଭଂଜବାବୁ , ଦୀପ୍ତିଶ୍ରୀ ବେହେରା, ମିନାକ୍ଷୀ ସାହୁ,ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମକୁ ସୂଚାରୁରୂପେ ତୁଲାଇଥିଲେ । ଏହି ଜଳଛତ୍ର କାର୍ଯ୍ୟକ୍ରମ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ଜାରିରହିବ ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ ଏହାର ଦୈନନ୍ଦିନ ପରିଚାଳନା କରିବେ ।




# ବାସୁଦେବ ଫାଉଣ୍ଡେସନ୍ ପକ୍ଷରୁ ପରିବେଶିତ ହେବ ଭଗବତ କଥାମୃତ

ପାରାଦୀପ, ୦୫/୫ (ନି.ପ୍ର): ବାସୁଦେବ ଫାଉଣ୍ଡେସନ୍ ପକ୍ଷରୁ ରବିବାର ଦିନ କୁସୁନପୁର ଶ୍ରୀ ବାସୁଦେବ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସମ୍ପାଦକ ପ୍ରସନ୍ନ କୁମାର ବେଉରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଟ୍ରଷ୍ଟି ପ୍ରଫୁଲ କୁମାର ବେଉରା, ପ୍ରମୋଦ କୁମାର ବେଉରା, ପ୍ରତାପ କୁମାର ବେଉରା, ପ୍ରବୀଣ କୁମାର ବେଉରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ମହାପ୍ରଭୁଙ୍କ ଦିବ୍ୟ କଥାମୃତ ଆଲୋଚନା କରିଥିଲେ । ଆସନ୍ତା ବୈଶାଖ ମାସ ରୁକ୍ମିଣୀ ଅମାବାସ୍ୟା ତିଥିରେ ସ୍ୱର୍ଗତା ପ୍ରମିଳା ବେଉରାଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପଡୁଥିବାରୁ ସୁଯୋଗ୍ୟ ସନ୍ତାନ ଭାବେ ସେହି ଦିନ ମାଆଙ୍କର ଅମର ଆତ୍ମା ସଦଗତି କାମନା ସହିତ ଶ୍ରଦ୍ଧାଂଜଳୀ ସଭା ଓ ମହାପ୍ରଭୁଙ୍କ ଦିବ୍ୟ କଥାମୃତ ପ୍ରବଚନ ପରିବେଶିତ ହେବ । ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀମାନଙ୍କ ଦ୍ୱାରା ବିଷ୍ଣୁ ସହସ୍ରନାମ ପଠନ କରାଯିବା ସହିତ କଳ୍ପତରୁ ଆଶ୍ରମର ଅଧକ୍ଷ ତଥା ବରିଷ୍ଠ ସନ୍ଥ ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜଙ୍କ ସମେତ ପୁରୀ ଶ୍ରୀମନ୍ଦିର ସେବାୟତ ବିଶ୍ୱାବସୁ ଦଇତାପତି ବିନାୟକ ଦାସମହାପାତ୍ର, ଗୋବର୍ଦ୍ଧନ ପୀଠ ପୁରୀର ଆଦିତ୍ୟ ବାହିନୀ ରାଷ୍ଟ୍ରୀୟ ମାର୍ଗଦର୍ଶକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଆନ୍ତର୍ଜାତୀୟ ଚାରଣଗୋଷ୍ଠି କଟକ ଜିଲ୍ଲା ସଙ୍ଗଠକ ପଣ୍ଡିତ ଲିଙ୍ଗରାଜ ପତି, ତରଣୀସେନ ଲେଙ୍କା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ପ୍ରମୁଖଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ବୋଲି ବାସୁଦେବ ଫାଉଣ୍ଡେସନ୍ ଟ୍ରଷ୍ଟର ସମ୍ପାଦକ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

# ଭାରତୀୟ ଜନତା ପାର୍ଟି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ



ବାସୁଦେବପୁର: ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ତ୍ତୁଂ ପଞ୍ଚାୟତର ଅମାଜିଆ ସର୍ବ ମଙ୍ଗଳା ମନ୍ଦିର ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟିର ବିଧାୟକ ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ସମସ୍ତ ଭାଇ ଭଉଣୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭାରତର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ସଫଳତା କଥା ବର୍ଣ୍ଣନା କରିଥିଲେ । ଏହି ସଭାରେ ରକ୍ତ ତୀର୍ଥ ଇରମ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ । ବରିଷ୍ଠ ବିଜେପି ନେତା ଅଶୋକ ସାହୁ, ଜିଲ୍ଲା ଉପ ସଭାପତି ଉଦୟ ନାରା ୟଣ ମଲ୍ଲିକ, ଡକ୍ଟର ପ୍ରତାପ ନାୟକ, କୋଷାଧକ୍ଷ ଜୟ ପ୍ରକାଶ ମଲ୍ଲିକ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ତପସ୍ୱିନୀ ମହାପାତ୍ର, ନିର୍ମଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବିଜେପିର ଭଦ୍ରକ ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାନ ସଭା ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତି ଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବା ପାଇଁ ନେତୃବର୍ଗ ମତ ପ୍ରକାଶ କରିଥିଲେ । ପ୍ରଥମେ ସୁଦର୍ଶନ ପୁର ପଞ୍ଚାୟତର ମାଛ ହାଟ ଛକ ରେ ସମସ୍ତେ ଏକତ୍ର ହୋଇଥିଲେ ଓ ତାପରେ ଗୁଡ ବଳଦେବଜୀଉ ମନ୍ଦିର ଯାଇ ସେଠାରେ ବାଣୀ କଲ୍ୟାଣ ମହାନ୍ତି ପୂଜା ଅର୍ଚ୍ଚନା କରିଥିଲେ ଓ ପରେ ଇରମ ଯାଇ ତାପରେ ଅମଜିଆ ରେ ସଭା କରିଥିଲେ । ବାଇକ୍ ରାଲିରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ ।

# ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡିର ବୁଥସ୍ତରୀୟ ବିଶାଳ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ



ଲଙ୍ଗଳେଶ୍ୱର , ୦୫/୫ (ନି.ପ୍ର): ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ଉଷ୍ମତା ସେତିକି ବଢିବାରେ ଲାଗିଛି । ଖରାକୁ ଖାତିର ନକରି ପ୍ରଚାର ପ୍ରସାରରେ ଲାଗିଛନ୍ତି ପ୍ରାର୍ଥୀ ଓ ତାଙ୍କ ସମର୍ଥକ । ବିରୋଧିଙ୍କୁ ମାତ ଦେବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି ବିଭିନ୍ନ ଦଳ । ଏହି ପରିପ୍ରେକ୍ଷୀରେ ରବିବାର ବସ୍ତା ବିଜୁ ଜନତା ଦଳ ପକ୍ଷରୁ ଏକ ମେଗା ବୁଥ୍ ସ୍ତରୀୟ କର୍ମୀ ସମ୍ମିଳନୀ ବାଲିଆପାଳ ସ୍ଥିତ ଲଙ୍ଗଳେଶ୍ୱର ଠାରେ ଆୟୋଜିତ ହୋଇଯାଇଛି । ଯେଉଁଥିରେ ପାଖାପାଖି ୧୦ ହଜାର କର୍ମୀ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ବସ୍ତା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନା ଓ ବାଲେଶ୍ୱର ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ଯୋଡ ହସ୍ତରେ ଧନ୍ୟବାଦ ଜଣାଇ ସେମାନଙ୍କ ଆଶୀର୍ବାଦ ଓ ସହଯୋଗ କାମନା କରିଥିଲେ । କର୍ମୀଙ୍କୁ ସମ୍ବୋଧନ କରି, ବସ୍ତା - ବାଲିଆପାଳର ସାମଗ୍ରୀକ ଉନ୍ନତି ପାଇଁ ଦଳ ମତ ନିର୍ବିଶେଷରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶ୍ରୀମତୀ ଜେନା ସଭିଙ୍କୁ ଆହ୍ୱାନ କରିଥିଲେ । ଅନ୍ୟପକ୍ଷେ ବାଲେଶ୍ୱର ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଅଞ୍ଚଳବାସୀଙ୍କ ଅଗାଢ ବିଶ୍ୱାସ ଦେଖି ଆତ୍ମବିଭୋର ହେବା ସହ ନବୀନ ସରକାରଙ୍କ କଲ୍ୟାଣକାରୀ କାର୍ଯ୍ୟରେ ଭାଗିଦାର ହେବା ପାଇଁ ଆହ୍ୱାନ କରିଥିଲେ । ବାଲେଶ୍ୱର ଜିଲ୍ଲାର ବିକାଶ ପୁରୁଷ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଅଞ୍ଚଳବାସୀଙ୍କ ପାଇଁ ଅଟକି ଥିବା ବିକାଶ ଧାରାକୁ ଆଗକୁ ନେଇ, ବିରୋଧିଙ୍କୁ ମୁହଁ ତୋଡ଼ ଜବାବ ଦେବା ସହ ଆସନ୍ତା ଜୁନ୍ ୧ ତାରିଖରେ ଶଙ୍ଖ ଚିହ୍ନରେ ଦୁଇ ଥର ବଟନ୍ ଦବାଇ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଭାବେ ସୁବାସିନୀ ଜେନାଙ୍କୁ ଏବଂ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରିଥିଲେ । ଏହି ଅବସର ରେ ଶତାଧିକ କର୍ମୀ ଅନ୍ୟ ଦଳ ଛାଡି ବିଜେଡି ରେ ସାମିଲ ହୋଇ ଥିଲେ, ଉଭୟ ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନା ଏବଂ ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ,ବସ୍ତା ବ୍ଲକ ସଭାପତି ଅନିଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲୋକସଭା କ୍ଷେତ୍ରର ସହ ପର୍ଯ୍ୟବେକ୍ଷକ ମାନସ ଦାସପଟ୍ଟନାୟକ, ବସ୍ତା ନିର୍ବାଚନ ମଣ୍ଡଳୀର ସହ-ପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର, ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ଦାସ, ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳି ଦାସ, ଜିଲ୍ଲା ବରିଷ୍ଠ ଉପ ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ଉପ-ସଭାପତି ଲକ୍ଷ୍ମୀଧର ଦାସ, ସୁବ୍ରତ ପଣ୍ଡା, ଦେବ କୁମାର ଦେ, ବ୍ରିଟ ଅଧକ୍ଷ ଆଲୋକ କୁମାର ସାହୁ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଅଜୟ ସାମଲ, ଜିଲ୍ଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ର, ଜିଲ୍ଲାପରିଷଦ ସଦସ୍ୟା ଦେବିକା ସୋରେନ୍, ସୁଜାତାରାଣୀ ଦଣ୍ଡପାଟ, ବିଷ୍ଣୁପ୍ରିୟା ବୁଗୁଡି, କାଞ୍ଚନ ଜେନା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନାଙ୍କ ସମେତ ବରିଷ୍ଠ ନେତା ଶଶଧର ପ୍ରଧାନ, ଚକ୍ରଧର ଗିରି, ଦେବେନ୍ଦ୍ର ଗିରି, ମହାଦେବ ଦାସ, ହାଡିବନ୍ଧୁ ରାଉତ, ବ୍ଲକ ମହିଳା ସଭାପତି ଲିପିକା ରାଉଳ, କସ୍ତୁରୀବାଳା ପାତ୍ର, ବ୍ଲକ ଯୁବଛାତ୍ର ସଭାପତି ସଂଗ୍ରାମ ପରିଡ଼ା, ସୁଶାନ୍ତ ବେହେରାଙ୍କ ସମେତ ହଜାର ହଜାର କର୍ମକର୍ତ୍ତା । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରାଇଥିଲେ ।

# ବୃଦ୍ଧା ବୟସରେ ସମାଜସେବୀଙ୍କ ପରଲୋକ



ବେତନଟୀ, ୦୫/୫ (ନି.ପ୍ର): ବେତନଟୀ ସୁବାସ ବୋଷ ଛକ ନିକଟ ବାସଭବନରେ ବହୁ ବର୍ଷରୁ ବସବାସ କରୁଥିବା ସ୍ୱର୍ଗତ ଚକ୍ରଧର ପରିଡାଙ୍କ ଧର୍ମପତ୍ନୀ ମଞ୍ଜୁବାଳା ପରିଡାଙ୍କ ଶନିବାର ଦିନ ରାତିରେ ଦେହାନ୍ତ ଘଟିଛି । ଅନେକ ଦିନରୁ ସେ ରୋଗଶଯ୍ୟାରେ ରହି ଚିକିତ୍ସିତ ହେଉଥିଲେ । ମୃତ୍ୟୁ ସମୟରେ ତାଙ୍କର ୭୯ ବର୍ଷ ହୋଇଥିଲା । ମଞ୍ଜୁବାଳାଙ୍କ ସ୍ୱାମୀ ସ୍ୱର୍ଗତ ଚକ୍ରଧର ପରିଡା ଜଣେ ମାଇନ୍ସ ଇଞ୍ଜିନିଅର ଭାବେ ବେତନଟୀ ଅଞ୍ଚଳରେ ବେଶ ପରିଚିତ ଥିଲେ । ସେ ଓ ତାଙ୍କ ସାନଭାଇ ବରିଷ୍ଠ ଆଇନଜୀବୀ ହିମାଂଶୁ କୁମାର ପରିଡା ବେତନଟୀସ୍ଥିତ ବାସଭବନରେ ବସବାସ କରୁଥିଲେ । ଚକ୍ରଧର ଚାକିରୀରୁ ଅବସର ପରେ ୭୭ବର୍ଷ ବୟସରେ ୨୦୧୩ମସିହାରେ ରୋଗଗ୍ରସ୍ତ ଯୋଗୁ ତାଙ୍କର ଦେହାନ୍ତ ଘଟିଥିଲା । ସେ ତାଙ୍କ ଧର୍ମପତ୍ନୀ ସହିତ ମିଳିତ ଭାବେ ତାଙ୍କ ଜୀବନକାଳ ମଧ୍ୟରେ ଅନେକ ସମାଜସେବା କାର୍ଯ୍ୟକ୍ରମ କରି ଥିଲେ । ମଞ୍ଜୁବାଳା ଜଣେ ଅତି ମେଳାପୀ ଓ ପରୋପକାରୀ ମହିଳା ଥିଲେ । ତାଙ୍କର ଏପରି ଦେହାନ୍ତରେ ବେତନଟୀରେ ଏକ ପ୍ରକାର ଶୋକର ଛାୟା ଖେଳିଯାଇଛି । ଶେଷକୃତ୍ୟ ସମ୍ପନ୍ନ ସମୟରେ ତାଙ୍କ ପୁତ୍ର ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଲଲାଟେନ୍ଦୁ ପରିଡା ଓ ଟାକ୍ସ କନସଲଟାଣ୍ଟ ଲଳିତେନ୍ଦୁ ପରିଡା, ପୁତ୍ରବଧୂ , ନାତି, ନାତୁଣୀଙ୍କ ସମତେ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ । ବେତନଟୀ ଆର୍ଗ୍ରିଆ ସ୍ଥିତ ପୁରାତନ ବାସଭବନଠାରେ ସମସ୍ତ ପରିବାର ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ମଞ୍ଜୁବାଳାଙ୍କ ଦେହାନ୍ତରେ ବେତନଟୀର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହିମାଂଶୁ କୁମାର ପରିଡା, ଜୟନ୍ତ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମହାପାତ୍ର, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା, ଆନନ୍ଦ ବଜାର ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟଙ୍କ ସମେତ ଅନେକ ସାମାଜିକ ସଂଗଠନର ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି ।

# ଲକ୍ଷାଧିକ ମୂଲ୍ୟର ଗଞ୍ଜେଇ ଜବତ୍ ୩ କୋର୍ଟ ଚାଲାଣ

ସମ୍ବଲପୁର, ୦୫/୫ (ନି.ପ୍ର): ସଦରଥାନା ପୋଲିସର ଏକ ସ୍କାର୍ଡ କବରାପାଲି ପଂଚାୟତ କୁଟୁରାଝୁରୀ ଗ୍ରାମରୁ ଏକ ହୋଣ୍ଡା ବ୍ରିଓ କାର (ଓଡି-୧୭ କେ ୦୪୫୨)ରେ ବେଆଇନ ଭାବେ ପରିବହନ ହେଉଥିବା ୬୦୩.୩୦ କେଜି ଗଞ୍ଜେଇ ଜବତ୍ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୬ ଲକ୍ଷ ଟଙ୍କାର ହେବ ବୋଲି ସଦର ପୋଲିସ ଆକଳନ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କବରାପାଲି ଗ୍ରାମର ଲଳିତ ଭୋଇ(୫୪), ସମ୍ବଲପୁର କୁଞ୍ଜେଲପଡାର ସତିଶ କୁମାର ପ୍ରଧାନ(୩୮) ଓ ସୋନାପାଲିର ଏମ.ଡି. ଇସରାର(୪୯) ।

# ଅକ୍ଷୟ ଆଚାର୍ଯ୍ୟ ହେଲେ ନୀଳଗିରି କଂଗ୍ରେସ ବିଧାୟକ ପ୍ରାର୍ଥୀ



ନୀଳଗିରି, ୦୫/୫ (ନି.ପ୍ର): ନୀଳଗିରି ବିଧାନସଭା ଆସନ ପାଇଁ ଆଜି କଂଗ୍ରେସ ତାର ଟିକେଟ ଘୋଷଣା କରିଛି । କଂଗ୍ରେସର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଉପରେ ଦଳ ଭରସା ଓ ବିଶ୍ୱାସ ରଖି ଆଜି ଟିକେଟ ପ୍ରଦାନ କରିଛି । ଏନେଇ କଂଗ୍ରେସ ଶିବିରର ଦଳୀୟ ନେତା କର୍ମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି । ଅଶି ଦଶକରେ ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କର ଯେତେବେଳେ ୩୨ବର୍ଷ ବୟସ ହୋଇଥିଲା ସେତେବେଳେ ୧୯୮୦-୮୫ ମସିହାରେ କଂଗ୍ରେସରୁ ଟିକେଟ ପାଇ ବହୁ ଭୋଟ ବ୍ୟବଧାନରେ ଜିତି ଥିଲେ । ସେତେବେଳେ ନୀଳଗିରିର ଏହି ସୁଯୋଗ୍ୟ ସନ୍ତାନ ତଥା ବିକାଶ ପୁରୁଷ ନୀଳଗିରିର ରୂପରେଖ ବଦଳେଇ ଦେଇଥିଲେ । ସେତେବେଳେ ରେମୁଣା ନିର୍ବାଚନ ମଣ୍ଡଳୀର ଅର୍ଦ୍ଧାଧିକ ଅଞ୍ଚଳ ନୀଳଗିରି ନିର୍ବାଚନ ମଣ୍ଡଳୀରେ ଥିଲା । ରେମୁଣାର ହାତୀଆଗଣ୍ଡ ସେତୁ, କାଠପାଳ ସେତୁ , ନୀଳଗିରି ବସଷ୍ଟାଣ୍ଡ, ଆଇ ଟି ଡ଼ି ଏ ଅଫିସ, ଏନ ଏ ସି ଅଫିସ, ଦମକଳ ଅଫିସ, ଷ୍ଟାଡ଼ିୟମ, ଜଗନ୍ନାଥ କଲ୍ୟାଣ ମଣ୍ଡପ, ରିଡିଙ୍ଗ ରୁମ, ରାଡ଼ାର ରୋଡ଼ ମଞ୍ଜୁରୀ, କୃଷି ବିଭାଗ ଅଫିସ, ଉଦ୍ୟାନ ବିଭାଗ ଅଫିସ, ଡ଼ି ଆଇ ଅଫିସ, ବିଦ୍ୟୁତ ବିଭାଗ ଅଫିସ, ମାପ ଓ ଓଜନ ବିଭାଗ ଅଫିସ, ଆର ଏମ ସି ଅଫିସ, କୁଲଡିହା ହସ୍ତୀ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଫିସ, ରିଷିଆ -ଦାଣ୍ଡ ଘାଟ ଏମ ଆଇ ପି ନିର୍ମାଣ ଓ ଜଳ ସେଚନ ବ୍ୟବସ୍ଥା, ପ୍ରମୁଖ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିଲା । ୧୯୯୦ ନିର୍ବାଚନରେ ହାରି ଯାଇଥିଲେ ମଧ୍ୟ ପୁନର୍ବାର ୧୯୯୫-ରୁ ୨୦୦୦ ମସିହାରେ ଦଳୀୟ ଟିକେଟ ପାଇ ଜିତିବା ପରେ ନୀଳଗିରି ରେ ଅବଶିଷ୍ଟ ଉନ୍ନୟନ ମୂଳକ କାର୍ଯ୍ୟର ତାଙ୍କର ମୁଖ୍ୟ ଭୂମିକା ଥିଲା । ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ଦଳ ଆସ୍ଥା ପ୍ରକଟ କରି ପୁଣି ଟିକେଟ ଦେଇଥିବା ବେଳେ ରହି ଯାଇଥିବା ଅଧୁରା ସ୍ୱପ୍ନକୁ ସାକାର ପାଇଁ ବିକାଶର ମୁଦ୍ଦା ନେଇ ଭୋଟର ମାନଙ୍କ ପାଖକୁ ଯିବେ ବୋଲି କହିଛନ୍ତି । ଟିକେଟ ପାଇବା ପରେ ଶ୍ରୀଯୁକ୍ତ ଆଚାର୍ଯ୍ୟ ଦଳର ହାଇକମାଣ୍ଡ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ,ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ଦଳର ଓଡ଼ିଶା ପ୍ରଭାରୀ ଡଃ. ଅଜୟ କୁମାର,ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀଯୁକ୍ତ ଆଚାର୍ଯ୍ୟ ଟିକେଟ ପାଇବା ପରେ ରାଜ୍ୟ କିଷାନ କଂଗ୍ରେସ ଉପସଭାପତି ଯଶୋଦା ନନ୍ଦନ ସିଂହ,ଏନଏସ ସଭାପତି ଉପେନ୍ଦ୍ର ବେହେରା, ନୀଳଗିରି ଯୁବ କଂଗ୍ରେସ ସଭାପତି ଜୟଦେବ ବେହେରା, ପୂର୍ବତନ ଯୁବ କଂଗ୍ରେସ ସମ୍ପାଦକ ଆଦର୍ଶ ଗୌରବ ଦାସ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ ପାତ୍ର, ଯୁବ କଂଗ୍ରେସ ଉପ ସଭାପତି ସୁଧାରଞ୍ଜନ ମହାପାତ୍ର, ଶିବ ପ୍ରସାଦ ବେହେରା, ରଂଜିତ ପ୍ରଧାନ, ଅର୍ଦ୍ଧେନ୍ଦୁ ଶେଖର ରାଜପୁତ, ପ୍ରୀତି ଶଙ୍କର ମହାପାତ୍ର,ଶଶୀକାନ୍ତ ବେହେରା, ରାମ ଚନ୍ଦ୍ର ଜେନା, ଦୈତାରି ମହାଳିକ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇ ଥିଲେ ।

# ବିଷ୍ଣୁପୁର ସରପଞ୍ଚ କୋର୍ଟ ଦ୍ୱାରା ପୁନଃ ଅବସ୍ଥାପିତ



ବାଲିଆପାଳ , ୦୫/୫ (ନି.ପ୍ର): ବାଲିଆପାଳ ବ୍ଲକ ଅଧିନ ବିଷ୍ଣୁପୁର ସରପଞ୍ଚ ଏବେ କୋର୍ଟ ଦ୍ୱାରା ତାଙ୍କ ପଦବୀରେ ପୁନଃ ଅବସ୍ଥାପିତ ହେବେ । କୋର୍ଟର ଏହି ରାୟ ଫଳରେ ପଦବୀ ହରାଇ ଥିବା ସରପଞ୍ଚ ମହେଶ୍ୱର ଜେନା ଆଶ୍ୱସ୍ତ ହୋଇଛନ୍ତି । ଜିଲ୍ଲା ସିନିୟର୍ ସିଭିଲ ଜଜ୍ କୋର୍ଟ ଇଲେକ୍ସନ ଅପିଲ ନଂ ୦୩/୨୪ ତଥା ସି ଏନ୍ ଆର୍ ନଂ ଓ ଡ଼ି ବିଏସ ନଂ ୦୧-୦୦୧୩୬୬/୨୪ ମୂଳେ ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସରପଞ୍ଚ ପଦବୀରେ ଅବସ୍ଥାପିତ ନାଏବ ସରପଞ୍ଚ ତାଙ୍କ ପଦବୀ ଛାଡ଼ିବେ । ପ୍ରକାଶ ଥାଉ କି ଗତ ମାସ ୨୦ ତାରିଖ ଦିନ ଜିଲ୍ଲା ସିଭିଲ ଜଜ୍ କୋର୍ଟ ସରପଞ୍ଚ ପଦକୁ ନେଇ ଏକ ମାମଲାର ଶୁଣାଣି କରି ବିଷ୍ଣୁ ପୁର ସରପଞ୍ଚ ମହେଶ୍ୱର ଜେନାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ । ତହିଁ ପରଦିନ ବିଡିଓ ନାଏ ବ ସରପଞ୍ଚଙ୍କୁ ସରପଞ୍ଚ ପଦବୀରେ ଅବସ୍ଥାପିତ କରିଥିଲେ ।

# ଡ଼ାଃ ସୁରଥ କୁମାର ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ସ୍ମୃତି ଦିବସ ପାଳନ




ଭଦ୍ରକ , ୦୪/୫ (ନି.ପ୍ର): ଡ଼ା. ସୁରଥ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତି ସଭା ଭାଗବତ କଲ୍ୟାଣ ମଣ୍ଡପ ଠାରେ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅତିଥିମାନଙ୍କୁ ବୈଲୋଚନ ବେହୁରିଆ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ବେଦ ପାଠ କରିଥିଲେ ବେଦବିତ୍ ଘନଶ୍ୟାମ ଲେଙ୍କା । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶିକ୍ଷାବିତ୍ ଗୟାଧର ପଣ୍ଡା । ଡ଼ାଃ ବିଶ୍ୱାଳଙ୍କ ଜୀବନ ଉପରେ ବିଭିନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ଲେଖାଯାଇଥିବା ସ୍ମୃତିଗ୍ରନ୍ଥ "ସ୍ଥିତପ୍ରଜ୍ଞ ସୁରଥ" ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପୁସ୍ତକର ମୁଖ୍ୟ ସଂପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ବାରିକ୍ ପୁସ୍ତକ ସଂପର୍କରେ ସୂଚନା ଦେଇଥିଲେ ଏବଂ ହରମୋହନ କୁଅଁର ସଂପାଦକୀୟ ବକ୍ତବ୍ୟ ରଖିଥିଲେ । ଡ଼ା ସୁରଥ ବିଶ୍ୱାଳ ଜଣେ ଭେଷଜ ବିଶେଷଜ୍ଞ ଡ଼ାକ୍ତର ଭାବରେ ବାଲେଶ୍ୱର ଓ ଭଦ୍ରକରେ ବିଭିନ୍ନ ଅଞ୍ଚଳରେ ଚାକିରୀ କରି ଜଣେ ସୁନାମଧନ୍ୟ ଡ଼ାକ୍ତର ହିସାବରେ ନିଜକୁ ପରିଚିତ କରି ପାରିଥିଲେ । କୋରାପୁଟ ଜିଲ୍ଲା ମୁଖ୍ୟ ମେଡ଼ିକାଲ ଅଫିସର ଭାବେ କାର୍ଯ୍ୟ କଲାପରେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗରେ ଯୁଗ୍ମ ନିର୍ଦ୍ଦେଶକ ପଦକୁ ଉନ୍ନିତ ହୋଇଥିଲେ । ଏହି ପଦରୁ ଅବସର ନେଇ ଭଦ୍ରକରେ ରହି ଲୋକଙ୍କୁ ଡ଼ାକ୍ତରୀ ସେବାରେ ନିୟୋଜିତ କରିଥିଲେ । ବହୁ ସାମାଜିକ ଅନୁଷ୍ଠାନରେ ଜଡ଼ିତ ହୋଇ ଜଣେ ମାନବବାଦୀ ମଣିଷ ଭାବେ ନିଜକୁ ପରିଚିତ କରିପାରିଥିଲେ । ଡ଼ା. ବିଶ୍ୱାଳ ଜଣେ ସ୍ନେହୀ, ଶାନ୍ତସ୍ୱଭାବର ମଣିଷ, ମିଷ୍ଟଭାଷୀ, ସରଳ ଓ ସ୍ଥିତପ୍ରଜ୍ଞ ବ୍ୟକ୍ତିଭାବେ ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ । ଏହି ସଭାରେ ଡ଼ା ହରେକୃଷ୍ଣ ନାୟକ, ଡ଼ାଃ ଦୁର୍ଯ୍ୟୋଧନ ଦାସ, ସମ୍ବକାର ଅଭୟ ଦ୍ୱିବେଦୀ, ବରିଷ୍ଠ ଆଇନ୍‌ଜୀବୀ ନିରାକାର ଜେନା, ଶିକ୍ଷାବିତ୍ ବାବାଜି ଚରଣ ପଣ୍ଡା, ଡ଼ା. ରବିନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ କୈଳାସ ପଣ୍ଡା, ଜିତେନ୍ଦ୍ର ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ମଧୁସ୍ମିତା ବିଶ୍ୱାଳ, ଡ଼. ରାଧାରାଣୀ ମହାପାତ୍ର, ଡ଼. ରାମଚନ୍ଦ୍ର ପଣ୍ଡା, ଡ଼ା. ସୁକାନ୍ତୀ ଜେନା, ସୁଧାକର ରାଉତ, ମାୟାଧର ବିଶ୍ୱାଳ, ଡ଼ା. ମୁରଲୀଧର ସୂତାର ପ୍ରଭୃତି ବ୍ୟକ୍ତିମାନେ ଉପସ୍ଥିତ ରହି ଡ଼ା. ବିଶ୍ୱାଳଙ୍କ ଗୁଣାବଳୀ ବିଷୟରେ ଆଲୋଚନା କରିଥିଲେ । ଏତଦ୍‌ଭିନ୍ନ ଏହି ସଭାରେ ଉପସ୍ଥିତ ଥିଲେ ଡ଼. ରାମଚନ୍ଦ୍ର ନାୟକ, ଡ଼ା. ରବୀନ୍ଦ୍ର ଓଝା, ପବିତ୍ର ପାଣିଗ୍ରାହୀ, ଡ଼. ପ୍ରଭାତ ନଳୀନୀ ମହାପାତ୍ର, ଗୀତାରାଣୀ ଆଇଚ, ଡ଼. ଗୋଲକ ବିହାରୀ ସାହୁ, ଡ଼. ପ୍ରମୋଦ କୁମାର ନାୟକ, ଚନ୍ଦ୍ର ଶେଖର ନାୟକ, କୈଳାସ ଚନ୍ଦ୍ର ନାୟକ, ଲଲାଟେନ୍ଦୁ ମହାନ୍ତି, ବାବୁଲାଲ ଦାସ, ମନୋରଞ୍ଜନ ଦାସ, ମନୋରମା ରାଏ, ଜାନକୀ ପାଢ଼ୀ, ରୂପକ ବିହାରୀ ରାଏ, ପ୍ରଶାନ୍ତ କୁମାର ସାହୁ, ଲକ୍ଷ୍ମୀକାନ୍ତ ବାରିକ୍ , ରତ୍ନାକର ଦାସ ଓ ଅମର କୁମାର ପାଣିଗ୍ରାହୀ ଏବଂ ଅନେକ ବ୍ୟକ୍ତି ବିଶେଷମାନେ । ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ପରମାନନ୍ଦ ସାହୁ । ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ପ୍ରଫୁଲ କୁମାର ମାଝୀ, ମନୋରଂଜନ ରାଉଳ, ଆଶିଷ କୁମାର ନାୟକ, ସନ୍ତୋଷ କୁମାର ରାଉତ ଓ ଅଭିମନ୍ୟୁ ନାୟକ ।

# ଅବକାରୀ ବିଭାଗ ତରଫରୁ ମିଳିତ ଚଢାଉ

ଜୟପୁର, ୦୫/୫ (ନି.ପ୍ର): ଜୟପୁର ଅବକାରି ବିଭାଗ ତରଫରୁ ମିଳିତ ଚଢାଉ କରାଯାଇଛି । ନିଳାଗୁଡା ଓ ଚନ୍ଦନବାଡ ସାହିରେ ଚଢାଉ କରଛି । ଏନେଇ ୩ଟି ମାମଲା ରୁଜୁ କରିଛି । ୨ ଜଣ ଅଭିଯୁକ୍ତକୁ ଗିରଫ କରିଛି । ଚନ୍ଦନବାଡ ସାହିରୁ ଦୁଇ ଅଭିଯୁକ୍ତ କୁ ଗିରଫ କରି ୧୮ ଲିଟର ଦେଶି ମଦ ଜବତ କରିଛି । ସେହିପରି ନିଳାଗୁଡା ଜଙ୍ଗଲରେ ଚଢାଉ କରି ୨୨ ଶହ ଲିଟର ପୋଚ ୬୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଛି ।

# ହରିଶ୍ଚନ୍ଦ୍ର ଯୋଜନାରୁ ସହାୟତା ନମିଳିବାରୁ ଶବ ପୋଡି ରହିଲା ୧୫ ଘଣ୍ଟା

ବେତନଟୀ, ୦୫/୫ (ନି.ପ୍ର): ବେତନଟୀ ଥାନା ଅଧୀନ ବେତନଟୀ ପଞ୍ଚାୟତର ଭୋଗବାଟି ଗ୍ରାମର ୧୫ ନମ୍ବର ୱାର୍ଡର ଭୂୟାଁସାହୀର ଚମି ନାଏକ (୬୫)ର ବୃଦ୍ଧାର ଶବ ୧୫ ଘଣ୍ଟା ପରେ ଶବ ସତ୍କାର କରାଯାଇଛି । ଘଟଣାରୁ ପ୍ରକାଶ ବୃଦ୍ଧାଙ୍କ ଏକ ମାତ୍ର (ପୂର୍ବତନ ୱାର୍ଡ ମେମ୍ବର) ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କ ପୁତ୍ରବୋଧୂ ପାଖରେ ରହୁଥିଲେ । ବୟସ ଅଧୀକ ହେତୁ ଶୁକ୍ରବାର ପ୍ରାୟ ୭ ଟା ସମୟରେ ତାଙ୍କ ବାସଗୃହରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ପୁତ୍ରବୋଧୂଙ୍କ ହାତରେ ଟଙ୍କା ନଥିବାରୁ ଶବ ସତ୍କାର ପାଇଁ ସାହୀର ଲୋକଙ୍କୁ ଜଣାଇଥିଲେ । ଏହି ଖବର ଜାଣିବା ପରେ କେତେକ ଗ୍ରାମବାସୀ ବେତନଟୀ ପଞ୍ଚାୟତର ସରପଞ୍ଚର ଦୃଷ୍ଟି ଆକର୍ଷଣ କରିଥିଲେ । ସରପଞ୍ଚଙ୍କୁ ଜଣାଇବା ପରେ ମଧ ହରିଶ୍ଚନ୍ଦ୍ର ଯୋଜନାର ଟଙ୍କା ମିଳିନ ପାରିବାରୁ ଯୁବ ନେତା ଲଲାଟେନ୍ଦୁ ବେହେରା, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, କଂଗ୍ରେସ ବ୍ଲକ ସଭାପତି କୁସଧର ବେହେରା ଘଟଣା ସ୍ଥଳରେ ପହଞ୍ଚି ଅର୍ଥକ ସହାୟତା ଦେବା ସହ ଶବ ସତ୍କାର ପାଇଁ ସାହାଯ୍ୟ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo